
# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୯/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 29/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 123 | ମୂଲ୍ୟ ₹୭/-

## ଦୁଃଖ ବଖାଣିଲେ ବରୁଣ ଧାୱନ

'ବର୍ଡର ୨'ର ସଫଳତା ସତ୍ତ୍ୱେ ଅଭିନେତା ବରୁଣ ଧାୱନ ଝିଅ ଲାରାଙ୍କ ଗମ୍ଭୀର ରୋଗକୁ ନେଇ ଦୁଃଖିତ ଅଛନ୍ତି। ଏହା ବର୍ଣ୍ଣନା କରିବା ବେଳେ ସେ ଭାବପ୍ରବଣ ହୋଇପଡ଼ିଥିଲେ।

୦୨

୧୪

## ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିଶନ

ଜାପାନିଜ ଫର୍ମୁଲା-୧ ଗ୍ରାଁ.ପ୍ରି ପାଇଁ ପୋଲ ପୋଜିଶନ ହାସଲ କରିଛନ୍ତି ମର୍ସିଡିଜ ଡ୍ରାଇଭର କିମି ଆଣ୍ଟୋନେଲି।







ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଲକ୍‌ଡାଉନ୍ ଭଳି ସ୍ଥିତି ଉପୁଜିପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଭାରତ ତଥା ଓଡ଼ିଶାରେ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଏବେଠୁ ସାଇକେଲ ଚଳାଇବା ଅଭ୍ୟାସ କରିବାକୁ ଆହ୍ୱାନ ଦେଇ ବନ୍ଦେ ମାତରମ୍ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ସଚେତନତା ସୃଷ୍ଟି କରାଯାଉଛି। **(ଫଟୋ : ମନୋରଞ୍ଜନ ମିଶ୍ର)**

# ମୋଦି-ଟ୍ରମ୍ପ୍ ଆଲୋଚନାରେ ମସ୍କ

**ଟ୍ରମ୍ପ୍ ପ୍ରଶାସନଠାରୁ ଦୀର୍ଘଦିନ ଧରି ଦୂରେଇ ରହିଥିବା ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନିକଟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ତାହାକୁ ନେଇ ବିବାଦ ଦେଖାଦେଇଛି। ନ୍ୟୁୟର୍କ ଟାଇମ୍ସର ଏ ସଂକ୍ରାନ୍ତ ରିପୋର୍ଟକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟପକ୍ଷରେ ବିଶ୍ଳେଷକଙ୍କ ମତରେ ମସ୍କ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ଲାଗି ଟ୍ରମ୍ପ୍‌ଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି।**

## ଖଣ୍ଡନ କଲା ଭାରତ



ଡୋନାଲ୍ଡ ଟ୍ରମ୍ପ୍ | ଏଲନ୍ ମସ୍କ | ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୨୮।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମାର୍ଚ୍ଚ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍ କରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଫେବୃଆରୀ ୨୮ରେ ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧ ଆରମ୍ଭ କରିଥିଲେ ମଧ୍ୟ ଏହାର ୨୪ ଦିନ ପରେ ଟ୍ରମ୍ପ୍ ମୋଦିଙ୍କୁ ଫୋନ୍ କରିଥିଲେ। ଯୁଦ୍ଧ ଅବଧି ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ଆଲୋଚନା ଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ତେଜିଛି। ବିଶ୍ୱର ଦୁଇ ପ୍ରମୁଖ ନେତାଙ୍କ କଥାବାର୍ତ୍ତା ବେଳେ ଜଣେ ବେସରକାରୀ ବ୍ୟକ୍ତି କିଭଳି ଉପସ୍ଥିତ ରହିଲେ ବୋଲି ପ୍ରଶ୍ନ ଉଠିଛି।

ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ ନାମ ପ୍ରକାଶ ନ କରି ନ୍ୟୁୟର୍କ ଟାଇମ୍ସ ଏହି ରିପୋର୍ଟ ପ୍ରକାଶ କରିଥିଲେ ହେଁ ଏହି ବିଷୟକୁ ଭାରତ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ପ୍ରବକ୍ତା ନ୍ୟୁୟର୍କ ଟାଇମ୍ସର ଏହି ରିପୋର୍ଟକୁ ଖଣ୍ଡନ କରି କହିଛନ୍ତି, ଉକ୍ତ ରିପୋର୍ଟ ଆମେ ପଢ଼ିଛୁ। କିନ୍ତୁ ଟ୍ରମ୍ପ୍-ମୋଦିଙ୍କ ଆଲୋଚନା ସମୟରେ କେବଳ ସେହି ଦୁଇ ଜଣ ହିଁ ଉପସ୍ଥିତ ଥିଲେ, ସେଠାରେ ଅନ୍ୟ କେହି ନ ଥିଲେ। ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଦୁଇ ନେତା ଆଲୋଚନା କରୁଥିଲାବେଳେ ସେଠାରେ ଅନ୍ୟ ଜଣଙ୍କ ଉପସ୍ଥିତି କିଭଳି ସମ୍ଭବ ହେବ ବୋଲି ପ୍ରବକ୍ତା ଜଣକ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ମୋଦି 'X'ରେ ପୋଷ୍ଟକରି ଯୁଦ୍ଧକୁ ନେଇ ଉପୁଜିଥିବା ସଙ୍କଟର ସମାଧାନ ଦିଗରେ କଥାବାର୍ତ୍ତା ହୋଇଥିବା ଉଲ୍ଲେଖ କରିଥିଲେ। ବିଶେଷକରି ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ବୈଶ୍ୱିକ ଇନ୍ଧନ ଯୋଗାଣ କ୍ଷେତ୍ରକୁ ପ୍ରଭାବିତ କରିଥିବାରୁ ଏହାକୁ ମୁକ୍ତ କରି ତୈଳ ଓ ଗ୍ୟାସ୍ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ କରିବାକୁ ଆଲୋଚନା ହୋଇଥିବା ମୋଦି କହିଥିଲେ।

# ଯୁକ୍ତ୨ ପରୀକ୍ଷା ଦେଲେନି ୫୦୩୧ ଛାତ୍ରୀଛାତ୍ର

## ଏପ୍ରିଲ ୨ରୁ ଖାତାଦେଖା

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଚଳିତ ବର୍ଷ ମୋଟ ୪ ଲକ୍ଷ ୧ ହଜାର ୬୨୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବାବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୫୦୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି। କଳାରେ ସର୍ବାଧିକ ୩୧୫୭ ପିଲା ପରୀକ୍ଷା ଦେଇ ନ ଥିବାବେଳେ ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯ ଓ ଧନ୍ଦାମୂଳକ ଶିକ୍ଷାରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏପ୍ରିଲ ୨ରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଖାତାଦେଖା ଚାଲିବ। ଅନ୍‌ଲାଇନ୍ ଖାତାଦେଖା ପାଇଁ ୭୫ଟି ଏବଂ ଅଫ୍‌ଲାଇନ୍ ପାଇଁ ୭୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ୨୬ ଯାଏ ଖାତାଦେଖା ହେବ। ମୋଟ ୧୬ ହଜାର ଅଧ୍ୟାପିକା/ଅଧ୍ୟାପକ ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମାସେ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟେବୁଲେଶନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ୪୦ରୁ ୪୫ ଦିନ ଅର୍ଥାତ୍ ମେ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀଙ୍କ ପାଇଁ ପାନୀୟ ଜଳ ☞ **ପୃଷ୍ଠା-୪**

**ଆଜିର ସମ୍ପାଦକୀୟ**

**ପକ୍ଷପାତିତା ଭାର**

# ଏପ୍ରିଲ ୧ରୁ ନୂଆ ସୁଭଦ୍ରା ଆବେଦନ

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ତଥା ପ୍ରମୁଖ କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ସାମିଲ ହେବେ। ଏଥିପାଇଁ ଏପ୍ରିଲ ୧ରୁ ନୂଆ ଆବେଦନ ଆରମ୍ଭ ହେବ। ଏହା ଏପ୍ରିଲ ୩୦ ପର୍ଯ୍ୟନ୍ତ ଅର୍ଥାତ୍ ଏକମାସ ଧରି ଚାଲିବ। ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ୨୦୧୬ ଏପ୍ରିଲ ୧ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ଦୁଇଟି କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ବୋଲି ଶନିବାର ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରିପାରିବେ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଇପାରିବେ। ସୁଭଦ୍ରା ଯୋଜନାରେ ଯେପରି କୌଣସି ଯୋଗ୍ୟହିତାଧିକାରୀ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦିଆଯାଇଛି।










**ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**

ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଶନିବାର ସକାଳେ ୧୬୧ ଯାତ୍ରୀଙ୍କୁ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଦିଲ୍ଲୀ ଯାଉଥିବାବେଳେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏହାକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଉଥିବାବେଳେ କୌଣସି କ୍ଷୟକ୍ଷତି ଘଟି ନ ଥିବା ଅଗ୍ନିଶମ ବିଭାଗ କହିଛି।



ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଏକଚାଟିଆ ଶାସନ ବ୍ୟବସ୍ଥା ବିରୋଧରେ ଶନିବାର ୱାଶିଂଟନଠାରେ ଅନୁଷ୍ଠିତ 'ନୋ କିଙ୍ଗସ ପ୍ରୋଟେଷ୍ଟ'ରେ ବହୁସଂଖ୍ୟାରେ ଲୋକେ ଯୋଗ ଦେଇଛନ୍ତି।

# ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ଗିରଫ

କାଠମାଣ୍ଡୁ,୨୮।୩ (ପି.ଟି.)

ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ବଲେନ୍ଦ୍ର ଶାହ ଶପଥ ନେବାର ଦିନକ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଶନିବାର ଗିରଫ କରାଯାଇଛି। ଗତବର୍ଷ ନେପାଳରେ ଜେନ୍ ଜି ଆନ୍ଦୋଳନ ଦମନକୁ ନେଇ ତଦନ୍ତ କମିଶନଙ୍କ ରିପୋର୍ଟ ଆଧାରରେ ନୂଆ ସରକାର ଓଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସିପିଏନ୍-ୟୁଏମ୍ଏଲ୍ ଅଧ୍ୟକ୍ଷ ଓଲିଙ୍କୁ ଭକ୍ତପୁର ଜିଲାର ଗୁଣ୍ଡୁ ଅଞ୍ଚଳରୁ ଗିରଫ କରାଯାଇଥିବାବେଳେ ପୂର୍ବତନ ଗୃହମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ନେତା ରମେଶ ଲେଖକଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଥିବା ପୋଲିସ କହିଛି।

ଗତବର୍ଷ ସେପ୍ଟେମ୍ବର ୮ ଓ ୯ରେ ନେପାଳରେ ଜେନ୍ ଜି ଆନ୍ଦୋଳନ ଜୋର୍‌ଦାର ହୋଇଥିଲା, ଯେଉଁଥିରେ ବହୁ ଯୁବକଙ୍କ ସମେତ ୭୬ ଜଣଙ୍କ ଜୀବନ ଯାଇଥିଲା। ଆନ୍ଦୋଳନକୁ ଦମନ କରିବାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓଲି ଏବଂ ଗୃହମନ୍ତ୍ରୀ ଲେଖକ ସମ୍ପୃକ୍ତ ଥିବା ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଆପରାଧିକ ଆଇନ ଅନୁଯାୟୀ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ କମିଶନ ସୁପାରିସ କରିଥିଲେ।

## ପ୍ରତିବାଦରେ ସିପିଏନ୍-ୟୁଏମ୍ଏଲ୍‌ର ବିକ୍ଷୋଭ


କେ.ପି. ଶର୍ମା ଓଲି

ଓଲିଙ୍କ ଗିରଫଦାରିକୁ ନେଇ ନେପାଳୀ ରାଜନୈତିକ ଦଳଗୁଡ଼ିକ ନବଗଠିତ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦଳର ଅଧ୍ୟକ୍ଷଙ୍କୁ ଗିରଫ କରାଯିବା ଏକ ରାଜନୈତିକ ପ୍ରତିଶୋଧ ବୋଲି କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନାଇଟେଡ୍ ମାର୍କ୍ସିଷ୍ଟ-ଲେନିନିଷ୍ଟ) (ସିପିଏନ୍-ୟୁଏମ୍ଏଲ୍) ସମ୍ପାଦକ ମହେଶ ବସନେଟ୍ କହିଛନ୍ତି। ଓଲିଙ୍କ ଗିରଫଦାରି ପ୍ରତିବାଦରେ ସିପିଏନ୍-ୟୁଏମ୍ଏଲ୍ ପକ୍ଷରୁ ନେପାଳର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି।

# ନାଗରିକଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ରାଜନାଥ

ନୂଆଦିଲ୍ଲୀ,୨୮।୩

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗିରହିଥିବାବେଳେ ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯୁଦ୍ଧର ଯେକୌଣସି ପ୍ରଭାବରୁ ଭାରତୀୟମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଯୁଦ୍ଧ ସ୍ଥିତିକୁ ନେଇ ରାଜନାଥଙ୍କ ଅଧ୍ୟକ୍ଷତାରେ ଏକ ଅଣଆନୁଷ୍ଠାନିକ ମନ୍ତ୍ରୀଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନ୍ଧନ ଯୋଗାଣ, ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସ୍ଥିରତା ଓ ଯୋଗାଣ ଶୃଙ୍ଖଳର ସୁଦୃଢ଼ତାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ସରକାର ନେଇ ଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ୍ ସିଂ ପୁରୀ, ଶକ୍ତି ମନ୍ତ୍ରୀ ମନୋହରଲାଲ୍, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଧ୍ୟପ୍ରାଚ୍ୟରେ ରୁଷିଆ-ୟୁକ୍ରେନ୍ ପରୋକ୍ଷ ଲଢ଼େଇ

**ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧକୁ ସପ୍ତାହ ମଧ୍ୟରେ ଶେଷ କରିବାକୁ ଯୋଜନା କରିଥିଲେ ହେଁ ଏହି ଯୁଦ୍ଧ ଏବେ ଦୀର୍ଘମିଆଦୀ ଯୁଦ୍ଧରେ ପରିଣତ ହୋଇଛି। ଦୁଇ ଶତ୍ରୁ ରାଷ୍ଟ୍ରଙ୍କ ଆକ୍ରମଣକୁ ଇରାନ୍ ଯେଭଳି ମୁକାବିଲା କରିଚାଲିଛି ତାହା କେବଳ ଆମେରିକା କିମ୍ବା ଇସ୍ରାଏଲ ନୁହେଁ, ପାଶ୍ଚାତ୍ତ ଜଗତର ବହୁ ଶକ୍ତିଶାଳୀ ଦେଶକୁ ମଧ୍ୟ ବିସ୍ମିତ କରିଦେଇଛି। ତେବେ ଇରାନ୍‌ର ଏହି ଦୃଢ଼ ସାମର୍ଥ୍ୟ ପଛରେ ତାହାର ଡ୍ରୋନ୍ କ୍ଷମତା ହିଁ ଶତ୍ରୁ ରାଷ୍ଟ୍ରଙ୍କ ପାଇଁ କାଳ ହୋଇଛି। କିନ୍ତୁ ଇରାନ୍ ନିର୍ମିତ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଅସ୍ତ୍ର ଯୋଗାଣକୁ ନେଇ ମଧ୍ୟପ୍ରାଚ୍ୟ ଏବେ ଏକ ଗୋଲକ ଚକ୍ର (ୱେପନ୍ ସପ୍ଲାଇ ଲୁପ୍)ରେ ପରିଣତ ହୋଇଛି। କେବଳ ସେତିକି ନୁହେଁ, ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟ ପରୋକ୍ଷ ଯୁଦ୍ଧକୁ ଓହ୍ଲାଇଛନ୍ତି।**

ତେହରାନ୍/ରିଆଧ ,୨୮।୩

ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ୧ ମାସରେ ପହଞ୍ଚିଛି। ଇରାନ୍‌ର ଆୟାତୋଲ୍ଲା ଖାମେନେଇ ନେତୃତ୍ୱାଧୀନ ସରକାରକୁ ହଟାଇ ସେଠାରେ ନୂଆ ସରକାର ପ୍ରତିଷ୍ଠା କରିବା ସହ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ କରିବାକୁ ଯୋଜନା କରିଥିବା ଆମେରିକା ଏବେ ମହାଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି। ଆମେରିକା ଓ ଇସ୍ରାଏଲ ଭଳି ୨ ମହାଶକ୍ତିଙ୍କୁ ଇରାନ୍ ଲଗାତର ଭାବେ ଯେଭଳି ମୁକାବିଲା କରିଚାଲିଛି; ତାହା କେବଳ ଏହି ଦୁଇ ରାଷ୍ଟ୍ର ନୁହନ୍ତି, ବିଶ୍ୱର ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରଙ୍କୁ ମଧ୍ୟ ବିସ୍ମିତ କରିଦେଇଛି। ତେବେ ଇରାନ୍‌ର ଏହି ଦୃଢ଼ ସାମର୍ଥ୍ୟ ପଛରେ ତାହାର ବୃହତ୍ ଡ୍ରୋନ୍ କ୍ଷମତା ହିଁ ସହାୟକ ହୋଇଛି। ସ୍ୱଳ୍ପ ବ୍ୟୟରେ ଇରାନ୍ ନିର୍ମାଣ କରିଥିବା ଡ୍ରୋନ୍ ଦ୍ୱାରା ଆମେରିକାକୁ ଟାର୍ଗେଟ କରି ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶ ଉପରେ ଆକ୍ରମଣ କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲାବେଳେ ଆମେରିକା ଏହି ଡ୍ରୋନ୍‌କୁ ପ୍ରତିହତ କରିବାକୁ ବହୁ କୋଟି ଟଙ୍କା ମୂଲ୍ୟର ଟୋମାହକ୍ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ପଡ଼ିଛି। ଆମେରିକାର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଆଗରେ ଇରାନ୍‌ର ଏହି ଶସ୍ତା ଡ୍ରୋନ୍ ମହଙ୍ଗା ପଡ଼ିଥିଲାବେଳେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ସବୁଠୁ ବଡ଼ କଥା ହେଲା ଇରାନ୍ ନିର୍ମିତ ଡ୍ରୋନ୍ ପରେ ରୁଷିଆ ଦ୍ୱାରା ଆହୁରି ବିକଶିତ ହେବା ପରେ ଏହାକୁ ଇରାନ୍ ଏବେ ଶତ୍ରୁ ରାଷ୍ଟ୍ରଙ୍କ ବିରୋଧରେ ପ୍ରୟୋଗ କରିଛି।


ଇରାନ୍‌ର 'ସାହିଦ୍-୧୩୬ କାମିକାଜେ' ଡ୍ରୋନ।

୨୦୨୨ରେ ଆରମ୍ଭ ହୋଇଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବେଳେ ଇରାନ୍ ରୁଷିଆକୁ 'ସାହିଦ୍-୧୩୬ କାମିକାଜେ' ଡ୍ରୋନ ଯୋଗାଇଥିଲା। ରୁଷିଆ ଏହି ଶ୍ରେଣୀର ଡ୍ରୋନ୍‌କୁ ଆହୁରି ବିକଶିତ କରି ଏହାର ନାମକରଣ 'ଗେରାନ୍-୨' ରଖି ୟୁକ୍ରେନ ବିପକ୍ଷରେ ବ୍ୟବହାର କରିଥିଲା। ୪ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧରେ ରୁଷିଆ ଡ୍ରୋନ୍‌କୁ ପ୍ରତିହତ କରିବାକୁ ୟୁକ୍ରେନ ମଧ୍ୟ ନୂଆ ଉପାୟ ଯୋଡି ଏହାକୁ ଆହୁରି ବିକଶିତ କରିଥିଲା। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ରୁଷିଆ ଇରାନ୍‌କୁ ଗେରାନ୍-୨ ଡ୍ରୋନ୍ ଦେଇ ଋଣ ସୁଝିଥିଲାବେଳେ ଏହାକୁ ଇରାନ୍ ସାଉଦି ଆରବ, କାତାର, ବାହାରିନ୍, ୟୁଏଇ, ଜୋର୍ଡାନ ଆଦି ରାଷ୍ଟ୍ର ବିରୋଧରେ ନିୟୋଜିତ କରିଛି। ଅପରପକ୍ଷେ ଇରାନ୍‌ର ଡ୍ରୋନ୍ ଆକ୍ରମଣରୁ ସୁରକ୍ଷା ଦେବାକୁ ୟୁକ୍ରେନ ଏହିସବୁ ରାଷ୍ଟ୍ରଙ୍କୁ ସହଯୋଗ କରୁଛି। ଫଳରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏବେ ରୁଷିଆ ଏବଂ ୟୁକ୍ରେନ୍ ପରୋକ୍ଷ ଭାବେ ଲଢ଼େଇକୁ ଓହ୍ଲାଇଛନ୍ତି।

## ୨୨୮ ଡ୍ରୋନ୍ ବିଶେଷଜ୍ଞ ପଠାଇଛି ୟୁକ୍ରେନ୍

ଆମେରିକା ପ୍ରାୟ ମାସ ଧରି ଇରାନ୍ ଯୁଦ୍ଧରେ ଲିପ୍ତ ରହିଥିବାରୁ ୟୁକ୍ରେନ୍‌କୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ମିଳୁଥିବା ସହାୟତା ହ୍ରାସ ପାଇଛି। ବିକଳ୍ପ ସମ୍ବଳ ଯୋଗାଡ଼ ଲକ୍ଷ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏବେ ଉପସାଗରୀୟ ଦେଶଗୁଡ଼ିକର ସହାୟତା ଲୋଡ଼ିଛନ୍ତି। ସାଉଦି ଆରବ, କାତାର, ବାହାରିନ୍, ୟୁଏଇ, ଜୋର୍ଡାନ ଆଦି ଦେଶକୁ ଡ୍ରୋନ୍ ସହାୟତା କରିବାକୁ ସେ ୨୨୮ ବିଶେଷଜ୍ଞଙ୍କୁ ପଠାଇବା ସହିତ ଗତ ୨୬ ତାରିଖରେ ସାଉଦି ଆରବ ଗସ୍ତ କରି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମନ୍‌ଙ୍କୁ ଭେଟି ଉପସାଗରୀୟ ଦେଶଗୁଡ଼ିକ ସହ ସାମରିକ ସହଯୋଗ ପ୍ରତିଷ୍ଠା କରିବାକୁ ଆଲୋଚନା କରିଛନ୍ତି।

# ନାବାଳିକା ପୀଡ଼ିତାଙ୍କ ପରିଚୟ ପ୍ରଘଟକୁ ନିନ୍ଦାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୩

ନାବାଳିକା ବଳାତ୍କାର ପୀଡ଼ିତାଙ୍କ ପରିଚୟ ପ୍ରଘଟ କରାଯିବାକୁ ସୁପ୍ରିମକୋର୍ଟ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ପୀଡ଼ିତାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ନାମ ଯେପରି କୋର୍ଟ ଅର୍ଡରଗୁଡ଼ିକରେ ନ ରହେ, ତାହା ସୁନିଶ୍ଚିତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ନିପୁନ୍ ସାକ୍ସେନା ମାମଲାର ରାୟରେ ସୁପ୍ରିମକୋର୍ଟ କହିଥିଲେ, ବଳାତ୍କାର ପୀଡ଼ିତାଙ୍କ ନାମ କିମ୍ବା ପରୋକ୍ଷରେ ଏପରି କୌଣସି ତଥ୍ୟ ଛାପା ଗଣମାଧ୍ୟମ, ଇଲେକ୍ଟ୍ରୋନିକ୍ ମାଧ୍ୟମ, ସୋସିଆଲ ମିଡିଆ ଇତ୍ୟାଦିରେ ପ୍ରକାଶ କରାଯାଇପାରିବ ନାହିଁ, ଯେଉଁଥିରୁ ପୀଡ଼ିତାଙ୍କୁ ଚିହ୍ନଟ କରାଯାଇପାରିବ ଓ ତାଙ୍କ ପରିଚୟ ସାମ୍ନାକୁ ଆସିବ। ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମା ଅନୁପାଳନରେ ହୋଇଥିବା ତ୍ରୁଟି ପାଇଁ ଅଦାଲତଗୁଡ଼ିକର ଉଦାସୀନତା ଓ ଏଭଳି ଅପରାଧ ଯୋଗୁ ସାମାଜିକ କଳଙ୍କ ସମ୍ପର୍କିତ ସଚେତନତାର ଅଭାବ ଦାୟୀ।

# ଦିନକରେ ଇରାନ୍‌ରେ ୫୦ ଏୟାର ଷ୍ଟ୍ରାଇକ୍

ତେହରାନ୍/ ତେଲ୍ ଆଭିଭ୍ ,୨୮।୩

ଇରାନ୍-ଆମେରିକା ଯୁଦ୍ଧ ଥମିବା ବଦଳରେ ବେଳକୁ ବେଳ ଆହୁରି ଭୟାନକ ହେବାରେ ଲାଗିଛି। ଇରାନ୍‌କୁ ଆମେରିକା ଦେଇଥିବା ୧୦ ଦିନିଆ ଯୁଦ୍ଧ ବିରତି ମହଲତ ସତ୍ତ୍ୱେ ଇରାନ୍ ଉପରେ ଘନ ଘନ ଆକ୍ରମଣ ଜାରି ରହିଛି। ଶନିବାର ଇସ୍ରାଏଲ ଇରାନ୍‌ର ୩ ସହର ଉପରେ ବୋମାମାଡ଼ କରିଛି। ଏହି ସହରଗୁଡ଼ିକରେ ରହିଥିବା ଇରାନ୍‌ର ପ୍ରମୁଖ ଅସ୍ତ୍ର ନିର୍ମାଣକାରୀ କାରଖାନାକୁ ଟାର୍ଗେଟ କରି ଇସ୍ରାଏଲର ୫୦ ଲଢୁଆ ବିମାନ ବୋମାମାଡ଼ କରିଛନ୍ତି। ଇରାନ୍‌ର ବାଲିଷ୍ଟିକ୍ ମିଶାଇଲ ଓ ଆଣ୍ଟି-ଏୟାରକ୍ରାଫ୍ଟ ମିଶାଇଲ ଶିଳ୍ପ ସମେତ ହମାସ୍ ଏବଂ ହିଜ୍‌ବୁଲ୍ଲା ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ଇରାନ୍ ଯୋଗାଉଥିବା ଅତ୍ୟାଧୁନିକ ଡିଭାଇସ୍ କାରଖାନା ଉପରେ ବୋମାମାଡ଼ କରାଯାଇଛି ବୋଲି ଇସ୍ରାଏଲର ଆଇଡିଏଫ୍ କହିଛି। ଏହି ଆକ୍ରମଣରେ ଏକାଧିକ ଲୋକ ଆହତ ହୋଇଥିଲାବେଳେ ବହୁ ଶିଳ୍ପ ୟୁନିଟ୍ ସମେତ କେତେକ ଆବାସିକ ଘର ଧ୍ୱଂସ ହୋଇଯାଇଥିବା କୁହାଯାଇଛି।

## ଯୁଦ୍ଧରେ ସାମିଲ ହେଲା ହୁଟି ସଙ୍ଗଠନ

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୟେମେନ୍‌ର ହୁଟି ବିଦ୍ରୋହୀ ସଙ୍ଗଠନ ସାମିଲ ହୋଇଛି। ଇରାନ୍‌ର ଛାୟା ସେନା ଭାବେ ପରିଚିତ ଏହି ସଙ୍ଗଠନ ଶନିବାର ଇସ୍ରାଏଲର କେତେକ ସାମରିକ ଘାଟିକୁ ଟାର୍ଗେଟକରି ବାଲିଷ୍ଟିକ୍ ମିଶାଇଲ ମାଡ଼ କରିଛି। ଇରାନ୍ ଯୁଦ୍ଧରେ ହୁଟି ବିଦ୍ରୋହୀ ସାମିଲ ହେବାପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଜଟିଳ ରୂପ ନେବ ବୋଲି ଆଶଙ୍କା ବଢ଼ିଛି।

# ଇଥାନଲ୍ ମିଶ୍ରଣ ତୈଳ ନିର୍ଭରଶୀଳତା କମାଇବ

ନୂଆଦିଲ୍ଲୀ,୨୮।୩

ପଶ୍ଚିମ ଏସିଆରେ ମାସେ ହେଲା ଲାଗିରହିଥିବା ଯୁଦ୍ଧଜନିତ ଚ୍ୟାଲେଞ୍ଜକୁ ଭାରତ ପୂରା ଦମ୍‌ରେ ସାମ୍ନା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଜେୱାରଠାରେ ନଏଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଦ୍‌ଘାଟନ କରିବା ଅବସରରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନାଗରିକମାନଙ୍କ ସୁରକ୍ଷା ପାଇଁ ଦେଶ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛି। ଯୁଦ୍ଧ ଯୋଗୁ ଖାଦ୍ୟ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, କୋଇଲା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପ୍ରଭାବିତ ହୋଇଛି। ପ୍ରତ୍ୟେକ ଦେଶ ଏହିସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି। ତେବେ ଭାରତ ଏହି ସଙ୍କଟ ବିରୋଧରେ ପୂରା ଦମ୍‌ରେ ଲଢ଼େଇ କରୁଥିବା ମୋଦି କହିଛନ୍ତି। ଏହି ଅବସରରେ ସେ ପେଟ୍ରୋଲରେ ଇଥାନଲ ମିଶ୍ରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ଦ୍ୱାରା ତୈଳ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଇଥାନଲ୍ ଉତ୍ପାଦନ ଏବଂ ପେଟ୍ରୋଲରେ ଏହାର ମିଶ୍ରଣକୁ ବଢ଼ାଯାଇ ନ ଥିଲେ ଦେଶକୁ ପ୍ରତିବର୍ଷ ୪.୫ କୋଟି ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିବାକୁ ପଡୁଥାନ୍ତା। କୃଷକଙ୍କ କଠିନ ପରିଶ୍ରମ ଯୋଗୁ ଦେଶ ଲାଭବାନ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ନଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




# କୋଲାଥୁର୍‌ରୁ ଲଢ଼ିବେ ଷ୍ଟାଲିନ୍

ଚେନ୍ନାଇ,୨୮।୩

୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଶାସକ ଡିଏମ୍‌କେ (ଦ୍ରାବିଡ ମୁନିତ୍ରା କାଝାଗମ୍) ଶନିବାର ୧୬୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଅବଶିଷ୍ଟ ୭୦ ଆସନ ସହଯୋଗୀ ଦଳଗୁଡ଼ିକ ପାଇଁ ଛାଡ଼ିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମେଣ୍ଟ ସହଯୋଗୀମାନଙ୍କ ସହ ଆସନ ବୁଝାମଣା ସୂତ୍ର ସହ ଦଳୀୟ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରିଛନ୍ତି। ପ୍ରାର୍ଥୀ ତାଲିକାରେ ଅଧିକାଂଶ ମନ୍ତ୍ରୀଙ୍କୁ ରଖାଯାଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ସହଯୋଗୀ ଦଳ ମଧ୍ୟରେ କଂଗ୍ରେସ ୨୮ ଆସନରେ ପ୍ରାର୍ଥୀ ଦେବାକୁ ଥିବାବେଳେ ଡିଏମ୍‌ଡିକେ ୧୦, ଭିସିକେ ୮, ସିପିଆଇ ୫, ସିପିଆଇ(ଏମ୍) ୫, ଏମ୍‌ଡିଏମ୍‌କେ ୪ ଆସନରେ ଲଢ଼ିବ।


ଏମ୍.କେ. ଷ୍ଟାଲିନ୍

## ୧୬୪ ଆସନରେ ପ୍ରାର୍ଥୀ ଦେଲା ଡିଏମ୍‌କେ

ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ୍ ପୁନର୍ବାର କୋଲାଥୁର୍ ଆସନରୁ ଲଢ଼ିବାକୁ ଯାଉଥିବାବେଳେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଚେପକ୍-ତ୍ରିପ୍ଲିକେନ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମା ସୁବ୍ରମଣ୍ୟମ, ଏଚ୍‌ଆର୍ ଏବଂ ସିଇ ମନ୍ତ୍ରୀ ପି.କେ. ସେକରବାବୁ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଟି.ଏମ୍. ଅନବରସାନ ସେମାନଙ୍କ ପୂର୍ବ ଆସନରେ ଲଢ଼ିବାକୁ ସ୍ଥିର ହୋଇଛି। ଏପରିକି ଏଆଇଏଡିଏମ୍‌କେରୁ ଆସି ନିକଟରେ ଡିଏମ୍‌କେରେ ସାମିଲ ହୋଇଥିବା ନେତା ମଧ୍ୟ ଟିକେଟ ପାଇଛନ୍ତି। ୩ ଥରର ମୁଖ୍ୟମନ୍ତ୍ରୀ ଓ ପନୀରସେଲ୍‌ଭାମଙ୍କୁ ବୋଦିନାୟାକ୍କାନୁର ଆସନ ଦିଆଯାଇଥିବାବେଳେ ପୌଲ ମନୋଜ ପାଣ୍ଡିଆନ୍ ଅଲଙ୍ଗୁଲମ୍ ଏବଂ ପୂର୍ବତନ ମନ୍ତ୍ରୀ ଆର୍. ବୈଥିଲିଙ୍ଗମ୍ ଓରାନ୍ଥାନାଡୁ ଆସନରୁ ଲଢ଼ିବେ।



# ଦୁଃଖ ବଖାଣିଲେ ବରୁଣ ଧାୱନ

ମୁମ୍ବାଇ

ଅଭିନେତା ବରୁଣ ଧାୱନ ଇଣ୍ଡଷ୍ଟ୍ରିର ସବୁଠାରୁ ନିର୍ଭରଯୋଗ୍ୟ ଅଭିନେତା ଭାବରେ ଉଭା ହୋଇଛନ୍ତି। ଆଜିକାଲି ସେ ତାଙ୍କର ବ୍ଲକବଷ୍ଟର ୱାର୍ ଡ୍ରାମା ଫିଲ୍ମ 'ବର୍ଡର ୨'ର ସଫଳତାରେ ବେଶ୍ ଖୁସି ଅଛନ୍ତି। କିନ୍ତୁ ଏହି ଖୁସି ଭିତରେ ତାଙ୍କୁ ଏକ ଦୁଃଖ ଘାରୁଛି। ତାଙ୍କ ଝିଅ ଲାରା ଏକ ଗମ୍ଭୀର ରୋଗର ଶିକାର ହୋଇଛନ୍ତି। ନିକଟରେ ଏକ ସାକ୍ଷାତକାରରେ ବରୁଣ ନିଜ ଦୁଃଖ କାହାଣୀ ବର୍ଣ୍ଣନା କରି ଭାବପ୍ରବଣ ହୋଇପଡ଼ିଛନ୍ତି। ଲାରାଙ୍କୁ ମାତ୍ର ୧.୫ ବର୍ଷ ହୋଇଥିବାବେଳେ ହିପ୍ ଡେଭଲପମେଣ୍ଟାଲ ଡିସ୍‌ପ୍ଲାସିଆ (DDH) ରୋଗରେ ପୀଡିତ ହୋଇଥିଲେ। ଏହି ରୋଗ ସାଧାରଣ ଭାବରେ ଚାଲିବା ଏବଂ ଦୌଡ଼ିବା କ୍ଷମତାକୁ ପ୍ରଭାବିତ କରେ। ପ୍ରାରମ୍ଭିକ ସମୟରେ ଆର୍ଥ୍ରାଇଟିସ ହେବାର ସମ୍ଭାବନା ଥାଏ ଏବଂ ସ୍ଲିପ୍ ଡିସ୍କର ବିପଦ ବଢ଼ିଯାଏ। ଭାରତରେ ଏପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ବ୍ୟାପକ ସ୍କ୍ରିନିଂ ଉପଲବ୍ଧ ନାହିଁ। ଅଢ଼େଇ ମାସ ପର୍ଯ୍ୟନ୍ତ ଝିଅର ଚିକିତ୍ସା ଚାଲିଥିଲା। ଆମ ପରିବାର ପାଇଁ ଏହି ସମୟ ବେଶ୍ କଷ୍ଟଦାୟକ ଥିଲା। ଏବେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ବରୁଣ କହିଛନ୍ତି। ଅନେକ ବର୍ଷର ଡେଟିଂ ପରେ ବରୁଣ-ନତାଶା ଦଲାଲ ୨୦୨୧ ଜାନୁଆରୀ ୨୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୨୪, ଜୁନ୍ ୩ରେ ସେମାନେ ଝିଅ ଲାରାଙ୍କୁ ସ୍ୱାଗତ କରିଥିଲେ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୯/୨୦୨୬ | Bhubaneswar, Sunday, March 29/2026




ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଟାକେରା ପିଠାଖାଇ ଘାଟିରେ ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ବସ୍।

# ପିଠାଖାଇ ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣା, ୫ ମୃତ

- ୩୫ ଆହତଙ୍କ ମଧ୍ୟରୁ ୨ ଗୁରୁତର
- ୪ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ନୟାଗଡ଼/ଦଶପଲ୍ଲା,୨୮।୩ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଟାକେରା ପିଠାଖାଇ ଘାଟିରେ ଶୁକ୍ରବାର ରାତି ପ୍ରାୟ ୧ଟାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୫ ଆହତ ହୋଇଛନ୍ତି।

ମୃତକମାନେ ହେଲେ ବସ୍‌ର ଦ୍ୱିତୀୟ ଡ୍ରାଇଭର ଗଞ୍ଜାମ ଜିଲା କୁଲାଡ଼ର ପ୍ରବୀଣ କୁମାର ସାହୁ (୨୮)। ମୃତ ଯାତ୍ରୀ ହେଲେ ବ୍ରହ୍ମପୁର ଅଶୋକନଗର ୩ୟ ଲେନ୍‌ର ଏଲ. ହରିପାତ୍ର (୬୨) ଓ ସ୍ତ୍ରୀ ଏଲ. ଲକ୍ଷ୍ମୀ ପାତ୍ର(୫୫), ବ୍ରହ୍ମପୁର ବ୍ୟାଙ୍କ କଲୋନୀ ୮ମ ଲେନର ସୁପ୍ରଭା ସାହୁ (୫୩) ଓ ବ୍ରହ୍ମପୁର ଧୋବାବନ୍ଧ ସାହିର ସୁମନ୍ତି ସାହୁ(୨୯)। ଆହତ ୩୫ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ସୋରଡ଼ାରୁ ଶୁକ୍ରବାର ରାତିରେ ୫୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଅନିଲ ନାମକ ବସ୍ (ଓଡି୦୨ସି ୨୦୮୮) ବଲାଙ୍ଗୀର ଜିଲା ହରିଶଙ୍କର ଓ ନୃସିଂହନାଥ ଯାଉଥିଲା। ବସ୍ ଦଶପଲ୍ଲାରେ ପହଞ୍ଚିବା ପରେ ସ୍ଥାନୀୟ ଏକ ଢାବାରେ ସମସ୍ତେ ରାତିରେ ଖାଇଥିଲେ। ସେଠାରୁ ବାହାରିବା ପରେ ବସ୍‌ଟି ଭାରସାମ୍ୟ ହରାଇ ରାତି ପ୍ରାୟ ୧ ଟାରେ ପିଠାଖାଇ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ପରେ ଏକ ପଥରରେ ବାଜି ଓଲଟି ପଡ଼ିଥିଲା। ଶୁକ୍ରବାର ରାତିରେ ନୟାଗଡ଼ ଜିଲାରେ ବର୍ଷା, ପବନ ହୋଇଥିବାରୁ ବିଦ୍ୟୁତ୍ ନ ଥିଲା। ଦୁର୍ଘଟଣା ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକ, ୫ ଆମ୍ବୁଲାନ୍ସ, ୨ ଦମକଳ ଗାଡ଼ିରେ କର୍ମଚାରୀଙ୍କ ସମେତ ଦଶପଲ୍ଲା ଥାନା ପୋଲିସ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ବସ୍ ପଛ ପାଖକାଚ ଭାଙ୍ଗି କେତେକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟ କେତେକଙ୍କୁ ଗାଡ଼ିର ସମ୍ନା କାଚ ଭାଙ୍ଗାଯାଇ ଉଦ୍ଧାର କରାଯାଇଥିଲା। ବସ୍‌ର ସମସ୍ତ ☞ ପୃଷ୍ଠା-୫

## ମା'ଙ୍କୁ ହରାଇଲେ ଭଉଣୀଭାଇ



ଆଈଙ୍କ ପାଖରେ ମା'ଙ୍କୁ ହରାଇଥିବା ଭଉଣୀଭାଇ।

ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଟାକେରା ପିଠାଖାଇ ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣାରେ ମୃତକମାନଙ୍କ ମଧ୍ୟରେ ବ୍ରହ୍ମପୁର ଧୋବାବନ୍ଧ ସାହିର ସୁମନ୍ତି ସାହୁ ଅଛନ୍ତି। ସ୍ୱାମୀ ପରିତ୍ୟକ୍ତା ସୁମନ୍ତିଙ୍କ ପୁଅ ଅଭିଜିତ (୧୫) ଓ ଝିଅ ସୁରଭି (୧୪) କାନ୍ଦି କାନ୍ଦି ଏବେ ଆମେ ଅନାଥ ହୋଇଗଲୁ ବୋଲି କହିଛନ୍ତି। ସୁମନ୍ତିଙ୍କ ମା' ସତ୍ୟ ସାହୁ କହିଛନ୍ତି, ପିଲାଙ୍କୁ ଛାଡି ଝିଅ ବୁଲିବାକୁ ଯାଇଥିଲା। ୪ ଦିନରେ ଫେରିବି ବୋଲି କହିଥିଲା। ହେଲେ ସେ ସବୁଦିନ ପାଇଁ ଛାଡ଼ି ଚାଲିଗଲା। ମୁଢ଼ି ଓ ମିକ୍ସଚର କରି ଝିଅ ତାର ପରିବାର ପୋଷୁଥିଲା। ଏବେ

### ପାଳିବା ଚିନ୍ତାରେ ଆଈ

ପିଲା ୨ଟି ମୋ ପାଖରେ ଅଛନ୍ତି। କେମିତି ନାତିନାତୁଣୀଙ୍କୁ ପୋଷିବେ ତାକୁ ନେଇ ସତ୍ୟ କାନ୍ଦୁଛନ୍ତି। ଏଭଳି ଦୁଃଖଦ ସମୟରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ କହିଛନ୍ତି ଯେ, ଦୁର୍ଘଟଣା ହୃଦୟ ବିଦାରକ ଥିଲା। ନୟାଗଡ଼ରୁ ମୃତଦେହ କିଭଳି ଆସିବ ତାକୁ ନେଇ ବିଧାୟକ କେ. ଅନିଲ କୁମାର ଯୋଜନା କରୁଛନ୍ତି। ସୁମନ୍ତିଙ୍କର ଘର ଦ୍ୱାର ନ ଥିବାବେଳେ ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ସବୁକିଛି ସହାୟତା ଯୋଗାଇ ଦେବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

# ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟ ଦାଖଲ

**ମହାନଦୀ ଜଳ ବିବାଦ ମାମଲା**

- ମୋଟ୍ ୧୨ ଥର ବସିସାରିଲାଣି ବୈଷୟିକ କମିଟି ବୈଠକ
- ୧୧ରେ ପରବର୍ତ୍ତୀ ଶୁଣାଣି, ୧୩ରେ ସରୁଛି ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନାଦୀ ଜଳ ବିବାଦକୁ ନେଇ ଶନିବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣି କରାଯାଇଛି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶୁଣାଣି ସମୟରେ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ସେ ଓଡ଼ିଶା ବୈଷୟିକ ଟିମ୍‌ର ସମ୍ପୂର୍ଣ୍ଣ ବିବରଣୀ ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଛତିଶଗଡ଼ ସରକାର ମଧ୍ୟ ତାଙ୍କ ବୈଷୟିକ ଟିମ୍‌ର ରିପୋର୍ଟ ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟମାନେ କିଛିଦିନ ତଳେ ଓଡ଼ିଶା ଏବଂ ଛତିଶଗଡ଼ ଗସ୍ତରେ ଆସିଥିଲେ। ଏହି ଅବସରରେ ସେମାନେ ହୀରାକୁଦଠାରୁ ଆରମ୍ଭକରି ମହାନଦୀ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଟ୍ରିବ୍ୟୁନାଲ ସଦସ୍ୟମାନଙ୍କୁ ରାଜ୍ୟ ଅତିଥି ଭାବେ ମାନ୍ୟତା ମିଳିବା ସହ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେହିପରି ଉକ୍ତ ଟିମ୍ ମାର୍ଚ୍ଚ ୭ରୁ ୧୧ ପର୍ଯ୍ୟନ୍ତ ଛତିଶଗଡ଼ ଯାଇ ସ୍ଥିତି ପରଖିଥିଲେ।

ଏଜି ଆଚାର୍ଯ୍ୟ କହିଛନ୍ତି, ଶନିବାର ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ସେ ମହାନଦୀ ବାବଦରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଗତ ୨୫ ତାରିଖରେ ୨ ରାଜ୍ୟକୁ ନେଇ ଗଠିତ ବୈଷୟିକ କମିଟିର ଶେଷ ବୈଠକ ହୋଇଥିଲା। ବୈଷୟିକ କମିଟିର ବୈଠକ ଏହା ଭିତରେ ମୋଟ୍ ୧୨ ଥର ଅନୁଷ୍ଠିତ ହୋଇସାରିଛି। ତେଣୁ ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟକୁ ରଖାଯାଇଥିଲା। ଏହାସହ ଟ୍ରିବ୍ୟୁନାଲଙ୍କ ଅବଧି ଆସନ୍ତା ୧୩ ତାରିଖରେ ସରିବାକୁ ଯାଉଛି। ତେଣୁ ୨ ରାଜ୍ୟ ମିଳିତ ଭାବେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ଅନୁରୋଧ କରିଥିଲେ। ସେହି ଅନୁଯାୟୀ କେନ୍ଦ୍ର ସରକାରଙ୍କୁ କାର୍ଯ୍ୟକାଳ ବୃଦ୍ଧି ଲାଗି ଟ୍ରିବ୍ୟୁନାଲ ଅନୁରୋଧ କରିଛନ୍ତି। ଆସନ୍ତା ୧୧ ତାରିଖ ଶୁଣାଣି ରହିଛି। ଉଭୟ ରାଜ୍ୟ ଆପୋସ ବୁଝାମଣା ସପକ୍ଷରେ ଥିବା ବିଷୟ ଜଣାଇଥିବା ପୀତାମ୍ବର ସୂଚନା ଦେଇଛନ୍ତି।

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗରେ ନିଆଁ

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲ ପିଛା ଛାଡୁନି ଅଗ୍ନିକାଣ୍ଡ। ଶନିବାର ପୁଣି ମେଡିକାଲରେ ଶର୍ଟସର୍କିଟରୁ ନିଆଁ ଲାଗିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ମେଡିକାଲର ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗର ଲିଫ୍ଟ ସମ୍ମୁଖରେ ଥିବା ପଙ୍ଖା ବୁଲୁଥିବାବେଳେ ହଠାତ୍ ଏଥିରୁ ନିଆଁ ଓ ଧୂଆଁ ବାହାରିଥିଲା। ପଙ୍ଖାରୁ ନିଆଁ ବାହାରିବା ଦେଖି ଉକ୍ତ ବିଭାଗରେ ଥିବା ରୋଗୀ, ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଉପସ୍ଥିତ କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଅବଗତ କରିବାରୁ ଘଟଣାସ୍ଥଳରେ ଉକ୍ତ ବିଭାଗର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ପଙ୍ଖାରେ ସାମାନ୍ୟ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ କୁମାର ପରିଜା ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର

### ଶର୍ଟସର୍କିଟରୁ ପଙ୍ଖାରୁ ନିଆଁ, ଭୟଭୀତ ଲୋକେ

ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ମେଡିକାଲ, କଲେଜ ଓ ହଷ୍ଟେଲର ପ୍ରତ୍ୟେକ କୋଣଅନୁକୋଣ ଯାଞ୍ଚ କରାଯାଇଥିଲା।

## ଥାନାରୁ ଅଭିଯୁକ୍ତ ଫେରାର: ଏଏସ୍‌ଆଇ, ୨ କନ୍‌ଷ୍ଟେବଲ ନିଲମ୍ବିତ

ଯାଜପୁର/ବ୍ରହ୍ମବରଦା (ହର୍ଷବର୍ଦ୍ଧନ ବେହେରା/ଯଯାତି କେଶରୀ ବେହେରା),୨୮।୩

ଯାଜପୁର ଜିଲା ବ୍ରହ୍ମବରଦା ଥାନାରୁ ଜଣେ ଅଭିଯୁକ୍ତ ଫେରାର ହେବା ମାମଲାରେ ଏସ୍‌ପି ଯଶପ୍ରତାପ ଶ୍ରୀମଲ ଶନିବାର ଏଏସ୍‌ଆଇ ଅଚ୍ୟୁତାନନ୍ଦ ଦାସ, କନ୍‌ଷ୍ଟେବଲ ବିଦ୍ୟାପତି ପଲେଇ ଓ ସନ୍ତୋଷ ସାହୁଙ୍କୁ ନିଲମ୍ବନ କରିଛନ୍ତି। ଯାଜପୁର ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରି ଏସପିଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାସହ ନିଲମ୍ବିତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଆହୁରି ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବ୍ରହ୍ମବରଦା ଥାନା ☞ ପୃଷ୍ଠା-୫

## ଝଡ଼ବର୍ଷା: ୧୬ ଜିଲାକୁ ୟେଲୋ ୱାର୍ନିଂ

**୨୨ ସ୍ଥାନରେ ୩୫ ଡିଗ୍ରୀ ଉପରେ ତାପମାତ୍ରା**

ଭୁବନେଶ୍ୱର,୨୮।୩(ବନ୍ଦନା ସେଠୀ)

ଏବେ ରାଜ୍ୟରେ ଦିନବେଳା ପ୍ରଚଣ୍ଡ ଖରା ଅନୁଭୂତ ହେଉଥିବାବେଳେ ଅପରାହ୍ନରୁ ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚୁଛି। ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଓ ବାୟୁ ପରିବର୍ତ୍ତନ ପ୍ରଭାବରେ ଏପ୍ରିଲ ୩ ଯାଏ ବିଭିନ୍ନ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ଓ କୁଆପଥର ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ରବିବାର ୧୬ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାରେ ବର୍ଷା ସମୟରେ ୪୦ରୁ ୫୦ କି.ମି ବେଗରେ ପବନ ବହିବା ନେଇ ସତର୍କ ସୂଚନା ଦିଆଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ ଏବଂ ମାଲକାନଗିରି ଜିଲାରେ ବର୍ଷା ସମୟରେ ୩୦ରୁ ୪୦ କି.ମି ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସୋମବାର ୧୯ ଜିଲାକୁ ଓ ମଙ୍ଗଳବାର ୨୫ଟି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ☞ ପୃଷ୍ଠା-୫

### ରାତିଅଧରେ ଚାଲିଗଲା ୨ ଜୀବନ

ବାରିପଦା,୨୮।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ଆଖପାଖ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଝଡ଼ ତୋଫାନ ଓ ପ୍ରବଳ ବର୍ଷାରେ ବ୍ୟାପକ କ୍ଷତି ଘଟିଛି। ପୃଥକ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ କୁଳିଅଣା ଥାନା ଅଧୀନ କାଠଶିରସି ଅଞ୍ଚଳର ରାମଦାସ ହାଁସଦା(୩୩) ଓ ଅନ୍ୟ ଜଣେ ଖୁଣ୍ଟା ଥାନା ଅଧୀନ କାଦଡିହା ଅଞ୍ଚଳର ନଗେନ ମୁର୍ମୁ (୩୫)। ଏ ସଂକ୍ରାନ୍ତରେ ପୋଲିସ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଝଡ଼ତୋଫାନ ଯୋଗୁ ୩ଜଣ ଗୁରୁତର ଆହତ ହୋଇ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ଛକ, ସମୟ: ସକାଳ ୯ଟା।
- ରାମକ୍ରିଷ୍ଣ ମିଶନ ପକ୍ଷରୁ 'ଭାଲ୍ୟୁ ଏଜୁକେଶନ ଫର୍ ଟିଚର୍ସ' ସେମିନାର, ସ୍ଥାନ: ରାମକ୍ରିଷ୍ଣ ମିଶନ ପରିସର, ସମୟ: ସକାଳ ୯ଟା ୧୫।
- ଚିଲିକା ଆଞ୍ଚଳିକ ବିକାଶ ପରିଷଦର ତ୍ରୟୋଦଶ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ, ସ୍ଥାନ: ରେଡ୍‌କ୍ରସ ଭବନ ପରିସର, ସମୟ: ସକାଳ ୯ଟା ୩୦।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହ ଦିବସ ପାଳନ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ଅପରାହ୍ଣ ୪ଟା।
- ଇଟିକିଲି ମିଟିକିଲି ପରିବାର ପକ୍ଷରୁ 'ମାମୁଘର ସ୍ମୃତି, ସଂସ୍କୃତି ଓ କଳ୍ପନାର ଏକ ସୁନ୍ଦର ଜଗତ' ଆଲୋଚନାଚକ୍ର, ସ୍ଥାନ: ଇଟିକିଲି ମିଟିକିଲି କାର୍ଯ୍ୟାଳୟ, ଇନ୍‌ଫୋସିଟି ଏରିଆ, ସମୟ: ଅପରାହ୍ଣ ୫ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୨ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଅନୁକୂଳ ଅତୋପର', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୨ତମ ବାର୍ଷିକୋତ୍ସବ 'ବୈଶାଖୀ–୨୦୨୬', ସ୍ଥାନ: ନହରକଣ୍ଟା ସ୍ଥିତ ବିଦ୍ୟାଳୟ ନିକଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୭ତମ ବାର୍ଷିକ ରାମଲୀଳାର ରାମ ନାଟକ 'ଗଙ୍ଗା ସ୍ନାନ ଓ ତାଡ଼କା ବଧ', ସ୍ଥାନ: ବେଣ୍ଟପୁର ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀରାମଙ୍କ ଜନ୍ମ', ସ୍ଥାନ: ଗୋଡଲବିନ୍ଧା ଗ୍ରାମର ସୀତା ରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମ ନାଟକ 'ମାରିଚ ସୁବାହୁ ବଧ ଓ ତାଡ଼କା ବଧ, ସ୍ଥାନ: କାକରୁଦ୍ରପୁରସ୍ଥିତ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ରାମ ନାଟକ ପରିବେଷଣ, ସ୍ଥାନ: ବାଇରୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ ପରିସର, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଧିବାମନ ଦେବଙ୍କ ପୀଠ, ସୁଆଁଳ, ବେଗୁନିଆ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

## ବାଲେଶ୍ୱର

- ବିଶ୍ୱ ମୁଢ଼ି ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାମ–ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ: ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭୂଜା ଖିଆ ପୀରବାବାଙ୍କ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଭୂଜାଖିଆ ପୀର ସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ପତିରାଜପୁର ମେଳଣ କମିଟିର ସମୀକ୍ଷା ବୈଠକ, ସ୍ଥାନ: ପତିରାଜପୁର ମେଳଣ ପଡିଆ, ଖଇରା ବ୍ଲକ, ସମୟ: ଅପରାହ୍ଣ ୩ଟା।
- ଭସାଣି ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ଣ ୪ଟା।

## ଭଦ୍ରକ

- ପ୍ରେମପୃଥିବୀର ସାରସ୍ୱତ ବନ୍ଧୁମିଳନ ଓ ପ୍ରେମ ପଖାଳ ମହୋତ୍ସବ, ସ୍ଥାନ: ଆରଡ଼ି ଛକ ପ୍ରେମନଗର, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା।
- ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।

## କେନ୍ଦୁଝର

- ରକ୍ତଦାନ ଶିବିର, ସ୍ଥାନ: ଚମ୍ପୁଆ ପୋଲିସ ଷ୍ଟେସନ, ସମୟ: ସକାଳ ୮ଟା
- ଶ୍ରୀରାମ ଙ୍କ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଞ୍ଚୋ, ସମୟ: ସକାଳ ୯ଟା।
- ପ୍ରମୁଖ ଜନଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ସହିଦ ରାଜ କିଶୋର ମୁଣ୍ଡା ଜୟନ୍ତୀ, ସ୍ଥାନ: ନୂଆଗାଁ, କେନ୍ଦୁଝର, ସମୟ: ପୂର୍ବାହ୍ଣ ୧୦ଟା।

## ମୟୂରଭଞ୍ଜ

- ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ଣ ୧୦ଟା।
- ଶିମିଳିପାଳ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ରଙ୍ଗାମାଟିଆ କଲ୍ୟାଣ ମଣ୍ଡପ ତକତପୁର ବାରିପଦା,ସମୟ: ପୂର୍ବାହ୍ଣ ୧୦ଟା।
- ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଛଉ ପଡିଆ ନିଜସ୍ୱ ଗୃହ ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଚିତ୍ରଡା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ମୋରଡ଼ା, ସମୟ: ସନ୍ଧ୍ୟା ୫ ଟା।

## ବ୍ରହ୍ମପୁର

- ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ, ସ୍ଥାନ: ମଣ୍ଡଳ କାରାଗାର, ସମୟ: ସକାଳ ୮ ଟା।
- ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ ଟା।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମ, ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଆସିକା ସହର ଉପକଣ୍ଠ ରେଡିଦାମୋଦରପଲ୍ଲୀ, ସମୟଁ ସକାଳ ୭ଟା।

## ଢେଙ୍କାନାଳ

- ସାଇ ସତ୍‌ସଙ୍ଗ ସେବା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ– ଢେଙ୍କାନାଳ ଶ୍ରୀରାମ ମଣ୍ଡପ, ସମୟ: ସକାଳ ସାଢେ ୮ଟା।
- ଭୁବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ ତମ ବାର୍ଷିକ ଉତ୍ସବ , ସ୍ଥାନ: ଭୁବନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସର, ସମୟ: ଅପରାହ୍ଣ ୩ଟା ୩୦।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୨ ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ସକାଳ ୯ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଶ୍ରୀରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମାର ୨୮ ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମହା ନାମଯଜ୍ଞ, ସ୍ଥାନ: ଶ୍ରୀଗୋପୀନାଥଜୀଉ ମନ୍ଦିର, ଓଲଢ଼ି ମଠ, ସମୟ: ସକାଳ ୬ଟା।
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଜୟା ଦଶମୀ ମହାଯଜ୍ଞ, ସ୍ଥାନ: ମେଳଣ ପଡିଆ, ମେଡିକାଲ ବଜାର, ଧାମନଗର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀହନୁମାନଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମା' ମହୀପାଲୁନୀ ମନ୍ଦିର, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହନୁମାନ ବାଟିକା ପରିସର, ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡ଼ା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ସମ୍ଭବ ପତ୍ରିକାର ୨୨ତମ ବାର୍ଷିକ ସମାରୋହ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ବିରଜା କୃପା ସାହିତ୍ୟ ପରିବାର ପକ୍ଷରୁ ୫ମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ଣ ୧୦ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ଣ ୨ଟା ।
- ରାମଚନ୍ଦ୍ରଙ୍କର ଜନ୍ମ ବାର୍ଷିକୀ ଉତ୍ସବର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର କୁଞ୍ଜବିହାରୀପୁରର ରାମ ମନ୍ଦିର, ସମୟ: ସକାଳ ୮ଟା ୩୦ ।
- ୫୪ତମ ଓଡ଼ିଶା ପ୍ରସିଦ୍ଧ ଗଣିଆ ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୩ୟ ଦିବସରେ ପୂଜା ପାଠ, ଶ୍ରୀରାମଙ୍କ ବନବାସ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ଗଣିଆ, ସମୟ:ପୂର୍ବାହ୍ଣ ୧୦ଟାରୁ ପ୍ରାତଃ ୫ଟା ।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୩ୟ ଦିବସରେ ରାମ ବିବାହ ଓ ପର୍ଶୁରାମ ଭେଟର ପୂଜାର୍ଚ୍ଚନା , ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ୧୫ ଦିନିଆ ଦଣ୍ଡପର୍ବ ଆରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା ହଟକେଶ୍ୱର ପୀଠ, ସମୟ:ଅପରାହ୍ଣ ୧ଟା ।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟା ବେଶର ୩ୟ ଦିବସରେ ଅହଲ୍ୟା ଉଦ୍ଧାରଣ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ୩ୟ ଦିବସରେ ଅହଲ୍ୟା ଉଦ୍ଧାରଣ ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ରାମ ବନବାସ ଓ କୈବର୍ତ୍ତ ପ୍ରେମ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସନ୍ଧ୍ୟା ୭ଟା ୩୦ରୁ ରାତ୍ର ୧୦ଟା ୩୦ ।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୩ୟ ଦିବସରେ ମୁଖା ରାମଲୀଳାରେ ରାମ ବିବାହ ଓ ପର୍ଶୁରାମ ଭେଟ , ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା ।

## ରାୟଗଡ଼ା

- ଶିଶୁ ମହୋତ୍ସବ ପାଇଁ ଆଞ୍ଚ ମାଳା ଅଣାଯିବା କାର୍ଯ୍ୟକ୍ରମ, ସ୍ଥାନ: କାଶୀ ବିଶ୍ୱନାଥ ମନ୍ଦିର, ଗୁଣପୁର, ସମୟ: ସକାଳ ୬ଟା।
- ଶିଶୁ ମହୋତ୍ସବ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ସିବିସିସି ଖେଳ ପଡିଆ,ଗୁଣପୁର, ସମୟ: ଅପରାହ୍ଣ ୫ଟା।
- ମା' ମଝିଘରିଆଣୀଙ୍କ ସୁନାବେଶ, ସ୍ଥାନ: ମଝିଘରିଆଣୀ ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ଟା ୫୦।

## କୋରାପୁଟ

- ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ କୋଭିଡ ହସ୍ପିଟାଲ ସମ୍ମୁଖ, ଜୟପୁର, ସମୟ: ସକାଳ ୮ଟା।
- ୟୁନିସେଫ ଓ ସିୟୁଓ ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା, ସ୍ଥାନ: କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ସକାଳ ୯ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: କୋରାପୁଟ ମେଡିକାଲ କଲେଜ ଛକ, ସମୟ: ସକାଳ ୯ଟା।
- ବିଏସ୍‌ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଓ ଡଗ୍ ଶୋ, ସ୍ଥାନ: ରାଜାନଗର, ଜୟପୁର, ସମୟ: ସକାଳ ୯ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିରେ ସଭା ଓ ସମାବେଶ, ସ୍ଥାନ: ବନ୍ଧୁଗାଁ, ସମୟ: ପୂର୍ବାହ୍ଣ ୧୦ଟା।
- ତିରୋଧାନ ଦିବସରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ଣ ୧୦ଟା।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, ସମୟ: ପୂର୍ବାହ୍ଣ ୧୧ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ନେଇ ସାଧାରଣ ସଭା, ସ୍ଥାନ: ତେନ୍ତୁଳିଗୁମ୍ମା, ବୈପାରିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ଲ୍ୟାମ୍ପସ ପକ୍ଷରୁ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କଳା ବିକାଶ କେନ୍ଦ୍ର ସମ୍ମୁଖ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ଆରଏସ୍‌ଏସ୍‌ର ଶୋଭାଯାତ୍ରା, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ଣ ୩ଟା।
- ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ସାମ୍ବାଦିକ ସଂଘ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଓ ଅଧିବେଶନ, ସ୍ଥାନ: ମାଲକାନଗିରି ଏଜୁକେସନ କଲୋନୀ, ସମୟ: ପୂର୍ବାହ୍ଣ ୧୧ଟା।
- ଜିଲା ବେଙ୍ଗଲୀ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ନରନାରାୟଣ ସେବାଶ୍ରମ, ପୋଟଗୁ, ସମୟ: ଅପରାହ୍ଣ ୨ଟା।

## ସମ୍ବଲପୁର

- ଗଙ୍ଗାଧର ମେହେର ବିଶ୍ୱବିଶ୍ୱଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ କୁଦୋପାଲି ଶହୀଦ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ : ପୂର୍ବାହ୍ଣ ୧୦ଟା।
- ମା'କାମାକ୍ଷା ଦେବୀଙ୍କ ଚୈତ୍ର ସ୍ୱତନ୍ତ୍ର ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୯ଟା ୩୦ ।
- ହାଟପଡା ବୀର ବଜରଙ୍ଗ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ମୀନକେତନ ଦେହେରୀ ନୌକା ପ୍ରତିଯୋଗୀତା ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ଣ ୧୧ଟା।
- ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ ଶାଖାର ପ୍ରତିଭା ସମ୍ମାନ ଓ କବିତା ପାଠୋତ୍ସବ, ଓଡ଼ିଶା ସାଂସ୍କୃତିକ ସଭା ଭବନ, ସମୟ : ପୂର୍ବାହ୍ଣ ୧୧ଟା।
- କୁଚିଣ୍ଡା ଗୁଦଗୁଦା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ୍ର: କୁଚିଣ୍ଡା କଲେଜ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ରାମ ନବମୀ କମିଟି ପକ୍ଷରୁ ୭୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ମନ କୀ ବାତ କାର୍ଯ୍ୟକ୍ରମ ଓ ଏସ୍‌ଆଇଆର ଉପରେ ବୈଠକ, ସ୍ଥାନ: ଅଗ୍ରେସନ ଭବନ, ଲୋଇସିଂହା, ସମୟ : ସକାଳ ୯ଟା।
- ଶ୍ରୀ ଶ୍ରୀ ୧୦୦୮ ଶ୍ରୀ ଉଙ୍ଗରବୁଢା ପୁଞ୍ଜିପଥର ପୂଜା ମହୋତ୍ସବ ତଥା ବତିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ପୁଞ୍ଜିପଥର ମନ୍ଦିର,ସର୍ଗିଗୁଡା, କଣ୍ଟାବାଞ୍ଜି, ସମୟ : ପୂର୍ବାହ୍ଣ ୯ଟା ୧୫ ମିନିଟ।
- କନ୍ଧାଭୁରି ଚକ ଢୁମାଲ ସମ୍ପ୍ରଦାୟ ବୈଠକ,ସ୍ଥାନ: କର୍ଲିପାଟ, ଲୋଇସିଂହା, ସ୍ଥାନ: ଅପରାହ୍ଣ ୪ଟା ।

## ରାଉରକେଲା

- ବାସନ୍ତୀକ ଦୁର୍ଗାପୂଜା ପୀଠେ ୧୦ମୀ, ସ୍ଥାନ: ସେକ୍ଟର–୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନର ବାର୍ଷିକ ବୈଠକ, ସ୍ଥାନ: କୋଏଲନଗର ଅବସର ଭବନ, ସମୟ: ପୂର୍ବାହ୍ଣ ୧୦ଟା।
- ଗୁରୁକୁଳ ଆଶ୍ରମରେ ଶିଶୁ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ଣ ୧୦ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୬ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ଣ ୧୧ଟା ।
- ରାମନବମୀ ଶୋଭାଯାତ୍ରା, ସ୍ଥାନ: ସାରନଗରୀ, ଦକ୍ଷିଣ ରାଉରକେଲା, ରାଉରକେଲା, ସମୟ: ଅପରାହ୍ଣ ୩ଟା।

## ବରଗଡ଼

- ବହଳତଳିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ,ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ,ରାମଜୀ ମଠ, ଗାଇସିଲେଟ,ସମୟ:ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଣାପ୍ରତିଷ୍ଠା ଉତ୍ସବ,ସ୍ଥାନ:ବିଜାଢୋଲ, ଝାରବନ୍ଧ,ସମୟ:ସକାଳ ୯ଟା।
- ଚାଳିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଅବସରରେ କଳସଯାତ୍ରା,ସ୍ଥାନ: ଖଣ୍ଡହଥା, ବରଗଡ଼,ସମୟ: ସକାଳ ୯ଟା।
- ଏକକ ଅଭିନୟ ପ୍ରତିଯୋଗିତା,ସ୍ଥାନ:ସୌଖିନ ରଙ୍ଗମଞ୍ଚ, ବରଗଡ଼,ସମୟ:ସକାଳ ୧୦ଟା।
- ଜେନିଥ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସନ୍ଧ୍ୟା ୫ଟା।
- ସମର୍ପଣ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ବିଶ୍ୱ ନାଟ୍ୟ ଦିବସ ପାଳନ,ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଳାହାଣ୍ଡି ଓକିଲ ସଂଘର ସମ୍ବର୍ଦ୍ଧନା ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ବହୁଜନ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଆମ୍ବେଡକର ଭବନ, ସମୟ: ପୂର୍ବାହ୍ଣ ୧୦ଟା।

## ବୌଦ୍ଧ

- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ତୃତୀୟ ଦିବସରେ ନାଟକ ବନବାସ, ସ୍ଥାନ: ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ରାମନବମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ବରଘାଟ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ତୃତୀୟ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନିକା ଶିଶୁମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଶ୍ରୀରାମ ଲୀଳା ନାଟକର ତୃତୀୟ ରଜନୀ, ସ୍ଥାନ: ଖଇରମାଲ,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।
- ଶ୍ରୀରାମ ଲୀଳା ନାଟକ ରାମ ବନବାସ ପରିବେଷଣ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।

## ନୂଆପଡ଼ା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ୧୨ନଂ. ୱାର୍ଡ କୁଅଁରପଡ଼ା, ସମୟ: ସକାଳ ୮ଟା ୩୦।

---

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଘରଣୀ ଗଙ୍ଗା**
**ପେଯ ପିଇ କରି ବାନ୍ଧିଚୁ ସଙ୍ଗା।**

କୃପଣ ନ ହେଲେ ସଞ୍ଚୟ କରିବା କଷ୍ଟକର। ଭବିଷ୍ୟତକୁ ସୁଦୃଢ଼ ଏବଂ ସୁରକ୍ଷିତ କରିବା ଲାଗି ସଞ୍ଚୟ ମନୋବୃତ୍ତି ରଖିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରିସ୍ଥଳେ ବହୁ କଷ୍ଟ କରି ଘର ପ୍ରତି ପୂର୍ଣ୍ଣ ସମର୍ପିତା ଥିବା ଗୃହିଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ମୁଣ୍ଡ ଟାକୁ ଟାକୁ**
**କାହୁଁ ଆଣିଥିଲି ଥାକୁଲିଟାକୁ**
**ଚୁଡ଼ା କୁଟି ଖାଇବାକୁ।**

ଆବଶ୍ୟକତାଠୁ ଅଧିକ ମୋଟା ହେଲେ ବ୍ୟକ୍ତି ସ୍ୱଚ୍ଛନ୍ଦରେ କାମଦାମ କରିପାରି ନ ଥାଏ। ଥାକୁଲି ସ୍ତ୍ରୀ ମୋଟୀ ହୋଇଥିବା ଦୃଷ୍ଟିରୁ ଆଦୌ କାର୍ଯ୍ୟଦକ୍ଷ ହୋଇପାରୁ ନ ଥିବାବେଳେ ତା'ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ପ୍ଲସ୍‌୨ ପରୀକ୍ଷା...

ସହ ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କୁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା କରାଯିବ। ମୁଖ୍ୟ ପରୀକ୍ଷାରେ ପାସ୍ କରିଥିବା ଛାତ୍ରୀଛାତ୍ର ଗୋଟିଏ ବିଷୟରେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଦେଇପାରିବେ। ସେହିପରି ଗୋଟିଏ ବିଷୟରେ ଫେଲ୍ ଛାତ୍ରୀଛାତ୍ର ପୂର୍ବପରି ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି।

---

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଜୀବନଚର୍ଯ୍ୟା ସୁନ୍ଦର ରହିବ। ରାଶ୍ୟାଧିପ ମଙ୍ଗଳଙ୍କ ଏକାଦଶସ୍ଥ ସ୍ଥିତିଜନିତ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ସମସ୍ୟାଗୁଡ଼ିକ ବ୍ୟସ୍ତତା ସୃଷ୍ଟି କରାଇବେ। ପାରସ୍ପରିକ ଆଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ** – ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ମନମୁଖି ଶାସନ ଓ ସ୍ୱାଧୀନ ମତବ୍ୟକ୍ତ ଘରୋଇ କଳହକୁ ଜନ୍ମଦେବ। କୃତ୍ତିକା ନକ୍ଷତ୍ରର କାମ ଚାପ ସହ ଦୈହିକ ଅସୁସ୍ଥତାର ସୂଚନା ରହିଛି। ପ୍ରକାଶନ, ଆଇନ ଅଦାଲତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ପୂର୍ବପରି ଚାଲୁ ରହିବ। ସାଙ୍ଗସାଥୀ କହିବେ ବହୁତ, କିନ୍ତୁ କାମ କଲାବେଳକୁ ଦେଖାମିଳିନପାରେ।

**ମିଥୁନ** – କର୍ମାଧିପତି ବୃହସ୍ପତି ରାଶିରେ ଅବସ୍ଥାନ କରି କର୍ମାରମ୍ଭ ସକାଶେ ଅନୁପ୍ରେରିତ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ କଳହ ଲାଗିପାରେ। ବନ୍ଧୁଙ୍କ ସହିତ ଟଙ୍କା ପଇସା ସମ୍ପର୍କିତ ଝାମେଲାର ସମ୍ମୁଖୀନ ହେବେ। ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ସନ୍ତୋଷଜନକ ଫଳ ପାଇବେ।

**କର୍କଟ** – ପାପଗ୍ରହ ଦୃଷ୍ଟି ବିବର୍ଜିତ ରାଶ୍ୟାଧିପ ଚନ୍ଦ୍ର ଦୈହିକ, ମାନସିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରାଇବ। ଧନାଧିପ ରବିଙ୍କ ସୁପ୍ରଭାବରେ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ, ସଭାସମିତିରେ, ସଠିକ୍ ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଅର୍ଥନୈତିକ ସ୍ଥିତି ଓ ପାରିବାରିକ ସଦ୍ଭାବର ଅଭାବ ରହିବ ନାହିଁ।

**ସିଂହ** – ଚନ୍ଦ୍ରଙ୍କ କୋଣଭାବସ୍ଥ ରବି ଯୋଗୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ସ୍ୱାଭାବିକତା ଫେରିପାରେ। ଶନିକ୍ଷେତ୍ରସ୍ଥ ବୁଧଙ୍କ ଯୋଗୁ ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ଚିନ୍ତିତ ହେବେ।

**କନ୍ୟା** – ଏକାଦଶସ୍ଥ ଚନ୍ଦ୍ର ଉଦ୍ୟମକୁ ଚରିତାର୍ଥ କରାଇବ। ଦିନଚର୍ଯ୍ୟା ମଧ୍ୟରେ ଯାହାକୁ ଯାହା କହିବେ କିମ୍ବା କରିବେ, ସବୁ ସୁବିଧାରେ ସମ୍ପନ୍ନ ହେବ। ଦୀର୍ଘଦିନର ଚେଷ୍ଟା ପରେ ଉପରିସ୍ଥଙ୍କ ସହୃଦୟତାରୁ ଋଣସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟର ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢ଼ିପାରେ।

**ତୁଳା** – ଆଶା ବାସ୍ତବତାରେ ପରିଣତ ହେବା ସହ ଯାହା ପାଇବା କଥା ତାହା ପାଇବେ। ଶନିଙ୍କ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ କାଳକ୍ଷେପଣ ନୀତି ସମସ୍ୟା ଓ ବିଳମ୍ବ ସୃଷ୍ଟି କରିବ। ଅତି ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଶୁଭପ୍ରଦ ହେବ, ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି।

**ବିଛା** – ଭାଗ୍ୟାଧିପତି ଚନ୍ଦ୍ରଙ୍କ ଆରୋହଣ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ କରାଇବ। ପରିବାରାଧିପତି ଶନିଙ୍କ ଦୁଃସ୍ଥାନ ସ୍ଥିତି ବିନା କାରଣରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କ୍ରୀଡ଼ା, ସାମ୍ବାଦିକତା, ସାହିତ୍ୟରେ ସୁନାମ ଅର୍ଜନ କରିବେ।

**ଧନୁ** – ଆଜି ବୈଷୟିକ ଅଭିବୃଦ୍ଧିରୁ ଖୁସି ହେବେ, କିନ୍ତୁ ବିଭିନ୍ନ କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବିବାଦ କାରଣରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ ଏବଂ ପାରିବାରିକ, ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।


**ମକର** – କେନ୍ଦ୍ରସ୍ଥ ଶୁକ୍ର ଆପଣଙ୍କ ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଜୀବନଯାତ୍ରାକୁ ସରସ, ସୁନ୍ଦର କରାଇପାରନ୍ତି। ଭୁଲ୍ ବୁଝାମଣା ନେଇ ଅଶାନ୍ତି ଓ କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** – ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା କାର୍ଯ୍ୟ ସିଦ୍ଧି ପାଇଁ ମନୋବଳ ସୃଷ୍ଟି କରିବ। ସକାଳେ ଶୁଭ ଖବର ପାଇ ଖୁସି ହୋଇଯିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**ମୀନ** – ଉଚ୍ଚାରୋହୀ ରବିଙ୍କ ଯୋଗୁ ଆପଣଙ୍କ ପ୍ରତିଷ୍ଠା ଓ ଲୋକ ସମ୍ପର୍କକୁ ନିଜ ଲୋକମାନେ ଭଲ ଦୃଷ୍ଟିରେ ଦେଖିନପାରନ୍ତି। ବାରମ୍ବାର ଚେଷ୍ଟା କରି ଆସୁଥିବା କାମଗୁଡ଼ିକ ଆଜି ଠିକ୍ ଭାବରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ।

ଆଜି ମାର୍ଚ୍ଚ ୨୯ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା (ଶମ୍ଭୁ) ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର। ରବିନାରାୟଣ ବ୍ରତ, ଶ୍ରୀମନ୍ଦିରରେ ସୀତା ବିବାହ, ଶହୀଦ୍ ଲକ୍ଷ୍ମଣନାୟକଙ୍କ ଫାଶୀ ଦିବସ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର– ଅଶ୍ଳେଷା/କର୍କଟ, ଘ.୨।୩୮ମି. ଗତେ ମଘା/ସିଂହ, ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୬ ଗତେ ଘ.୦୯।୫୦ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୨୫ ଗତେ ଘ.୦୫।୫୬ମି. ରାହୁକାଳ।

## ଏଥର ବାବୁମାନେ ପଡ଼ିବେ ଏଆଇ




# ଅଶୋକ ପଣ୍ଡା ନୂତନ ସେଲ୍ ଅଧ୍ୟକ୍ଷ

ରାଉରକେଲା,୨୮।୩(ସଙ୍ଗୀତା ଜେନା)

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ଡ. ଅଶୋକ ପଣ୍ଡାଙ୍କୁ ଚୟନ କରାଯାଇଛି। ନୂଆଦିଲ୍ଲୀରେ ଶନିବାର ହୋଇଥିବା ଏହି ଚୟନ ପ୍ରକ୍ରିୟାରେ ଡ. ପଣ୍ଡାଙ୍କୁ ବଛାଯାଇଥିଲା। ପଣ୍ଡା ସେଲ୍‌ର ବିତ୍ତ ନିର୍ଦ୍ଦେଶକ ତଥା ନିର୍ଦ୍ଦେଶକ (ବାଣିଜ୍ୟ) ଅତିରିକ୍ତ ଦାୟିତ୍ୱରେ ଥିଲେ। ଏହି ଅବସରରେ ନୂତନ ସିଏମ୍‌ଡିଙ୍କୁ ବିଏମ୍‌ଏସ୍, ଆର୍‌ଏସ୍‌ଏସ୍ ସମେତ ଅନ୍ୟ ଶ୍ରମିକ ସଙ୍ଗଠନ


ଅଶୋକ ପଣ୍ଡା

ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସିଟୁର ସର୍ବଭାରତୀୟ ଉପାଧ୍ୟକ୍ଷ ତଥା ଏନ୍‌ଜେସିଏସ୍ ସଦସ୍ୟ ବିଷ୍ଣୁ ମହାନ୍ତି, ଷ୍ଟିଲ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିୟନ(ସିଟୁ)ର ସାଧାରଣ ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଶନିବାର ସିଏମ୍‌ଡି ପଦବୀ ପାଇଁ ଅନୁଷ୍ଠିତ ସାକ୍ଷାତକାରରେ ବର୍ତ୍ତମାନ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମାଙ୍କ ସମେତ ସେଲ୍‌ର ବିଭିନ୍ନ ୟୁନିଟ୍ ତଥା ଭାରତୀୟ ରେଲୱେର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ତାଳବସ୍ତ/ବାଙ୍କୀ,୨୮।୩ (ସୁବ୍ରତ କୁମାର ନାୟକ/ଶୁଭେନ୍ଦୁ ମହାପାତ୍ର)

### ପ୍ରେମଜନିତ କାରଣକୁ ନେଇ ସନ୍ଦେହ

କଟକ ଜିଲା ଡମପଡା ବ୍ଲକ ଅନ୍ତର୍ଗତ ବିଲିପଡ଼ା ପଞ୍ଚାୟତର ତାରିଣୀ ମନ୍ଦିର ଉଦ୍ୟାନ ନିକଟରେ ଶନିବାର ଏକ ଅଘଟଣ ଘଟିଛି। ଜଣେ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ମଝି ସାହିର ସୌମ୍ୟରଞ୍ଜନ ବାରିକ(୨୮)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେଠାରେ ସୌମ୍ୟଙ୍କ ଅବସ୍ଥା ଭଲ ଥିବା ଜଣେ ସମ୍ପର୍କୀୟ କହିଛନ୍ତି। ପ୍ରେମଜନିତ ଘଟଣାକୁ ନେଇ ଏହି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ସୌମ୍ୟ ଏକ ବାଇକ୍ ଯୋଗେ ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ତାରିଣୀ ଉଦ୍ୟାନ ପାଖରେ ପହଞ୍ଚିଥିଲେ। ସେଠାରେ ସେ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କୁ ଦେଖା କରିଥିଲେ। ଉଭୟ କିଛି ସମୟ ପର୍ଯ୍ୟନ୍ତ ସେଠାରେ କଥାବାର୍ତ୍ତା ହେବାପରେ କୌଣସି କଥାକୁ ନେଇ ପରସ୍ପର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସୌମ୍ୟ ସାଙ୍ଗରେ ଆଣିଥିବା ପେଟ୍ରୋଲକୁ ନିଜ ଦେହରେ ଢାଳି ନିଆଁ ଲଗାଇଦେଇଥିଲେ। ସମ୍ପୃକ୍ତ ଯୁବତୀ ତାଙ୍କୁ ଉଦ୍ଧାର କରି ନିଜ ସ୍କୁଟିରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଦାୟିତ୍ୱରେ ଥିବା ଡା. ମାର୍କଣ୍ଡେୟ ଆଚାର୍ଯ୍ୟଙ୍କ କହିବାନୁଯାୟୀ, ସୌମ୍ୟଙ୍କ ଶରୀରର ୩୬ ପ୍ରତିଶତ ପୋଡ଼ିଯାଇଛି। ଏସମ୍ପର୍କରେ ବାଙ୍କୀ ଥାନାକୁ ଅବଗତ କରାଇ ପ୍ରାଥମିକ ଚିକିତ୍ସା କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗୁ ତାଙ୍କୁ କଟକ ପଠାଇ ଦିଆଯାଇଛି। ଖବରପାଇ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ଭୂୟାଁ ଏବଂ ଏସ୍‌ଡିପିଓ ବାଳକୃଷ୍ଣ କୁଅଁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗ୍ରାମର କିଛି ଯୁବ ଗୋଷ୍ଠୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହା ଏକ ପ୍ରେମଜନିତ ଘଟଣା। ଉଭୟଙ୍କ ଘର ଗୋଟିଏ ଗାଁରେ, କିନ୍ତୁ ଜାତି ଅଲଗା ଥିବାରୁ ଏହା ବିବାହରେ ପ୍ରତିବନ୍ଧକ ସାଜିଛି। ସେଥିପାଇଁ ସୌମ୍ୟ ଏପରି ନିଷ୍ପତ୍ତି ନେଇଥାଇପାରନ୍ତି। ପୋଲିସ ଅଧିକ ତଦନ୍ତ କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

## ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

### ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି

ଆସିକା,୨୮।୩(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ୍ କୋଦିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଯୁକ୍ତ୩ରେ ପଢୁଥିବା ଜଣେ ଛାତ୍ରୀ ଦେହରେ କିରୋସିନ ଢାଳିବା ପରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ପରିବାରର ସମସ୍ତେ ଦାଣ୍ଡପଟେ ଥିବାବେଳେ ଛାତ୍ରୀ ଜଣକ ବାଥ୍‌ରୁମରେ ଏଭଳି କାଣ୍ଡ କରିଛନ୍ତି। ପରିବାର ଲୋକେ ଏହା ଜାଣିବାରୁ ତାଙ୍କୁ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଛାତ୍ରୀଙ୍କ ଶରୀରର ୪୦ରୁ ୫୦ ପ୍ରତିଶତ ପୋଡ଼ିଯାଇଛି। ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଛାତ୍ରୀଜଣକ ଆତ୍ମାହୁତି ଉଦ୍ୟମ କରିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଛାତ୍ରୀଙ୍କର କୋଦଳା ଅଞ୍ଚଳର ଜଣେ ଯୁବକଙ୍କ ସହ ସମ୍ପର୍କ ରହିଥିଲା। କୌଣସି ମତାନ୍ତରକୁ ନେଇ ଶୁକ୍ରବାର ରାତିରେ ସେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ କୋଦିନଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୯୮/୨୬ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିବା ବେଳେ ଛାତ୍ରୀ ଜଣକ ଆତ୍ମାହୁତି ଉଦ୍ୟମ କରିଛନ୍ତି।

# ରାମନବମୀ ଶୋଭାଯାତ୍ରାରେ ଗୁଳି ଫୁଟାଇଲେ ବିଧାୟକ

ବଲାଙ୍ଗୀର/ଟିଟିଲାଗଡ଼,୨୮।୩ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

- ଟିଟିଲାଗଡ଼ ବିଧାୟକ, ପିଏସ୍‌ଓଙ୍କ ବିରୋଧରେ ମାମଲା, ବନ୍ଧୁକ ଜବତ
- ବିଧାୟକଙ୍କ ପିଏସ୍‌ଓ ନିଲମ୍ବିତ
- ଖେଳଣା ବନ୍ଧୁକ ଫୁଟାଇଛି, ବିଜେଡି ଅପପ୍ରଚାର କରୁଛି: ନବୀନ

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ଶୋଭାଯାତ୍ରାରେ ଫୁଟିଛି ଗୁଳି। ଆଉ ଏହି ଗୁଳି ଚଳାଇଛନ୍ତି ସ୍ଥାନୀୟ ବିଧାୟକ ନବୀନ ଜୈନ। ନବୀନ ଏକାଧିକ ସ୍ଥାନରେ ଫାଙ୍କା ଗୁଳିଚାଳନା କରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଉପସ୍ଥିତିରେ ସେ କିଭଳି ଫାଙ୍କା ଗୁଳିଚାଳନା କଲେ ବୋଲି ବିଜେଡି ପ୍ରଶ୍ନ କରିବା ସହ ଏନେଇ ବିଧାୟକଙ୍କୁ କଡ଼ା ସମାଲୋଚନା କରିଛି। ଅନ୍ୟପଟେ ଜୈନ ଏଭଳି ଅଭିଯୋଗକୁ ଖଣ୍ଡନ କରି ବନ୍ଧୁକ ନୁହେଁ, ଏହା ଖେଳଣା ବନ୍ଧୁକ ଥିଲା ବୋଲି କହିଛନ୍ତି। ରାମନବମୀ ରାଲିରେ ଲୋକେ ଖୁସି ମନାଉଥିଲେ। ଏଠାରେ କେହି ଜଣେ ତାଙ୍କୁ ଖେଳଣା ବନ୍ଧୁକ ଦେବାରୁ ସେ ଚଳାଇଥିଲେ ବୋଲି କହି ବିଜେଡିକୁ ସମାଲୋଚନା କରିଛନ୍ତି। ଅତିରିକ୍ତ ଏସ୍‌ପି ହିମାଂଶୁ ଶେଖର ବେହେରା କହିଛନ୍ତି, ବିଧାୟକ ଏବଂ ତାଙ୍କ ପିଏସ୍‌ଓଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ବନ୍ଧୁକକୁ ଜବତ କରାଯାଇଛି। ଜବତ ବନ୍ଧୁକ(.୩୨ ବୋର୍) ଇଣ୍ଡିଆନ ଅର୍ଡିନାଂଶ ଫ୍ୟାକ୍ଟ୍ରିରେ ନିର୍ମିତ ହୋଇଥିବାବେଳେ ଏହାର ଲାଇସେନ୍ସ ବିଧାୟକଙ୍କ ନାମରେ ରହିଛି। ବନ୍ଧୁକରୁ ୩ରାଉଣ୍ଡ ଗୁଳି ବ୍ଲାଙ୍କ ଫାୟାରିଂ ହୋଇଥିବା ଜଣାଛିଡ଼ି। ଏହି ଘଟଣାରେ ବିଧାୟକଙ୍କ ପିଏସ୍‌ଓ ପ୍ରେମଚାନ୍ଦ ନାଗଙ୍କୁ ନିଲମ୍ବିତ କରାଯାଇଥିବା ବେହେରା କହିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବଲାଙ୍ଗୀର ଗସ୍ତକରି ମାମଲାର ଛାନ୍‌ଭିନ୍ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶ୍ରୀରାମ ନବମୀ ଉପଲକ୍ଷେ ଠିକାଦାରପଡ଼ା ରାଧାକୃଷ୍ଣ ମନ୍ଦିରରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଟିଟିଲାଗଡ଼ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ କୁନି କୁନି ପିଲାମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ଭୂମିକାରେ ସଜେଇ ହୋଇ ସୁସଜ୍ଜିତ ରଥରେ ପରିକ୍ରମା କରୁଥିଲେ। ଏହି ଶୋଭାଯାତ୍ରାରେ ସହରର ଶତାଧିକ ମହିଳା, ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବି ମୁତୟନ ହୋଇଥିଲେ। ସହରର ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ବିଧାୟକ ଏଥିରେ ସାମିଲ ହୋଇଥିଲେ। ସେଠାରେ ବିଧାୟକ ଏକ ପିସ୍ତଲ (ବନ୍ଧୁକ) ଉପରମୁହାଁ କରି ଫାଙ୍କା ଗୁଳିଚାଳନା କରିଥିଲେ। ଗୁଳି ଫୁଟାଇବା ପରେ ଏହାକୁ ବିଧାୟକ ପ୍ୟାଣ୍ଟ ଭିତରେ ଭରି ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ସମୟରେ ତାଙ୍କ ପିଏସ୍‌ଓ ଏବଂ ଅନ୍ୟ ପୋଲିସ ମଧ୍ୟ ଉପସ୍ଥିତ ଥିଲେ। ଏନେଇ ବିଜେଡି ପକ୍ଷରୁ ବିଧାୟକଙ୍କୁ କଡ଼ା ସମାଲୋଚନା କରାଯିବା ସହ ରବିବାର ଟିଟିଲାଗଡ଼ ଥାନାରେ ବିଧାୟକଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଏଭଳି ପ୍ରତିକ୍ରିୟା ପରେ ଜୈନ କହଛନ୍ତି, ରାଲିରେ ସେ ଖେଳଣା ବନ୍ଧୁକ ଫୁଟାଇଛନ୍ତି। ଟିଟିଲାଗଡ଼ର ବିକାଶ କଥା ଛାଡ଼ି ଏଭଳି ପ୍ରସଙ୍ଗକୁ ଧରି ବିଜେଡି ଅପପ୍ରଚାର କରିବାକୁ ଚେଷ୍ଟା କରୁଛି। ତେବେ ବିଧାୟକ ନବୀନ ଖେଳନା ବନ୍ଧୁକ ଧରିଥିବା କହୁଥିବାବେଳେ ପୋଲିସ ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ଜବତ କରିଥିବା କହିବା ଘଟଣା ଏବେ ଆଲୋଚନାର ବିଷୟ ପାଲଟିଛି।

## ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)

ରାମନବମୀ ଅବସରରେ ଟିଟିଲାଗଡ଼ରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିଲା। ଏଥିରେ ଅରାଜକତାର ସମସ୍ତ ସୀମାରେଖାକୁ ଉଲ୍ଲଂଘନକରି ବିଧାୟକ ନବୀନ ଜୈନ ବନ୍ଧୁକ ବାହାରକରି ସର୍ବସାଧାରଣଙ୍କ ସାମ୍ନାରେ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହା ଡବଲ ଇଞ୍ଜିନ ସରକାରରେ ଭାଜପା ବିଧାୟକଙ୍କ ଔଦ୍ଧତ୍ୟର ନଗ୍ନ ଚିତ୍ର ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଟୁକୁନି ସାହୁ କହିଛନ୍ତି, ନବୀନ ଜୈନ ସରକାରୀ ଦଳର ବିଧାୟକ ହୋଇ ସରକାରୀ ନ୍ୟାୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଜଣେ ଜନପ୍ରତିନିଧି ହୋଇ ଟିଟିଲାଗଡ଼ ପରି ଶାନ୍ତିପୂର୍ଣ୍ଣ ଜାଗାରେ ସର୍ବସାଧାରଣରେ ଗୁଳି ଫୁଟାଇବା ଏକ ଧର୍ତ୍ତବ୍ୟ ଅପରାଧ। ତେଣୁ ଏହି ଅପରାଧ ସଂଜ୍ଞାନକୁ ନେଇ ପୋଲିସ ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରୁ। ଜୈନଙ୍କ ପାଇଁ ଏଭଳି ଘଟଣା ନୂଆ ନୁହେଁ। ପୂର୍ବରୁ ହୋଲି ଶୋଭାଯାତ୍ରାରେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କର୍ମୀଙ୍କୁ ଏକ ଚଳନ୍ତା ଅଟୋରୁ ସେ ଠେଲିଦେଇଥିଲେ। ଫଳରେ ତତ୍‌କ୍ଷଣାତ୍ ସେହି କର୍ମୀ ଜଣଙ୍କ ମୃତ୍ୟୁ ଘଟିଥିଲା। ଯେହେତୁ ସେ ସରକାରୀ ଦଳର ବିଧାୟକ ସେଥିଲାଗି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଫଳରେ ତାଙ୍କ ଔଦ୍ଧତ୍ୟ ଆହୁରି ବଢ଼ି ଭୟଙ୍କର ରୂପ ନେଉଛି। ଭାଜପା ସରକାରରେ ଖୋଲାଖୋଲି ଭାବେ ବହୁ ବିଧାୟକ ଓ ମନ୍ତ୍ରୀ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଉଲ୍ଲଂଘନ କରୁଛନ୍ତି। ଅନ୍ୟ ସ୍ଥାନରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଆଇନକୁ ଫୁଙ୍କରି ବିନା ହେଲ୍‌ମେଟ୍‌ରେ ବିଶୃଙ୍ଖଳିତ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ଟୁକୁନି ଅଭିଯୋଗ କରିଛନ୍ତି।


ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶୁକ୍ରବାର ରାମନବମୀ ରାଲିରେ ଗୁଳି ଫୁଟାଉଥିବା ଦୃଶ୍ୟ।

# ସହରରେ ୨୫, ଗ୍ରାମାଞ୍ଚଳରେ ୪୫ ଦିନରେ ଗୋଟେ ଗ୍ୟାସ୍: ମନ୍ତ୍ରୀ ପାତ୍ର

ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)

### ସହରାଞ୍ଚଳରେ ପିଏନ୍‌ଜି ବ୍ୟବସ୍ଥା ପାଇଁ ଦିଲ୍ଲୀ ବୈଠକରେ ଆଲୋଚନା

ଦେଶରେ ଗୋଟେ ଭୟର ବାତାବରଣ ସୃଷ୍ଟି କରାଯାଇଛି। ଲୋକମାନେ ଆଗକୁ କାଳେ ଲମ୍ବା ଯୁଦ୍ଧ ହୋଇଯିବ ଏବଂ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ମିଳିବ କି ନାହିଁ ସେହି ଚିନ୍ତାରେ ରହୁଛନ୍ତି। ତେଣୁ ଆଗୁଆ ଗ୍ୟାସ୍, ପେଟ୍ରୋଲ ଏବଂ ଡିଜେଲ ମହଜୁଦ ରଖିବା ଲାଗି ସେମାନେ ଚିନ୍ତା କରୁଛନ୍ତି। ଏସବୁ ସ୍ଥିତିକୁ ଦେଖିବା ପରେ ୩୦ ପ୍ରତିଶତ ଅଧିକ ଗ୍ୟାସ୍ ବୁକିଂ ହୋଇଛି। ସହରାଞ୍ଚଳ ଲୋକଙ୍କୁ ୨୫ ଏବଂ ଗ୍ରାମାଞ୍ଚଳ ଲୋକଙ୍କୁ ୪୫ ଦିନରେ ଗୋଟିଏ ଏଲ୍‌ପିଜି ଦେବା ଲାଗି ଯୋଜନା ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।


କୃଷ୍ଣଚନ୍ଦ୍ର ପାତ୍ର

ମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ଏଥିରେ ମୁଖ୍ୟତଃ ୯ଟି ରାଜ୍ୟକୁ ଡକାଯାଇଥିଲା। ୯ ରାଜ୍ୟର ଯୋଗାଣ ମନ୍ତ୍ରୀମାନେ ଆସିଥିଲେ। ଏହି ବୈଠକ କେନ୍ଦ୍ର ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ହର୍‌ଦୀପ ପୁରୀ ସିଂ ଏଥିରେ ଉପସ୍ଥିତ ଥିଲେ। ପାଇପ୍ ଯୋଗେ ଗ୍ୟାସ୍ ପହଞ୍ଚାଇବା ଲାଗି ଆଲୋଚନା ହୋଇଛି। ଓଡ଼ିଶାରେ ସେଭଳି ପିଏନ୍‌ଜି(ପାଇପ୍‌ଡ ନ୍ୟାଚୁରାଲ ଗ୍ୟାସ୍) ସୁବିଧା ବିଶେଷତଃ ନାହିଁ। ଭୁବନେଶ୍ୱରରେ ମଧ୍ୟ ସବୁଠାରେ ଏହି ବ୍ୟବସ୍ଥା କରାଯାଇନାହିଁ। ତେଣୁ ରାଜ୍ୟର ସହରଗୁଡ଼ିକରେ କିପରି ଲୋକଙ୍କୁ ପାଇପ୍ ଯୋଗେ ପିଏନ୍‌ଜି ଦିଆଯିବ ସେନେଇ ଆଲୋଚନା ହୋଇଛି। ଏହାଦ୍ୱାରା ଲୋକଙ୍କୁ ଘରେ ପହଞ୍ଚାଇବାକୁ ଯେଉଁ ଗାଡ଼ି ଅସୁବିଧା ରହୁଛି ତାହା ହେବ ନାହିଁ, ଲୋକଙ୍କୁ ଏହା ୧୨ରୁ ୧୩ ଟଙ୍କା କମ୍ ଦରରେ ମଧ୍ୟ ମିଳିବ। ନଗରଗୁଡ଼ିକୁ ପିଏନ୍‌ଜି ଗ୍ୟାସ୍ ବ୍ୟବସ୍ଥା ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ। ସହରାଞ୍ଚଳରେ ଲୋକଙ୍କୁ ୨୫ ଏବଂ ଗ୍ରାମାଞ୍ଚଳରେ ୪୫ ଦିନରେ ଗୋଟିଏ ଲେଖାଏ ଗ୍ୟାସ୍ ଦିଆଯିବ। ଗ୍ୟାସ୍, ପେଟ୍ରୋଲ କିମ୍ବା ଡିଜେଲର କିଛି ଅଭାବ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭୟର ବାତାବରଣ ଥିବାରୁ ଲୋକମାନେ ଅଧିକ ମହଜୁଦ କରିବା ଲାଗି ବ୍ୟସ୍ତ ହୋଇପଡୁଛନ୍ତି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

No. 15001/11/2526
ଓଡ଼ିଶା ସରକାର



ମହାନ ସ୍ୱାଧୀନତା ସଂଗ୍ରାମୀ
ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୨୯ ମାର୍ଚ୍ଚ, ୨୦୨୬

ସକାଳ ୮ ଘଟିକା - ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ଘ.୮.୩୦ ମିନିଟ୍ - ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲ୍ ଛକ ଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ୯ ଘଟିକା - ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର -୧ ସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
ସମ୍ମାନନୀୟ ଅତିଥି–ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ମୁଖ୍ୟ ବକ୍ତା - ଡଃ ସୋମା ଚାନ୍ଦ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

OIPR-15001/15001/2/25-26/0011
ସୂଚନା ଓ ଲୋକସମ୍ପର୍କ ବିଭାଗ

## ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ପିଠାଖାଇ ଘାଟିରେ...

ଯାତ୍ରୀ ଆହତ ହୋଇଥିବାବେଳେ ୩୫ ଜଣ ଯାତ୍ରୀଙ୍କ ଅବସ୍ଥା ଭଲ ନ ଥିଲା। ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଯାତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ସୂଚନା ଅନୁସାରେ ବସ୍‌ଟି ଦ୍ରୁତ ଗତିରେ ଯାଉଥିଲା। ଦଶପଲ୍ଲା ଅଞ୍ଚଳର ଏକ ଢାବାରେ ଖାଇବା ପରେ ପୁଣି ବସ୍ ଦ୍ରୁତ ଗତିରେ ଚାଲିଥିଲା। ଘାଟ ବୁଲାଣିରେ ଡ୍ରାଇଭର କାଟି ନ ପାରିବାରୁ ବସ୍‌ଟି ଓଲଟି ପଡ଼ିଥିଲା। ବସ୍‌ରେ ଜଣେ ଡ୍ରାଇଭର ବିଶ୍ରାମ ନେଇଥିବା ବେଳେ ୨ୟ ଡ୍ରାଇଭର ଚଳାଉଥିଲେ। ମୁଁ ଆଗ ସିଟ୍‌ରେ ବସିଥିଲି। ବସ୍ ଓଲଟିବା ପରେ ଜଣେ ଆହତଙ୍କ ସୂଚନା ଅନୁସାରେ କାଚ ଭାଙ୍ଗି ଯାଇଥିଲା। ମୁଁ ଭଙ୍ଗା କାଚ ଦେଇ ବାହାରକୁ ଯାଇ ଆହତମାନଙ୍କୁ ଉଦ୍ଧାର କରିବାକୁ ରାଜପଥରେ ଯାଉଥିବା ଟ୍ରକ୍ ଡ୍ରାଇଭରଙ୍କୁ ସାହାଯ୍ୟ ମାଗିଥଲି। ବସ୍‌ର ପ୍ରକୃତ ଡ୍ରାଇଭର ଅଜିତ ଗୌଡ଼ଙ୍କ ସୂଚନା ଅନୁସାରେ ସେ ଆଗକୁ ଗାଡ଼ି ଚଳାଇବା ପାଇଁ ବିଶ୍ରାମ ନେଇଥିଲେ। ଦୁର୍ଘଟଣାରେ ମୁଁ ଚେତାଶୂନ୍ୟ ହୋଇପଡିଥିଲି। ନୟାଗଡ଼ ଡାକ୍ତରଖାନାରେ ମୋର ଚେତା ଆସିଲା। ବସ୍ ଧକ୍କା କେଉଁଠି ହୋଇଛି, କାହିଁକି ହେଲା, କିଏ ମଲେ କିଛି ଜାଣିନାହିଁ ବୋଲି କହିଥିଲେ। ଏମ୍‌ଭିଆଇ ପ୍ରକାଶ କୁମାର ଦୀପ୍‌ଙ୍କ ସୂଚନା ଅନୁସାରେ ବସ୍‌ର କାଗଜପତ୍ର ଠିକ୍ ଥିଲା। ଟାୟାର ବି ନୂଆ ରହିଛି। ତୁରିଷ୍ଟ ଡ୍ରାଇଭର ଘାଟି ରାସ୍ତାର ସାର୍କ କର୍ପ ଟର୍ନିଂ ସମ୍ପର୍କରେ ଜାଣି ନ ପାରି ଦ୍ରୁତ ଗତିରେ ନେଉଥିବାବେଳେ ଅଟକାଇ ନ ପାରି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବା ଜଣାପଡୁଛି। ଡ୍ରାଇଭର ନିଶାସକ୍ତ ଥିଲେ କି ନାହିଁ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ଜିଲାପାଳ ରୋଜିନା ଦାସ କୁହନ୍ତି, ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଛି। ଦୁଇ ଜଣଙ୍କୁ ରେଫର କରାଯାଇଛି। ଆହତଙ୍କ ଚିକିତ୍ସା କରାଯାଉଛି। ମୃତକ ଓ ଆହତଙ୍କୁ ରେଡକ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ୫ ମୃତଦେହ ଜିଲା ପ୍ରଶାସନ ନିଜ ଖର୍ଚ୍ଚରେ ସେମାନଙ୍କ ଗାଁରେ ପହଞ୍ଚାଇ ଦେଇଛି ବୋଲି କହିଥିଲେ।

ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ୫ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ଦଶପଲ୍ଲା ପୋଲିସ ନଂ. ୭୪/୨୬ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି।

ସୂଚନାଯୋଗ୍ୟ, ବସ୍‌ଟି ସୋରଡାରୁ ୬୦ ତୀର୍ଥଯାତ୍ରୀଙ୍କୁ ନେଇ ୩ଦିନିଆ ଟୁରରେ ହରିଶଙ୍କର ଓ ସମ୍ବଲପୁର ଦେଇ ଘଟଗାଁ ତାରିଣୀ ହୋଇ ପୁରୀ ସହ ୧୧ ଟି ସ୍ଥାନ ବୁଲିଥାନ୍ତା ବୋଲି ଜଣାପଡିଛି।

### ଥାନାରୁ ଅଭିଯୁକ୍ତ...

ଅଧୀନ ରାଉତରାପୁର ପଞ୍ଚାୟତସ୍ଥିତ କୁଣ୍ଡପାଟଣା ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି କରିବା ଘଟଣାରେ ଉତ୍ତରପ୍ରତାପ ଗ୍ରାମପଞ୍ଚାୟତର ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା(୨୪)ଙ୍କୁ ପୋଲିସ ୨୭।୯।୨୦୨୫ରେ ଅଟକ ରଖି ପଚରାଉଚୁରା କରିଥିଲା। ଏନେଇ ବ୍ରହ୍ମବରଦା ଥାନାରେ ୨୩୨/୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ୨୮।୯।୨୦୨୫ ଭୋର ସମୟରେ ରାତ୍ରି ଦାୟିତ୍ୱରେ ଥିବା ଉପରୋକ୍ତ ପୋଲିସ କର୍ମଚାରୀମାନେ ଶୋଇ ପଡ଼ିଥିବା ଦେଖି ଅଭିଯୁକ୍ତ ଆଶିଷ କୌଶଳ କ୍ରମେ ଖସି ପଳାଇଥିଲେ। ଥାନା ଭିତରୁ ଏକ ମୋବାଇଲ ଏବଂ ଟାବଲେଟ ମଧ୍ୟ ନେଇ ଯାଇଥିଲେ। ଏପରିକି ସେ ଥାନା ନିକଟରେ ଥିବା ବରଦାସାହିର ଚିନ୍ମୟ କୁମାର ରାଉତ(ରାଜୁ)ଙ୍କ ଏକ ବାଇକ ଚୋରି କରି ସେଥିରେ ଫେରାର ମାରିଥିଲେ। ସେ ଫେରାର ହେବା ସମୟରେ ସାମନ୍ତରାପୁରସ୍ଥିତ କଟେରି ମେଳଣ ପଡ଼ିଆଠାରେ ଥିବା ଏକ ବରଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ମଧ୍ୟ ପୋଲିସକୁ ଚକମା ଦେଇ ଚିକିତ୍ସାଧୀନ ଅବସ୍ଥାରେ ଖସିପଳାଇବାରେ ସକ୍ଷମ ହୋଇଥିଲେ।

### ଝଡ଼ବର୍ଷା: ୧୬...

ଗତ ୨୪ ଘଣ୍ଟାରେ କନ୍ଧମାଳ ଜିଲା ଚକାପାଦରେ ସର୍ବାଧିକ ୩୪.୨ ମି.ମି. ବର୍ଷା ହୋଇଛି। ଟିକାବାଲିରେ ୩୨ ମି.ମି., ମୟୂରଭଞ୍ଜ ଜିଲା କରଞ୍ଜିଆରେ ୩୦ ମି.ମି., ନଓ୍ୱନରେ ୨୩.୨ ମି.ମି. ଓ ସୁକ୍ରୁଲିରେ ୨୧.୫ ମି.ମି., ଗଜପତି ଜିଲା ନୂଆଗଡ଼ରେ ୨୫ ମି.ମି., ଗଞ୍ଜାମ ଚିକିଟିରେ ୨୨.୬ ମି.ମି., କନ୍ଧମାଳ କଳିଙ୍ଗରେ ୨୨ ମି.ମି., କେନ୍ଦୁଝର ତେଲକୋଇରେ ୨୧.୮ ମି.ମି., ଅନୁଗୋଳ ଆଠମଲ୍ଲିକରେ ୨୦.୩ ମି.ମି. ବର୍ଷା ରେକର୍ଡ ହୋଇଛି।

ଅନ୍ୟପକ୍ଷରେ ଶନିବାର ୨୨ଟି ସ୍ଥାନର ତାପମାତ୍ରା ୩୫ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ତାଳଚେର ଏବଂ ଭବାନୀପାଟଣାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଝାରସୁଗୁଡାରେ ୩୮.୨ ଡିଗ୍ରୀ, ସୋନପୁର ୩୮.୨ ଡିଗ୍ରୀ, ବଲାଙ୍ଗୀର ୩୮ ଡିଗ୍ରୀ, ଅନୁଗୋଳ ୩୬.୭ ଡିଗ୍ରୀ, ବରଗଡ଼ ୩୬.୬ ଡିଗ୍ରୀ, ନୟାଗଡ଼ ୩୬.୫ ଡିଗ୍ରୀ, ନୂଆପଡା ୩୬.୫ ଡିଗ୍ରୀ, ହୀରାକୁଦ ୩୬.୪ ଡିଗ୍ରୀ, ସମ୍ବଲପୁର ୩୬.୪ ଡିଗ୍ରୀ, ରାଉରକେଲା ୩୬.୨ ଡିଗ୍ରୀ, ଢେଙ୍କାନାଳ ୩୬.୧ ଡିଗ୍ରୀ, ପାରଳାଖେମୁଣ୍ଡି ଓ ନବରଙ୍ଗପୁରରେ ୩୬ ଡିଗ୍ରୀ ରହିଥିଲା।

> ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। – ଶ୍ରୀଅରବିନ୍ଦ

# ପକ୍ଷପାତିତା ଭାର



ଆକାର ପଟେଲ

ଏକ ପରିକଳ୍ପିତ ସ୍ଥିତିର ପରିଣାମ ସମ୍ପର୍କରେ ବିଚାର କରାଯାଉ। କଳ୍ପନା କରନ୍ତୁ ଯେ ଦୁଇଟି ବଡ଼ କ୍ଷେପଣାସ୍ତ୍ର ହ୍ୱାଇଟ୍ ହାଉସ ଉପରେ ମାଡ଼ କଲା। ପ୍ରଥମଟି ଏପରି ସମୟରେ ଆବାସିକ କ୍ୱାର୍ଟର୍ସଗୁଡ଼ିକୁ ଆଘାତ କଲା ଯେତେବେଳେ ସମସ୍ତେ ଘରେ ଥିଲେ। ମନେକରାଯାଉ, ରାଷ୍ଟ୍ରପତି ଟ୍ରମ୍ପ, ତାଙ୍କ ପତ୍ନୀ ମେଲାନିଆ, ପୁଅ ଡୋନାଲ୍ଡ ଓ ଏରିକ ଏବଂ ସେମାନଙ୍କ ସ୍ତ୍ରୀ ଓ ପିଲାମାନେ ଘରେ ଥିବା ସମୟରେ ପ୍ରଥମ କ୍ଷେପଣାସ୍ତ୍ର ମାଡ଼ରେ ସମସ୍ତେ ପ୍ରାଣ ହରାଇଲେ। ପରେ ଏକତ୍ରିତ ହୋଇଥିବା ଅନ୍ୟସବୁ ପରିବାରର ସଦସ୍ୟଙ୍କୁ ସାହାଯ୍ୟ କରିବାକୁ ଉଦ୍ଧାରକାରୀମାନେ ଯିବା ବେଳେ ଦ୍ୱିତୀୟ କ୍ଷେପଣାସ୍ତ୍ରରେ ସେମାନଙ୍କ ପ୍ରାଣ ଚାଲିଗଲା। ଏହାପରେ, କଳ୍ପନା କରନ୍ତୁ ଯେ ଟ୍ରମ୍ପଙ୍କ କ୍ୟାବିନେଟ ସଦସ୍ୟ ବୈଦେଶିକ ମନ୍ତ୍ରୀ (ସେମାନେ କହନ୍ତି ବିଦେଶ ସଚିବ) ରୁବିଓ, ପ୍ରତିରକ୍ଷା ମନ୍ତ୍ରୀ ପିଟର ହେଗସେଥ ଏବଂ ଅନ୍ୟମାନଙ୍କର ପରିବାର ସହିତ ଘରେ ମୃତ୍ୟୁ ଘଟିଛି। କଳ୍ପନା କରନ୍ତୁ, ଆମେରିକାର ଏକ ସ୍କୁଲ ଉପରେ ଆକ୍ରମଣ କରାଯାଇ ୧୫୦ରୁ ଅଧିକ ଛାତ୍ରୀଙ୍କୁ ହତ୍ୟା କରାଯାଇଛି। ଏହା ବ୍ୟତୀତ କଳ୍ପନା କରନ୍ତୁ ଯେ ଏତେ ଲୋକଙ୍କୁ ହତ୍ୟା କରିଥିବା ଏକ ସଂସ୍ଥା ଗୁପ୍ତ ଭାବରେ ଆମେରିକାର ଗୋଟିଏ ଯୁଦ୍ଧଜାହାଜକୁ ଆକ୍ରମଣ କରି ବୁଡ଼ାଇ ଦେଇ ଅଧିକାଂଶ ନାବିକଙ୍କୁ ହତ୍ୟା କରିଛି। ପାଠକମାନଙ୍କୁ ଏହି କଳ୍ପିତ ବିଷୟଗୁଡ଼ିକ ଉପରେ ବିଚାର କରିବା ପାଇଁ ଭାବିବାକୁ ପଡ଼ିବ ନାହିଁ, କାରଣ ଏସବୁ ଘଟଣା ଆମେରିକୀୟଙ୍କ କ୍ଷେତ୍ରରେ ନୁହେଁ ବରଂ ପ୍ରକୃତରେ ଇରାନୀମାନଙ୍କ ସହିତ ଘଟିଛି ଏବଂ ସେସବୁ ଆମେରିକା କରିଥିଲା। ଯଦି ଉପରୋକ୍ତ ବିଷୟଗୁଡ଼ିକ ବିଭ୍ରାନ୍ତକାରୀ ଲାଗୁଛି, ତେବେ ଏହାର କାରଣ ହେଉଛି ଆମେ ଇରାନୀମାନଙ୍କ ବିଷୟରେ ଚିନ୍ତା ନ କରି ଆମେରିକୀୟଙ୍କୁ ଭିନ୍ନ ଭାବରେ ଦେଖିବାକୁ ବାଧ୍ୟ ହୋଇଛୁ। ଇରାନକୁ ନିରନ୍ତର ଭାବେ ନିନ୍ଦା କରିବା ଏବଂ ଧମକ ଦିଆଗଲେ ମଧ୍ୟ (ଯେପରି ଇରାକ, ଆଫଗାନିସ୍ତାନ ଇତ୍ୟାଦି କ୍ଷେତ୍ରରେ ହୋଇଥିଲା) ଆମେ ଆମେରିକୀୟମାନଙ୍କ ପ୍ରତି ଯେପରି ସହାନୁଭୂତି ଦେଖାଇପାରୁଛୁ ଇରନୀଙ୍କ ପ୍ରତି ସେତିକି ଦେଖାଇ ପାରିନାହୁଁ। ଏବେ ଆମେ କଳ୍ପିତ ଭାବନାକୁ ଛାଡ଼ି ଯୁଦ୍ଧ ଶେଷ କରିବା ପାଇଁ ଦୁଇପକ୍ଷ ଯେଉଁ ଦୁଇଟି ସର୍ତ୍ତାବଳୀ ତାଲିକା ଦେଇଛନ୍ତି ତାହା ଉପରେ ବିଚାର କରିବା। ଆମେରିକୀୟଙ୍କ ତାଲିକାରେ ୧୫ଟି ବିଷୟ ରହିଛି। ଏଗୁଡ଼ିକ ହେଲା: ୧. ଇରାନକୁ ଏହାର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ। ୨. ସମସ୍ତ ୟୁରାନିୟମ ସମୃଦ୍ଧୀକରଣ ବନ୍ଦ ହେଉ। ୩. ଏହାର ଅବାଧ ଯାଞ୍ଚ ପାଇଁ ଆମେରିକାକୁ ଅନୁମତି ମିଳୁ। ୪. ବାଲିଷ୍ଟିକ କ୍ଷେପଣାସ୍ତ୍ର ବିକାଶ ବନ୍ଦ କରୁ। ୫. ସାମରିକ କ୍ଷମତା ହ୍ରାସ କରୁ। ୬. ପାଲେଷ୍ଟାଇନ ଏବଂ ଲେବାନନ୍‌ର ଗୋଷ୍ଠୀଗୁଡ଼ିକୁ ସମର୍ଥନ ବନ୍ଦ କରୁ। ୭. ବିଦେଶରେ ପ୍ରଭାବ ଶେଷ କରୁ। ୮. ହର୍ମୁଜ ଷ୍ଟ୍ରେଟର ନିୟନ୍ତ୍ରଣ ହସ୍ତାନ୍ତର କରୁ। ୯. ଜାହାଜ ଚଳାଚଳ ପଥ ଉପରେ ନିୟନ୍ତ୍ରଣ ଛାଡୁ। ୧୦. ଉପସାଗରରେ ଆମେରିକୀୟ ସହଯୋଗୀଙ୍କ ବିରୋଧରେ ଆକ୍ରମଣ ବନ୍ଦ କରୁ। ୧୧. ଆଞ୍ଚଳିକ ଯୁଦ୍ଧ ହ୍ରାସ କରୁ। ୧୨. ଆମେରିକା ନେତୃତ୍ୱାଧୀନ ଆଲୋଚନାରେ ସାମିଲ ହେଉ। ୧୩. ଦୀର୍ଘକାଳୀନ ତଦାରଖ ଏବଂ ଅନୁପାଳନ ସର୍ତ୍ତାବଳୀକୁ ଗ୍ରହଣ କରୁ। ୧୪. ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତର ସୀମିତ ରଖୁ। ୧୫. ଭବିଷ୍ୟତରେ ଆଚରଣ ପରିବର୍ତ୍ତନ କରୁ। ଇରାନୀଙ୍କ ପାଖରେ ପାଞ୍ଚଟି ସର୍ତ୍ତର ତାଲିକା ଅଛି – ୧. ଇରାନୀ ନେତାଙ୍କ ହତ୍ୟା ବନ୍ଦ ହେବା ଉଚିତ। ୨. ଭବିଷ୍ୟତରେ କୌଣସି ଯୁଦ୍ଧ ନ ହେବାର ଗ୍ୟାରେଣ୍ଟି ଦିଆଯାଉ। ୩. ଏହି ଯୁଦ୍ଧର କ୍ଷତି ଭରଣା କରାଯାଉ। ୪. ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଚଳାଇଥିବା ବ୍ୟାପକ ଯୁଦ୍ଧ ବନ୍ଦ ହେଉ। ୫. ହର୍ମୁଜ ଷ୍ଟ୍ରେଟ ଉପରେ ଇରାନର ସାର୍ବଭୌମ ଅଧିକାରକୁ ସ୍ୱୀକୃତି ଦିଆଯାଉ।

ଆମେ ଏଠାରେ ଆଉ କିଛି ବିଷୟକୁ ଅନୁଧ୍ୟାନ କରିପାରିବା। ଇରାନ ଅନେକ ବିଷୟ କହିଛି ଏବଂ ବିଶ୍ୱ ସେସବୁକୁ ଶୁଣିଥିଲେ ମଧ୍ୟ ତାଲିକାରେ ସେଥିରୁ କେତେକ ବିଷୟ ନାହିଁ। ଭାରତ, ପାକିସ୍ତାନ, ଆମେରିକା ଓ ଇସ୍ରାଏଲ ପରି ୟୁରାନିୟମ ସମୃଦ୍ଧୀକରଣ ଏବଂ ଶାନ୍ତିପୂର୍ଣ୍ଣ ପରମାଣୁ କାର୍ଯ୍ୟକ୍ରମ ପାଇଁ ଇରାନର ଅଧିକାର ଅଛି। ହେଲେ ସେମାନେ ଏହାକୁ କାହିଁକି ସାମିଲ କରୁନାହାନ୍ତି? ଦେଖିବାକୁ ଗଲେ, ଇରାନର ତାଲିକାଟି ପ୍ରତିରକ୍ଷାମୂଳକ ଏବଂ ଯେଉଁମାନେ ଏହା ବିରୋଧରେ ଯୁଦ୍ଧ କରିଛନ୍ତି ସେମାନଙ୍କ ଉପରେ କୌଣସି ଦାବି ରଖେ ନାହିଁ। ଟ୍ରମ୍ପଙ୍କ ତାଲିକା ବିଷୟରେ କ'ଣ କୁହାଯାଇପାରେ? ଏହା ଆକ୍ରମଣାତ୍ମକ, ସର୍ବୋଚ୍ଚବାଦୀ ତଥା ପାଗଳାମି ବା ବିଶୃଙ୍ଖଳ ଭାବନାକୁ ପ୍ରକାଶ କରେ। ଆକ୍ରମଣକୁ ଦେଖିଲେ କୌଣସି ପ୍ରକାରେ ବୁଝାମଣାର ସୁଯୋଗ ନାହିଁ। ଉନ୍ମତ୍ତ ଆଚରଣ ଦୃଷ୍ଟିରୁ ଅନୁମାନ କରାଯାଏ ଯେ, ଆମେରିକା ଏବଂ ଇସ୍ରାଏଲ ଏବେ ଏହି ସଂଘର୍ଷ ଜାରି ରଖିବା ସ୍ଥିତିରେ ଅଛନ୍ତି। ଏହି କାରଣରୁ, ଦୁର୍ଭାଗ୍ୟବଶତଃ ଏହି ସଂଘର୍ଷ ଏବଂ ଏହାର ପ୍ରଭାବ ସହ ଜଡ଼ିତ ଆମ ସମସ୍ତଙ୍କର ଯନ୍ତ୍ରଣା ଶୀଘ୍ର ଶେଷ ହେବାର ଆଶା ନାହିଁ।

ଏବେ ଗୋଟିଏ ଶେଷ କଥା ବିଚାର କରନ୍ତୁ। ଯଦି ଆମେ ଯାହା କଳ୍ପନା କରିଥିଲୁ ତାହା ଘଟିଥାନ୍ତା ଏବଂ ଆମେରିକା, ଟ୍ରମ୍ପ ଏବଂ ତାଙ୍କ ପରିବାର, ତାଙ୍କ ମନ୍ତ୍ରୀ ଏବଂ ଆମେରିକୀୟ ସ୍କୁଲ ଛାତ୍ରୀ ଏବଂ ନାବିକମାନଙ୍କୁ ହତ୍ୟା କରାଯାଇଥାନ୍ତା, ତେବେ କ'ଣ ଆମ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଫେବୃଆରୀ ୨୮ ପରଠାରୁ ଯାହା କହି ଆସିଛନ୍ତି ତାହା କହିଥାନ୍ତେ ଏବଂ କରିଥାନ୍ତେ? ମୋର ସନ୍ଦେହ ରହୁଛି। ଆମେ 'ବସୁଧୈବ କୁଟୁମ୍ବକମ' କହୁ। ତେବେ ଆମେ କ'ଣ ପ୍ରକୃତରେ ଏହା କହିବାକୁ ଚାହୁଁଛୁ ଯେ ଭାରତର ଜ୍ଞାନ ହେଉଛି ବିଶ୍ୱ ଏବଂ ଏହାର ସମସ୍ତ ଲୋକଙ୍କୁ ଗୋଟିଏ ପରିବାର ଭାବରେ ବିବେଚନା କରିବା? ଉତ୍ତର ହେଉଛି 'ନା', ଯାହା ଭାରତର କାର୍ଯ୍ୟରେ ସ୍ପଷ୍ଟ ଭାବରେ ପ୍ରତୀୟମାନ। ଯେଉଁ ସମ୍ପର୍କୀୟମାନେ ଭୌଗୋଳିକ ଦୃଷ୍ଟିରୁ ନିକଟତର (ଇରାନ ଏବଂ ଭାରତର ୧୯୪୭ ପର୍ଯ୍ୟନ୍ତ ଏକ ଭୌତିକ ସୀମା ଥିଲା), କିନ୍ତୁ ମାନସିକ ଭାବରେ ଦୂରରେ ଥିଲେ, ସେମାନଙ୍କୁ ବି ଏଡ଼ାଇ ଦିଆଯାଇପାରେ ଏବଂ ସେମାନଙ୍କର ଆଘାତକୁ ଅଣଦେଖା ବି କରାଯାଇପାରେ, ଯେପରି ଆମେ ଇରାନ କ୍ଷେତ୍ରରେ କରିଛୁ। ମୁଁ ପ୍ରଶ୍ନ କରୁଛି, ବିଶ୍ୱକୁ ଏବଂ ଏଠାରେ ଘଟୁଥିବା ଘଟଣାଗୁଡ଼ିକୁ ଅନୁଧ୍ୟାନ କରିବା ସମୟରେ ଆମେ ଅବିଶ୍ୱାସ ଓ ପକ୍ଷପାତିତାରେ ନିଜକୁ ଭାରଗ୍ରସ୍ତ କରିଛୁ ବାଲି ଭାବୁଛୁ କି?

Email:aakar.patel@gmail.com

# ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ଦାୟିତ୍ୱବୋଧ



ବୃହସ୍ପତି ସାମଲ

ଭାରତୀୟ ସଂସ୍କୃତି ଓ ପାରମ୍ପରିକ ଚିନ୍ତାଧାରାରେ ବିବାହ କେବଳ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଏକ ସାଧାରଣ ସମ୍ପର୍କ ନୁହେଁ, ବରଂ ଦୁଇଟି ପରିବାର ମଧ୍ୟରେ ଏକ ପବିତ୍ର ବନ୍ଧନ। ବେଦ ଓ ପୁରାଣଗୁଡ଼ିକରେ ଗୃହସ୍ଥ ଜୀବନକୁ ସମାଜର ମୂଳ ଆଧାର ଭାବେ ଉଲ୍ଲେଖ କରାଯାଇଛି। ବିବାହ ପରେ ନବବଧୂ କେବଳ ଘରର ସଦସ୍ୟ ଭାବେ ନୁହେଁ, ବରଂ ସମ୍ମାନ ଓ ସମନ୍ୱୟର କେନ୍ଦ୍ରବିନ୍ଦୁ ଭାବେ ପରିବାରକୁ ସୁସଂଗଠିତ କରନ୍ତି। ଏହି ପାରମ୍ପରିକ ଧାରଣା ନାରୀଙ୍କୁ ପାରିବାରିକ ଦାୟିତ୍ୱର ରକ୍ଷକ ଭାବେ ସୂଚିତ କରୁଥିଲେ ବି ଜଣେ ବିବାହିତ ନାରୀର ବ୍ୟକ୍ତିଗତ ସ୍ୱାଧୀନତା ଓ ପାରିବାରିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସାମ୍ପ୍ରତିକ ଅବଲୋକନ ଭାରତୀୟ ଆଇନ ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାଧୀନତାର ଏକ ଶକ୍ତିଶାଳୀ ସ୍ୱୀକୃତିକୁ ପ୍ରତିଫଳିତ କରୁଛି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଯଦି ଜଣେ ପ୍ରାପ୍ତବୟସ୍କା ନାରୀ ସ୍ୱତନ୍ତ୍ର ଭାବେ ବସବାସ କରିବାକୁ ଚାହାନ୍ତି, ତେବେ ତାଙ୍କ ମାତାପିତା କିମ୍ବା ଶ୍ୱଶୁରଘର ପକ୍ଷରୁ ତାଙ୍କୁ ସେମାନଙ୍କ ସହିତ ରହିବାକୁ ବାଧ୍ୟ କରିବାର କୌଣସି ଆଇନଗତ ଅଧିକାର ନାହିଁ। ସାମ୍ବିଧାନିକ ଦୃଷ୍ଟିକୋଣରୁ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କୁ ମିଳୁଥିବା ବ୍ୟକ୍ତିଗତ ସ୍ୱାଧୀନତା ଓ ମର୍ଯ୍ୟାଦା ସହ ସମନ୍ୱୟ ରକ୍ଷା କରୁଥିବା ବେଳେ, ଏପରି ରାୟ ତା'ର ଆଇନଗତ ସଠିକତାର ଊର୍ଦ୍ଧ୍ୱରେ ଏକ ଗଭୀର ସାମାଜିକ ତଥା ନୈତିକ ପ୍ରଶ୍ନ ସୃଷ୍ଟି କରୁଛି। ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସମାଜ କିପରି ଏଭଳି କ୍ରମବର୍ଦ୍ଧିଷ୍ଣୁ ବ୍ୟକ୍ତିଗତ ସ୍ୱାଧୀନତା ହାସଲ କରିବାର ମାନସିକତା ଓ ବୟସ୍କ ମାତାପିତା, ଶାଶୁଶ୍ୱଶୁର ଓ ଅନ୍ୟ ପରିଜନଙ୍କୁ ନେଇ ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖୁଥିବା ପାରମ୍ପରିକ ନୈତିକ ଦାୟିତ୍ୱବୋଧ ମଧ୍ୟରେ ସନ୍ତୁଳନ ରକ୍ଷା କରିବ? ଭାରତରେ, ଯେଉଁଠି ପାରିବାରିକ ବିଧିବ୍ୟବସ୍ଥା ଐତିହାସିକ ଭାବେ ସାମାଜିକ ସୁରକ୍ଷାର ମୂଳ ଅଙ୍ଗ ରୂପେ କାମ କରିଆସିଛି, ପ୍ରାପ୍ତବୟସ୍କା ଅଥବା ବିବାହିତା ମହିଳାଟିଏ ବ୍ୟକ୍ତିଗତ ସ୍ୱାଧୀନତା ଆଳରେ ପରିବାରରୁ ଦୂରେଇ ଯିବାର ପରିଣାମ ଅତ୍ୟନ୍ତ ନୈରାଶ୍ୟଜନକ ଓ ନକାରାତ୍ମକ ହୋଇପାରେ। ତେଣୁ ଏହି ବିଷୟରେ ଏକ ସମାଲୋଚନାତ୍ମକ ବିଶ୍ଳେଷଣ ପାଇଁ ବ୍ୟକ୍ତିଗତ ଅଧିକାର ସହିତ ପରିବାର ଓ ବୃଦ୍ଧ ମାତାପିତା ତଥା ଶାଶୁଶ୍ୱଶୁର ସମ୍ମୁଖୀନ ହେଉଥିବା ପରିବର୍ତ୍ତନଶୀଳ ଆହ୍ୱାନକୁ ବୁଝିବାର ଆବଶ୍ୟକତା ରହିଛି।

ଭାରତ ବର୍ତ୍ତମାନ ଏକ ବଡ଼ ଜନସାଂଖ୍ୟିକ ଓ ସାମାଜିକ ପରିବର୍ତ୍ତନ ଭିତରେ ଗତିଶୀଳ। ଉଲ୍ଲେଖନୀୟ ଘଟଣା ହେଉଛି ବୟସ୍କଙ୍କ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି। ୨୦୧୧ରେ ୮.୬% ଥିବା ବୟସ୍କଙ୍କ ହାର ଅବିରତ ବୃଦ୍ଧି ପାଇ ୨୦୨୬ରେ ପ୍ରାୟ ୨୩ କୋଟିକୁ ପହଞ୍ଚିଛି, ଯାହା ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୧୫%। ୨୦୫୦ ସୁଦ୍ଧା ଏହି ସଂଖ୍ୟା ୨୦%ରୁ ଅଧିକ ହୋଇ ଭାରତକୁ ଏକ ପ୍ରକାଶ୍ୟ ବୟସ୍କ ସମାଜରେ ପରିଣତ କରିବ। ଭାରତର ଅଧିକାଂଶ ବୟସ୍କ ନାଗରିକ ତାଙ୍କ ସନ୍ତାନସନ୍ତତି ଓ ପରିବାର ଉପରେ ମାନସିକ, ଆର୍ଥିକ ଓ ସାମାଜିକ ସମର୍ଥନ ପାଇଁ ନିର୍ଭରଶୀଳ ଥିବାରୁ ଏହି ଜନସାଂଖ୍ୟିକ ପରିବର୍ତ୍ତନ ପାରମ୍ପରିକ ପାରିବାରିକ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରୁଛି। ସହରୀକରଣ, ଚାକିରି, ଉଚ୍ଚ ଶିକ୍ଷା ଓ ବ୍ୟକ୍ତିଗତ ସ୍ୱାଧୀନତା ପ୍ରତି କ୍ରମବର୍ଦ୍ଧିଷ୍ଣୁ ଆକାଂକ୍ଷା ଯୋଗୁ ଭାରତରେ ସଂଯୁକ୍ତ ପରିବାର ପ୍ରଣାଳୀ ଦୁର୍ବଳ ହୋଇ ଏକ ସଂକୁଚିତ ପରିବାର ପ୍ରଥା ଆଡକୁ ଧାବମାନ। ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ଭାରତର ସରକାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ସେତେଟା ମଜଭୁତ ନୁହେଁ। ଫଳରେ ବୃଦ୍ଧ ମାତାପିତାଙ୍କ ପାଇଁ ପ୍ରଧାନ ଓ ପ୍ରାଥମିକ ସହାୟତା କେନ୍ଦ୍ର ସାଜିଥିବା ଏସବୁ ସଂଯୁକ୍ତ ପରିବାରରୁ ଦୂରେଇ ଯାଇ ଏଇ ବୟସ୍କ ନାଗରିକମାନେ ଏକୁଟିଆପଣ ଓ ଅବହେଳାର ସମ୍ମୁଖୀନ ହେଉଛନ୍ତି। ଅଧିକନ୍ତୁ, ବୟସ୍କଙ୍କ ଆର୍ଥିକ ଦୁର୍ବଳତା ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି। ଜାତିସଂଘ ଜନସଂଖ୍ୟା ତହବିଲ ରିପୋର୍ଟ ଅନୁସାରେ ଭାରତର ୪୦%ରୁ ଅଧିକ ବୟସ୍କ ଗରିବତମ ଆର୍ଥିକ ଶ୍ରେଣୀରେ ଅଛନ୍ତି ଏବଂ ପ୍ରାୟ ୧୮.୭% ବୟସ୍କଙ୍କ ପାଖରେ କୌଣସି ନିୟମିତ ଆୟ ନାହିଁ। ଏହି ତଥ୍ୟଗୁଡ଼ିକ ଏକ କଠୋର ସତ୍ୟକୁ ପ୍ରକାଶ କରେ ଯେ ଭାରତର ଅନେକ କୋଟି ବୟସ୍କ ନାଗରିକ ତାଙ୍କର ଜୀବନ ଓ ସମ୍ମାନ ରକ୍ଷା ପାଇଁ ପରିବାର ଉପରେ ନିର୍ଭରଶୀଳ। ପାରିବାରିକ ସମ୍ପର୍କ ଦୁର୍ବଳ ହେଲେ ଏହାର ପରିଣାମ କେବଳ ଭାବନାତ୍ମକ ନୁହେଁ, ଆର୍ଥିକ ଓ ସାମାଜିକ ମଧ୍ୟ ହୁଏ।



ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ବସବାସ ସ୍ୱାଧୀନତାର ଆଇନଗତ ସ୍ୱୀକୃତିକୁ ସତର୍କତାର ସହ ବୁଝିବା ଆବଶ୍ୟକ। ପ୍ରାପ୍ତବୟସ୍କ, ବିଶେଷ କରି ବିବାହିତା ନାରୀମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଅଦାଲତଙ୍କ ଉପରୋକ୍ତ ନ୍ୟାୟିକ ନିର୍ଦ୍ଦେଶ ପାରିବାରିକ ହିଂସା, ବୈବାହିକ ବିବାଦ କିମ୍ବା ମାନସିକ ଚାପ ଥିବା ସମୟରେ ତାଙ୍କ ସୁରକ୍ଷା ପାଇଁ ଆବଶ୍ୟକ ହୋଇପାରେ। କିନ୍ତୁ ଯଦି ଏହି ବ୍ୟକ୍ତିଗତ ସ୍ୱାଧୀନତା ସମସ୍ତ ପାରିବାରିକ ଦାୟିତ୍ୱରୁ ମୁକ୍ତ ହୋଇଯାଏ, ତେବେ ତାହା ଏକ ସାମାଜିକ ସମସ୍ୟା ପ୍ରକଟ କରିବା ସ୍ୱାଭାବିକ। ଭାରତୀୟ ସମାଜରେ ବିବାହ ସମ୍ପର୍କ ସହିତ କିଛି ଦାୟିତ୍ୱ ଓ ପରସ୍ପର ଆଶା ଜଡିତ ରହେ। ବୃଦ୍ଧ ମାତାପିତା ଓ ଶାଶୁଶ୍ୱଶୁରଙ୍କ ପ୍ରତି ଦାୟିତ୍ୱ ଏହି ପାରମ୍ପରିକ ମୂଲ୍ୟବୋଧର ଏକ ପ୍ରମୁଖ ଅଂଶ। ଯଦିଓ ଏହି ଦାୟିତ୍ୱ ସବୁବେଳେ ଆଇନରେ ବାଧ୍ୟତାମୂଳକ ନୁହେଁ, ସାମାଜିକ ସମନ୍ୱୟ ରକ୍ଷା ପାଇଁ ଏହା ଆବଶ୍ୟକ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଭାରତ ସରକାର ମାତାପିତା ଓ ବୟସ୍କ ନାଗରିକ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ ୨୦୦୭ ପରି ଆଇନ ପ୍ରଣୟନ କରିଛନ୍ତି, ଯାହା ଅନୁସାରେ ସନ୍ତାନମାନେ ତାଙ୍କ ମାତାପିତାଙ୍କ ଭରଣପୋଷଣ କରିବାକୁ ଆଇନଗତ ଭାବେ ବାଧ୍ୟ। ତଥାପି କେବଳ ଆଇନ ଦ୍ୱାରା ପାରିବାରିକ ସମ୍ପର୍କର ନୈତିକ ମୂଲ୍ୟବୋଧକୁ ପୂରଣ କରିହେବ ନାହିଁ। ଆଇନ ଆର୍ଥିକ ସହାୟତାକୁ ବାଧ୍ୟ କରିପାରେ, କିନ୍ତୁ ସେହି ସ୍ନେହ, ମମତା ଓ ସମ୍ମାନକୁ ଜନ୍ମ ଦେଇପାରେ ନାହିଁ, ଯାହା ବୃଦ୍ଧ ମାତାପିତା ତାଙ୍କ ପରିବାରରୁ ଆଶା କରନ୍ତି।

ଆଉ ଗୋଟିଏ ସମସ୍ୟା ହେଉଛି ବୟସ୍କଙ୍କ କ୍ରମବର୍ଦ୍ଧିଷ୍ଣୁ ଏକାକୀ ବସବାସ। ସାମାଜିକ ସଂଗଠନମାନଙ୍କ ରିପୋର୍ଟ ଅନୁସାରେ ୨୩%ରୁ (୧୮%ରୁ ଊର୍ଦ୍ଧ୍ୱ ମହିଳା ଓ ୫%ରୁ ଊର୍ଦ୍ଧ୍ୱ ପୁରୁଷ) ବୟସ୍କ ନାଗରିକ ଏବେ ପରିବାରର ସମର୍ଥନ ବିନା ଏକୁଟିଆ ରହୁଛନ୍ତି। ଆବର୍ତ୍ତୀୟ ଶ୍ରମଶକ୍ତି ସର୍ବେକ୍ଷଣ ୨୦୨୩-୨୪ ଅନୁଯାୟୀ ପାଖାପାଖି ୧୫ କୋଟି ବୟସ୍କ ନାଗରିକ ମଧ୍ୟରୁ ଅନ୍ୟୂନ ତିନି କୋଟି (୨୦%, ଯାହା ସହରାଞ୍ଚଳରେ ୨୧.୬% ଓ ଗ୍ରାମାଞ୍ଚଳରେ ୧୮.୩%) ଏହିଭଳି ପରିବାରର ବିନା ସହାୟତାରେ ସମୟ ଅତିବାହିତ କରୁଛନ୍ତି। ଏହି ପରିସ୍ଥିତି ପରିବାରର ପାରମ୍ପରିକ ମୂଲ୍ୟବୋଧ ଓ ଆଧୁନିକ ଜୀବନ ଶୈଳୀ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦୂରତାକୁ ପ୍ରକାଶ କରେ। ଗୋଟିଏ ପଟେ ସମାଜରେ ବ୍ୟକ୍ତିଗତ ସ୍ୱାଧୀନତା ଗୁରୁତ୍ୱ ପାଉଥିବା ବେଳେ, ଅନ୍ୟ ପଟେ ପାରିବାରିକ ବନ୍ଧନ ଦୁର୍ବଳ ହୋଇ ବୟସ୍କମାନେ ଅସୁରକ୍ଷିତ ହେଉଛନ୍ତି।

ଏହିଭଳି ସ୍ଥିତିରେ ବ୍ୟକ୍ତିଗତ ସ୍ୱାଧୀନତା ଓ ପାରିବାରିକ ଦାୟିତ୍ୱବୋଧ ଭିତରେ ଏକ ସନ୍ତୁଳନ ଦୃଷ୍ଟିକୋଣ ରହିବା ଆବଶ୍ୟକ। ବ୍ୟକ୍ତିଗତ ସ୍ୱାଧୀନତା ଲୋକତନ୍ତ୍ରର ମୂଳ ଆଧାର ଓ ଏହାକୁ ସୁରକ୍ଷିତ ରଖିବା ଦରକାର। ବିଶେଷତଃ ନାରୀମାନେ ଅତ୍ୟଧିକ ସାମାଜିକ କଟକଣାର ସମ୍ମୁଖୀନ ହୋଇଥିବାରୁ ତାଙ୍କ ସ୍ୱାଧୀନତାର ଆଇନଗତ ସ୍ୱୀକୃତି ଲିଙ୍ଗ ସମାନତା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ସ୍ୱାଧୀନତା ପାରିବାରିକ ଦାୟିତ୍ୱରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ଉଚିତ ନୁହେଁ। ଏକ ସୁସ୍ଥ ସମାଜ ଉଭୟ ବ୍ୟକ୍ତିଗତ ଅଧିକାର ଓ ସାମୂହିକ ଦାୟିତ୍ୱକୁ ପୋଷଣ କରିବା ଆବଶ୍ୟକ। ତେଣୁ ଅଦାଲତର ଏହି ରାୟ କେବଳ ଏକ ଆଇନଗତ ପ୍ରଶ୍ନ ନୁହେଁ, ବରଂ ଆମ ସମାଜର ପରିବର୍ତ୍ତିତ ନୈତିକ ପରିଦୃଶ୍ୟର ପ୍ରତିଫଳନ। ଆଇନ ଅଧିକାରକୁ ନିର୍ଦ୍ଧାରଣ କରେ, କିନ୍ତୁ ପରିବାରର ସ୍ଥିରତା, କରୁଣା, ସମ୍ମାନ ଓ ଦାୟିତ୍ୱ ମୂଲ୍ୟବୋଧ ଉପରେ ନିର୍ଭର କରେ। ଏକ ସନ୍ତୁଳନ ଦୃଷ୍ଟିଭଙ୍ଗୀ ହିଁ ଉଭୟକୁ ସୁରକ୍ଷିତ ରଖିପାରିବ।

ମୋ: ୯୪୩୭୦୨୨୬୬୯

# ଗ୍ରାହକଙ୍କ ବୌଦ୍ଧିକ ସତର୍କତା



ଓମ୍ ପ୍ରକାଶ ଦଳାଇ

ସାମ୍ପ୍ରତିକ ପଣ୍ୟକୈନ୍ଦ୍ରିକ ସଭ୍ୟତାରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅଧିକ ମୁନାଫାଖୋର ମନୋବୃତ୍ତି ପୋଷଣ କରି ଅନେକ ସମୟରେ ଗ୍ରାହକମାନଙ୍କୁ ଶୋଷଣର ଚକ୍ରବ୍ୟୂହରେ ଆବଦ୍ଧ କରନ୍ତି। ଏହି ପରିପ୍ରେକ୍ଷୀରେ, ୧୯୬୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ ଏଫ୍. କେନେଡିଙ୍କ ଦ୍ୱାରା ପ୍ରଦତ୍ତ ଐତିହାସିକ ଅଭିଭାଷଣ ଗ୍ରାହକ ସଚେତନତାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା। ଭାରତୀୟ ସମ୍ବିଧାନ ଓ ବୈଧାନିକ ବ୍ୟବସ୍ଥା ଅନୁଯାୟୀ, 'ଗ୍ରାହକ ସୁରକ୍ଷା ଆଇନ-୨୦୧୯' ମାଧ୍ୟମରେ କ୍ରେତାମାନଙ୍କୁ ସୁରକ୍ଷା, ସୂଚନା, ଚୟନ, ଶୁଣାଣି ଏବଂ ପ୍ରତିକାର ଭଳି ଷଡ଼ବିଧ ମୌଳିକ ଅଧିକାର ପ୍ରଦାନ କରାଯାଇଛି। ବିଶେଷକରି ସାମ୍ପ୍ରତିକ ଡିଜିଟାଲ ଯୁଗରେ ଇ-କମର୍ସ ଓ ଅନ୍‌ଲାଇନ କାରବାର ବୃଦ୍ଧି ପାଉଥିବାରୁ ବିଭ୍ରାନ୍ତିକର ବିଜ୍ଞାପନ ଓ ସାଇବର ଠକେଇ ଏକ ଆହ୍ୱାନ ଭାବେ ଉଭା ହୋଇଛି। ଜଣେ ସଚେତନ ଗ୍ରାହକ ଭାବେ କ୍ରୟ ସମୟରେ ଠିକ୍ ବିଲ୍ ଗ୍ରହଣ କରିବା, ସାମଗ୍ରୀର ସ୍ଥିତିସ୍ଥାପକତା ଓ ଗୁଣବତ୍ତା ଯାଞ୍ଚ କରିବା ଏବଂ ଅସାଧୁ ବ୍ୟବସାୟିକ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ନୈତିକ ଦାୟିତ୍ୱ। 'ଜାଗୋ ଗ୍ରାହକ ଜାଗୋ'ର ମୂଳମନ୍ତ୍ର କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହା ଏକ ଶୋଷଣମୁକ୍ତ ଓ ସ୍ୱଚ୍ଛ ବଜାର ବ୍ୟବସ୍ଥାର ମୂଳଦୁଆ। ଯଦି ପ୍ରତ୍ୟେକ ଗ୍ରାହକ ନିଜର ବୈଧାନିକ ଶକ୍ତି ପ୍ରତି ଅବଗତ ରହନ୍ତି, ତେବେ ବ୍ୟବସାୟିକ କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ମନମୁଖୀ ଶାସନ ଓ ପ୍ରତାରଣାର ଅନ୍ତ ଘଟିବ ଏବଂ ଏକ ସମୃଦ୍ଧ ଅର୍ଥନୀତି ଗଠିତ ହୋଇପାରିବ। ଆଧୁନିକ ପଣ୍ୟକୈନ୍ଦ୍ରିକ ଅର୍ଥବ୍ୟବସ୍ଥାର ଜଟିଳ ଆବର୍ତ୍ତ ମଧ୍ୟରେ ଗ୍ରାହକ ହେଉଛନ୍ତି ସର୍ବବୃହତ୍ ଅର୍ଥନୈତିକ ଗୋଷ୍ଠୀ, ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ସେମାନେ ପ୍ରାୟତଃ ବ୍ୟବସାୟିକ କୂଟନୀତି ଓ ପ୍ରତାରଣାର ସହଜ ଶିକାର ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ, ପ୍ରତିବର୍ଷ 'ବିଶ୍ୱ ଗ୍ରାହକ ଅଧିକାର ଦିବସ' ଭାବେ ପାଳନ କରାଯାଇ ଜଣେ ସାଧାରଣ କ୍ରେତାକୁ ତା'ର ବୈଧାନିକ ଶକ୍ତି ଓ ଅଧିକାର ସମ୍ପର୍କରେ ସଚେତନ କରାଯାଏ। ସାମ୍ପ୍ରତିକ ସମୟରେ ଭାରତୀୟ ପରିପ୍ରେକ୍ଷୀରେ 'ଗ୍ରାହକ ସୁରକ୍ଷା ଆଇନ-୨୦୧୯' ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଗ୍ରାହକମାନଙ୍କୁ ସୁରକ୍ଷା, ସୂଚନା, ଚୟନ, ଶୁଣାଣି, କ୍ଷତିପୂରଣ ଏବଂ ଗ୍ରାହକ ଶିକ୍ଷା ଭଳି ଷଡ଼ବିଧ ସାମ୍ବିଧାନିକ କବଚ ପ୍ରଦାନ କରିଛି।

ବର୍ତ୍ତମାନର ଡିଜିଟାଲ ବିପ୍ଲବ ଓ ଇ-କମର୍ସର ପ୍ରାଦୁର୍ଭାବ ଯୋଗୁ ବଜାରର ସ୍ୱରୂପ ପରିବର୍ତ୍ତିତ ହୋଇଛି, ଯାହାଫଳରେ ବିଭ୍ରାନ୍ତିକର ବିଜ୍ଞାପନ,



ସାଇବର ପ୍ରତାରଣା ଏବଂ ନକଲି ସାମଗ୍ରୀର ବିକ୍ରୟ ଭଳି ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ଅସାଧୁ ବ୍ୟବସାୟୀଙ୍କ ମୁନାଫାଖୋର ମନୋବୃତ୍ତି ଓ କୃତ୍ରିମ ଅଭାବ ସୃଷ୍ଟି କରିବା ଭଳି ଅପପ୍ରଥାକୁ ରୋକିବା ପାଇଁ ଗ୍ରାହକଙ୍କ ମଧ୍ୟରେ ବୌଦ୍ଧିକ ଜାଗରଣ ଅପରିହାର୍ଯ୍ୟ। ଜଣେ ସତର୍କ କ୍ରେତା ଭାବେ କ୍ରୟ ସମୟରେ ଠିକ୍ ବିଜ୍ଞପ୍ତି ପଢ଼ିବା, କ୍ୟାଶ ମେମୋ ବା ବିଲ୍ ସଂଗ୍ରହ କରିବା ଏବଂ ସାମଗ୍ରୀର ଗୁଣବତ୍ତା ଚିହ୍ନ (ଯଥା- ISI, AGMARK, FSSAI) ଯାଞ୍ଚ କରିବା ଏକ ନୈତିକ ଉତ୍ତରଦାୟିତ୍ୱ। ଯେତେବେଳେ ଜଣେ ଗ୍ରାହକ ନିଜର ଅଧିକାର ପ୍ରତି ସଜାଗ ରହେ, ସେତେବେଳେ ବଜାରରେ ସ୍ୱଚ୍ଛତା ଓ ସାଧୁତା ପ୍ରତିଷ୍ଠିତ ହୁଏ।

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଶାରେ ଗ୍ରାହକ ଅଧିକାରର ସ୍ଥିତି ଏକ ଜଟିଳ ସନ୍ଧିକ୍ଷଣରେ ପହଞ୍ଚିଛି, ଯେଉଁଠାରେ ବୈଧାନିକ ସୁରକ୍ଷା ସତ୍ତ୍ୱେ ଉପଭୋକ୍ତାମାନେ ବ୍ୟାପକ ଶୋଷଣର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିଶେଷକରି ପେଟ୍ରୋଲ ପମ୍ପ ଓ ସୁନା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକରେ ଓଜନ ଓ ପରିମାପରେ ହେଉଥିବା ହେରଫେର ଚିନ୍ତାର ବିଷୟ ପାଲଟିଛି। ନିକଟରେ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଯାଞ୍ଚ ଅନୁଯାୟୀ ଶତାଧିକ ପ୍ରତିଷ୍ଠାନ ବିରୋଧରେ ଅନିୟମିତତା ପାଇଁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଓଡ଼ିଶାରେ ଗ୍ରାହକ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ବା 'ରାଜ୍ୟ ଗ୍ରାହକ ବିବାଦ ପ୍ରତିକାର କମିଶନ' ଏବଂ ଜିଲା କମିଶନଗୁଡ଼ିକରେ ବିଚାରପତି ଓ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି, ଯାହା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିରେ, ରାଜ୍ୟ ସରକାରଙ୍କ 'ଓଡ଼ିଶା ଗ୍ରାହକ କଲ୍ୟାଣ ପାଣ୍ଠି' ମାଧ୍ୟମରେ ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରିବା ସହ 'ଇ-ଦାଖଲ' ପରି ଡିଜିଟାଲ ମଞ୍ଚକୁ ପ୍ରୋତ୍ସାହିତ କରାଯାଉଛି, ଯେଉଁଥିରେ ଗ୍ରାହକମାନେ ନିଜର ଅଭିଯୋଗ ଘରେ ବସି ଦାଖଲ କରିପାରିବେ। ବଜାରର ଏହି ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ନାଗରିକ ନିଜର 'କ୍ୟାଶ ମେମୋ' ବା ବିଲ୍ ମାଗିବା ପ୍ରତି ସଜାଗ ରହିବା ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ନୈତିକ ତଥା ବୈଧାନିକ ଦାୟିତ୍ୱ।

ଗ୍ରାହକ ଶୋଷଣର ମୂଳୋତ୍ପାଟନ ପାଇଁ କେବଳ ସରକାରୀ ନିୟମାବଳୀ ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ପ୍ରତ୍ୟେକ କ୍ରେତାଙ୍କର ବୌଦ୍ଧିକ ସତର୍କତା ଓ ନୈତିକ ଦାୟିତ୍ୱବୋଧ ଏକ ଅପରିହାର୍ଯ୍ୟ କବଚ। କ୍ରୟ ସମୟରେ ଅନ୍ଧବିଶ୍ୱାସ ପରିହାର କରି ସାମଗ୍ରୀର ସ୍ଥିତିସ୍ଥାପକତା, ଶୁଦ୍ଧତା ମାନକ ଚିହ୍ନ ଏବଂ ସର୍ବୋପରି ଏକ ବୈଧାନିକ ଜିଏସ୍‌ଟି ବିଲ୍ ସଂଗ୍ରହ କରିବା ହିଁ ଅସାଧୁ ବ୍ୟବସାୟୀଙ୍କ କୂଟକାପଟ୍ୟ ବିରୋଧରେ ସର୍ବଶ୍ରେଷ୍ଠ ପ୍ରମାଣ। ବଜାରର ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିବା ପାଇଁ ବ୍ୟକ୍ତିଗତ ସ୍ତରରୁ ଊର୍ଦ୍ଧ୍ୱକୁ ଯାଇ ସଂଗଠିତ ଗ୍ରାହକ ପରିଷଦ ମାଧ୍ୟମରେ ସାମୂହିକ ସ୍ୱର ଉତ୍ତୋଳନ କରିବା ଦ୍ୱାରା ହିଁ ଶୋଷଣକାରୀ ଶକ୍ତିଙ୍କ ଉପରେ ଚାପ ସୃଷ୍ଟି କରାଯାଇପାରିବ।

ପିରିଜିପୁର, ପୁରୀ
ମୋ: ୭୦୭୭୫୬୩୭୭୧

## ଏଇ ଭାରତରେ

କୃଷି ଉତ୍ପାଦନ ବୃଦ୍ଧି କରିବା ସକାଶେ କୃଷକମାନେ ବ୍ୟାପକ ଭାବେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ପାରମ୍ପରିକ ପଦ୍ଧତିରେ କୀଟନାଶକ ସିଞ୍ଚନ କରୁଛନ୍ତି ଏବଂ ଏହା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରମ୍ପରିକ ପଦ୍ଧତିରେ ଅଧିକ କୀଟନାଶକ ଦରକାର ହୋଇଥାଏ ଏବଂ ଖର୍ଚ୍ଚ ବି ବେଶି ହୁଏ। ଏବେ ଏହି ସମସ୍ୟା ଦୂର କରିପାରୁଛି ଏକ ରୋବୋ। ମହାରାଷ୍ଟ୍ର ନାସିକ୍ ଜିଲା ଅଓ୍ୱାନଖେଦ ଗାଁର ଆଦିତ୍ୟ ପିଙ୍ଗ୍‌ଲେ ଏହି ରୋବୋ ନିର୍ମାଣ କରିଛନ୍ତି। ଉଲ୍ଲେଖନୀୟ, ଏହି ରୋବୋ ଅଦରକାରୀ ଜିନିଷରୁ ତିଆରି ହୋଇଛି। ଆଦିତ୍ୟ ଏଭଳି ଏକ ରୋବୋ ନିର୍ମାଣ କରିବା ପୂର୍ବରୁ ସାଲାମ ମୁମ୍ବାଇ ଫାଉଣ୍ଡେଶନରୁ ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଥିଲେ। ସେହି ସମୟରେ ସେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଭାଗନେଇ ତାହାର ନିର୍ମାଣ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ରୋବୋ ନିର୍ମାଣରେ ତାଙ୍କୁ ସାଙ୍ଗ ପରାଶରାମ ଓ ଅଭିଜିତ୍ ସହଯୋଗ କରିଥିଲେ। ଆଦିତ୍ୟ ନିର୍ମାଣ କରିଥିବା ରୋବୋ ୧୨ ଭୋଲ୍ଟ ବ୍ୟାଟେରିରେ ଚାଲୁଛି। ରୋବୋ ସହଜରେ ରିଚାର୍ଜ କରାଯାଇପାରୁଛି। ମୋବାଇଲ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଉଛି। ଏହା ଏକାଥରକେ ୧୬ ଲିଟର କୀଟନାଶକ ନେଇ ଫସଲରେ ସିଞ୍ଚନ କରୁଛି। ରୋବୋଟି ପୂରା ହାଲୁକା ଓ ଶସ୍ତା।

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।

-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | 6 | 5 | |
| | | | | | | | | 2 |
| | | | | | | | 9 | |
| | 6 | | | 7 | | | 8 | |
| | 4 | | 6 | 5 | | | | |
| | | 5 | | 9 | 3 | | 1 | |
| | | 3 | 5 | 8 | | | | |
| | | | | | 1 | | 7 | 3 |
| | 8 | | 4 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 8 | 1 | 4 | 5 | 2 | 9 |
| 9 | 4 | 8 | 7 | 2 | 5 | 3 | 6 | 1 |
| 5 | 2 | 1 | 6 | 3 | 9 | 8 | 4 | 7 |
| 3 | 1 | 7 | 5 | 6 | 2 | 9 | 8 | 4 |
| 6 | 5 | 9 | 4 | 8 | 1 | 2 | 7 | 3 |
| 2 | 8 | 4 | 9 | 7 | 3 | 6 | 1 | 5 |
| 1 | 9 | 5 | 2 | 4 | 8 | 7 | 3 | 6 |
| 4 | 7 | 2 | 3 | 9 | 6 | 1 | 5 | 8 |
| 8 | 6 | 3 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଯୁଦ୍ଧ ନୁହେଁ ଶାନ୍ତି ଦରକାର

ମହାଶୟ,

ଗତ ଚାରିବର୍ଷ ଧରି ରୁଷିଆ ଏବଂ ୟୁକ୍ରେନ ଭିତରେ ସଂଘର୍ଷ ଚାଲିଛି। ଚଉଦ ହଜାରରୁ ଅଧିକ ଲୋକ ଏହି ଯୁଦ୍ଧରେ ମୃତ୍ୟୁବରଣ କରି ସାରିଲେଣି। ଏହି ଯୁଦ୍ଧର ଅବସାନ ହେବା ଦେଖାଯାଉନାହିଁ। ଏତିକି ବେଳେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିଛନ୍ତି। ଇରାନକୁ ନ୍ୟୁକ୍ଲିୟର ପ୍ରୋଗ୍ରାମକୁ ସ୍ଥଗିତ କରିବା ପାଇଁ ଆମେରିକା ଓ ଇସ୍ରାଏଲ ଧମକ ଦେଉଛନ୍ତି। ଇସ୍ରାଏଲ ଏବଂ ଆମେରିକାର ସୈନ୍ୟ ଘାଟିକୁ ଇରାନ ଟାର୍ଗେଟ କରିଛି। ବିଶେଷ କରି କତାର, ବାହାରିନ, ଇରାକରେ ଥିବା ଆମେରିକାର ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ଏହି ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଦେଖିବାକୁ ମିଳିଛି। ଭାରତରେ ଲୋକମାନେ ଲମ୍ବା ଲାଇନରେ ଠିଆ ହୋଇ ଗ୍ୟାସ ସିଲିଣ୍ଡର ନେଉଛନ୍ତି। ସିଲିଣ୍ଡର ମୂଲ୍ୟ ବଢ଼ିଯାଇଛି। ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲା ଖାମେନେଇଙ୍କ ମୃତ୍ୟୁ ଘଟିଛି। ତେବେ ଆମେରିକା ଯୁଦ୍ଧ ବିରତି ଘୋଷଣା କରିଥିବା ବେଳେ ଇରାନ ତରଫରୁ କୌଣସି ଯୁଦ୍ଧ ବିରତି ଘୋଷଣା କରାଯାଇନାହିଁ। ବର୍ତ୍ତମାନ ଏହି ସମସ୍ୟା ଭିତରେ ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ସମଗ୍ର ବିଶ୍ୱ ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ଚାହୁଁଛି। ମଧ୍ୟସ୍ଥତା ପାଇଁ ପାକିସ୍ତାନ ଓ ତୁର୍କୀ ଆଗେଇ ଆସିଛନ୍ତି କିନ୍ତୁ ଏହା କେତେଦୂର ସଫଳ ହୋଇପାରିବ ଜଣାନାହିଁ। ଭାରତରେ ଏହି ମଧ୍ୟସ୍ଥତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି କାହିଁକି ଭାରତକୁ ମଧ୍ୟସ୍ଥତା ପାଇଁ ଦେଶଗୁଡ଼ିକ ଅନୁରୋଧ କଲେ ନାହିଁ? ଭାରତ ଉପରେ ଦେଶଗୁଡ଼ିକ କାହିଁକି ଭରସା କରିପାରିଲେ ନାହିଁ। ଯାହା ହେଲେ ମଧ୍ୟ ଆମକୁ ଶାନ୍ତି ଦରକାର। ଆଶା କରାଯାଏ ଏହି ଯୁଦ୍ଧର ଅବସାନ ହେବ।

– କାଳୀ ଦାସ, ବ୍ରହ୍ମପୁର, ଖୋଡାସିଙ୍ଗି, କଳିଙ୍ଗନଗର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧାନବିଲରେ ଯୁବକଙ୍କୁ ହାଣି ହତ୍ୟା

ଢେଙ୍କିକୋଟ,୨୮।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଟାପୁଟି ପଞ୍ଚାୟତ ପିଟାପୁଟି ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କୁ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ପିଟାପୁଟି ଗ୍ରାମର ଲକ୍ଷ୍ମଣ ପଲେଇଙ୍କ ପୁଅ ଭାଗୀରଥି ପଲେଇ (୪୫)। ହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଶନିବାର ସକାଳେ ଧାନବିଲରୁ ମୃତଦେହ ଜବତ କରି ତଦନ୍ତ କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଭାଗୀରଥି ଗତକାଲି ସନ୍ଧ୍ୟାରେ କୌଣସି କାମରେ ଘରୁ ଆସି ଆସିଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘରଲୋକ ଗ୍ରାମ ଛକ ସମେତ ଆଖପାଖରେ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ସକାଳେ ଗ୍ରାମର ଲୋକେ ଧାନବିଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭାଗୀରଥିଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ଘରଲୋକ ଘଟଣାସ୍ଥଳରେ ପହଞ୍ଚି ହରିଚନ୍ଦନପୁର ପୋଲିସକୁ ଜଣାଇଥିଲେ। ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ନୂଆ ଆଇପିଏସ ଶୁଭସ୍ମିତା ସେଠୀ, ଥାନା ଅଧିକାରୀ ମଧୁଲିତା ବିଶ୍ୱାଳ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଥିଲେ। ଭାଗୀରଥିଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ ଧାନବିଲରେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ପ୍ରବଳ ରକ୍ତସ୍ରାବ ଯୋଗୁ ସେ ମୃତ୍ୟୁବରଣ କରିଥିବା କୁହାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ହରିଚନ୍ଦନପୁର ଥାନାରେ ଏକ ହତ୍ୟା ମାମଲା(ନଂ. ୮୯/୨୬) ରୁଜୁ ହୋଇଛି। ଘଟଣାରେ ପୋଲିସ ୩ରୁ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଝାଡ଼ଖଣ୍ଡରୁ ୨ ଗିରଫ, ଚୋରି ଗହଣା ଜବତ

## ଠାକୁରମୁଣ୍ଡା ବଜାର ଅଳଙ୍କାର ଦୋକାନରୁ ଚୋରି ଘଟଣା

ଠାକୁରମୁଣ୍ଡା,୨୮।୩(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବଜାରରେ ଥିବା ଦୁର୍ଗା ଅଳଙ୍କାର ଦୋକାନରୁ ଗତ ଫେବ୍ରୁଆରୀ ୧୦ ବିଳମ୍ବିତ ରାତିରେ ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଏଥିସହ ଅଧା କେଜି ରୁପା ଓ କିଛି ସୁନା ଅଳଙ୍କାର ଜବତ କରାଯାଇଥିବା ଶନିବାର ଠାକୁରମୁଣ୍ଡା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଯଦୁମଣି ଜେନା ସୂଚନା ଦେଇଛନ୍ତି। ପୋଲିସ ହାତରେ ଧରାପଡ଼ିଥିବା ୨ ଅଭିଯୁକ୍ତ ଝାଡ଼ଖଣ୍ଡ ଅଞ୍ଚଳର। ଏହି ଚୋରି ଘଟଣାରେ ୮ଜଣ ସମ୍ପୃକ୍ତ ଅଛନ୍ତି। ତଦନ୍ତ ଜାରି ରହିଥିବାରୁ ଗିରଫ ୨ ଅଭିଯୁକ୍ତଙ୍କ ନାମ ପୋଲିସ ଗୋପନ ରଖିଛି।

ଠାକୁରମୁଣ୍ଡା ବଜାରରେ ଥିବା ରାଜେନ୍ଦ୍ର ସାହୁଙ୍କ ଅଳଙ୍କାର ଦୋକାନର ପଛ କାନ୍ଥକୁ ସିନ୍ଧି କରି ଦୁର୍ବୃତ୍ତମାନେ ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ଲୁହାର ଲକର କାଟି ଅଳଙ୍କାର ଚୋରି କରିଥିଲେ। ଏପରିକି ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗିଦେବା ସହ ହାର୍ଡଡିସ୍କ ନେଇ ପଳାଇ ଯାଇଥିଲେ। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ମୋରଡ଼ା ଥାନା ଆଇଆଇସି ସୁମିତ ସୋରେନ, ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ଏହି ଟିମ୍ ୨ ସପ୍ତାହ ଧରି ଝାଡ଼ଖଣ୍ଡ ଅଞ୍ଚଳରେ ଡେରା ପକାଇଥିଲା। ଶେଷରେ ଝାଡ଼ଖଣ୍ଡ ରାଜ୍ୟର ରାଜମହଲ ଥାନା ଅଞ୍ଚଳରୁ ଜଣଙ୍କୁ ଗିରଫ ସହ ଚୋରି ଅଳଙ୍କାର ଜବତ କରାଯାଇଥିଲା। ସେହିପରି ଯଶିପୁରଠାରୁ ଅନ୍ୟ ଜଣଙ୍କୁ ପୋଲିସ ଗିରଫ କରିଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ପୂର୍ବରୁ ଠାକୁରମୁଣ୍ଡା ଅଞ୍ଚଳରେ ରହି ଫେରି କରୁଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ଓ ଠାକୁରମୁଣ୍ଡା ଓଆଇସି ଦଳେଇ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଯଦୁମଣି ଜେନା ସୂଚନା ଦେଉଛନ୍ତି।

## ୱାଟର ପାର୍କରେ କାର୍ଯ୍ୟରତ ମହିଳାଙ୍କୁ ଅସଦାଚରଣ: ଯୁବକ କୋର୍ଟ ଚାଲାଣ

ବାଙ୍କୀ,୨୮।୩(ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଚ୍ ହାଉସ ଅନ୍ତର୍ଗତ ଏକ ୱାଟର ପାର୍କରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ସେଠାରେ କାର୍ଯ୍ୟରତ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ମଙ୍ଗୁଳି ବେହେରା। ଏନେଇ ବାଙ୍କୀ ଥାନାରେ ମାମଲା (ନଂ. ୧୫୭/୨୬)ରୁଜୁ କରାଯାଇଛି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ସେ ସବୁଦିନ ପରି କାର୍ଯ୍ୟସାରି ସନ୍ଧ୍ୟାରେ ନିଜ ଘରକୁ ବାହାରୁଥିବା ବେଳେ ଏକୁଟିଆର ସୁଯୋଗ ନେଇ ମଙ୍ଗୁଳି ତାଙ୍କ ସହ ଜୋରଜବରଦସ୍ତି ଅସଦାଚରଣ ଉଦ୍ୟମ କରିଥିଲେ। ଫଳରେ ସମ୍ପୃକ୍ତା ମହିଳା ଖଣ୍ଡିଆଖାବରା ହୋଇଥିଲେ। ଏନେଇ ପୀଡ଼ିତା ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସୁବର୍ଣ୍ଣପୁର ବିଚହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଅଭିଯୁକ୍ତ ମଙ୍ଗୁଳିଙ୍କୁ ଗିରଫ କରିଛନ୍ତି।

# ଚିକେନ ଦୋକାନ ସମ୍ମୁଖରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ସନ୍ଦେହ, ତରବରିଆ ଭାବେ ବ୍ୟବଚ୍ଛେଦ ପାଇଁ ପଠାଇଲା ପୋଲିସ

ମଙ୍ଗୁଳି-ଜଗତପୁର/ ଚୌଦ୍ୱାର, ୨୮।୩(ମାନସ ସାମଲ/ ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ଓଟିଏମ ବଜାରରେ ଥିବା ଏକ ଚିକେନ ଦୋକାନ ସାମ୍ନାରେ ଶନିବାର ସକାଳୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ପୋଲିସ ଜବତ କରିଛି। ମୃତକ ହେଲେ ଚୌଦ୍ୱାର ପୌରପାଳିକା ଅଧୀନ ୨ ନଂ. ୱାର୍ଡ ମରହଟା (ବରିକ) ସାହିର ରାମ ସିଂ (୪୯)। ଏ ନେଇ ମୃତକଙ୍କ ବାପା ରବି ସିଂ ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୨୬) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି। ସୂଚନା ମୁତାବକ, ରାମ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଦୁଇ ପିଲାଙ୍କୁ ବଜାର ଆଣି ଫଳ କିଣି ଘରେ ଛାଡ଼ି ଦେଇ ପୁଣି ବଜାରକୁ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାମ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶନିବାର ସକାଳେ ଜଣେ ବ୍ୟବସାୟୀ ତାଙ୍କ ପୁଅର ମୃତଦେହ ଓଟିଏମ୍ ବଜାରରେ ଥିବା ଏକ ଚିକେନ ଦୋକାନ ସାମ୍ନାରେ ଝୁଲୁଛି ବୋଲି ଜଣାଇଥିଲେ। ପରିବାର ଲୋକେ ଆସି ଦେଖନ୍ତି ରାମଙ୍କ ପାଦରୁ ଚପଲ କିମ୍ବା ବେକରୁ ଗାମୁଛା ବାହାରିନି। ଯଦି ରାମ ବେକରେ ଦୌଡି ଦେଇ ଆତ୍ମହତ୍ୟା କରିଥିବେ, ମୃତ୍ୟୁ ପୂର୍ବରୁ ସେ ଛଟପଟ ହେବା ଫଳରେ ବେକରୁ ଗାମୁଛା ଓ ପାଦରୁ ଚପଲ ଖସି ଯାଇଥାନ୍ତା। କିନ୍ତୁ ତାହା ହୋଇନାହିଁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍‌ର ସହାୟତା ନ ନେଇ ତରବରିଆ ଭାବେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ପୋଲିସର ଭୂମିକା ସନ୍ଦେହ ଘେରକୁ ଟାଣୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ମୃତକଙ୍କ ଭାଇ ନାରାୟଣ ସିଂଙ୍କ କହିବା ଅନୁଯାୟୀ ତାଙ୍କ ଭାଇ ଶନିବାର ସକାଳେ ଗୋଟେ ନୂଆ ମୋବାଇଲ କିଣିବା ପାଇଁ ତାଙ୍କ ସହ କଥା ହୋଇଥିଲେ। ଏପରିକି ଭାଇ କାମ ସାରି ତାଙ୍କ ଘର ଛକରେ ବସିଥିବା ବେଳେ ଖାଇବା ପାଇଁ ତାଙ୍କ ସହ କଥା ମଧ୍ୟ ହୋଇଥିଲେ। କିନ୍ତୁ ଭାଇଙ୍କ ଏପରି ଅବସ୍ଥା କେମିତି ହେଲା ତାକୁ ନେଇ ସେ ସନ୍ଦେହ ଘେରରେ ଅଛନ୍ତି। ରାମଙ୍କ କାହା ସହ ଶତ୍ରୁତା ନ ଥିବା ବେଳେ ସେ ଜଣେ ମେଳାପି ଲୋକ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ମୃତ୍ୟୁର କାରଣ ନ ଖୋଜି ଏଭଳି ତଥ୍ୟ ଲୁଚାଇବା ଠିକ୍ ନୁହେଁ ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ତାଙ୍କର ୧୨ ବର୍ଷ ପୁଅ ଓ ୪ ବର୍ଷ ଝିଅ ଅଛନ୍ତି।

## ଯୁବକଙ୍କୁ ପିଟି ହତ୍ୟା ଘଟଣା

# ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ



ଭୁବନ,୨୮।୩( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା କୃଷ୍ଣପୁର ଗ୍ରାମର ଭଜୁ ସାହିରେ ଶୁକ୍ରବାର ସନ୍ଧ୍ୟାରେ ମଣ୍ଟୁ ମହାନ୍ତଙ୍କୁ ପିଟି ହତ୍ୟା ଘଟଣାରେ ଶନିବାର ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି। ସୂଚନା ଅନୁଯାୟୀ, କୃଷ୍ଣପୁର ଗ୍ରାମର ଭଜୁ ସାହିରେ ପାରିବାରିକ କଳହରୁ ତ୍ରିଲୋଚନ ମହାନ୍ତ ଓ ତାଙ୍କ ପରିବାର ଲୋକ ମିଶି ଦାଦାପୁଅ ମଣ୍ଟୁଙ୍କୁ ମାରି ଦେଇଥିବା ତାଙ୍କ ମା' ଖଡ଼ିକ ମହାନ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତଦନ୍ତ ପରେ ନଂ. ୧୬୨/୨୦୨୬ରେ ଏକ ମାମଲା ରୁଜୁ କରିଛି। ତ୍ରିଲୋଚନ ନିଜ ଘରକୁ ମଣ୍ଟୁଙ୍କୁ ଡାକିନେଇ ସ୍ତ୍ରୀ ଓ ପୁଅ ସହ ମିଶି ମାରିଥିବା ଜଣାପଡ଼ିଛି। ପରେ ମଣ୍ଟୁଙ୍କ ମୃତଦେହକୁ ଆଣି ଘର ବାହାରେ ପୋଡି ଦେବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଅଭିଯୋଗ ପରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ପୋଲିସ ମୃତଦେହକୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ୧୯ କଇଁଛ ଜବତ, ଅଭିଯୁକ୍ତ ଗିରଫ

କୁଜଙ୍ଗ, ୨୮।୩(ମନୋଜ ପ୍ରଧାନ): ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ଗ୍ରାମରୁ ବାଲିଆ ଗ୍ରାମକୁ ୧୯ କଇଁଛ ଚୋରା ଚାଲାଣବେଳେ ଚଟୁଆ ଛକରେ ଜଣେ ଅଭିଯୁକ୍ତଙ୍କୁ ବନବିଭାଗ ଧରିଛି। ଅଭିଯୁକ୍ତ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଅରଖିଆ ଗ୍ରାମର ବିଜୟ ଦାସ(୩୨)। ଶନିବାର ତାଙ୍କୁ ଜଗତ୍‌ସିଂହପୁର କୋର୍ଟ ଚାଲାଣ କରାଯାଇଛି।


कार्यपालक अभियंता का कार्यालय
लघु सिंचाई प्रमंडल, साहेबगंज

रद्ध–पत्र

इस कार्यालय द्वारा आमंत्रित निविदा E-ReTender Reference No.-WRD/MID/SAHIBGANJ/F2-12/2025-26, Date-17/03/2026 PR No-375435 Minor Irrigation (25-26).D को अपरिहार्य कारणवश रद्ध किया जाता है।

कार्यपालक अभियंता,
लघु सिंचाई प्रमंडल,
साहेबगंज

PR 376245 (Minor Irrigation)25-26*D



ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ)

NHAI/15011/15/Skylark/2026/PIU/BAM/284 ତା.29.03.2026ରିଖ

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରିଦିଆଯାଉଅଛିଯେ, ଓଡ଼ିଶା ରାଜ୍ୟର ଏନ୍‌ଏଚ୍-16 (ପୁରାତନ ଏନ୍‌ଏଚ୍-5) ରେ କି.ମି. 362.000 ରୁ କି.ମି. 286.010 ପର୍ଯ୍ୟନ୍ତ ସୁନାଖଳା ରୁ ଭୁବନେଶ୍ୱର ସେକ୍ସନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର କି.ମି. 323.600 ସ୍ଥିତ ଗୋଡ଼ିପଡ଼ା ଟୋଲ୍ ପ୍ଲାଜାରେ ନିମ୍ନ ପ୍ରଦତ୍ତ ସାରଣୀ ଅନୁଯାୟୀ ସଂଶୋଧିତ ୟୁଜର ଫି ମୂଲ୍ୟ ତା.01.04.2026ରିଖ (00.00 ଘଟିକା) ଠାରୁ କାର୍ଯ୍ୟକାରୀ ହୋଇ ତା.31.03.2027ରିଖ ପର୍ଯ୍ୟନ୍ତ ବଳବତର ରହିବ।

| ଗାଡ଼ିର ବର୍ଗ | ଏକ ତରଫା ଯାତ୍ରା ନିମନ୍ତେ ଦେୟ (ଟଙ୍କାରେ) | ଗୋଟିଏ ଦିନ ମଧ୍ୟରେ ଫେରନ୍ତା ଯାତ୍ରା ନିମନ୍ତେ ଦେୟ (ଟଙ୍କାରେ) | ଗୋଟିଏ ମାସରେ 50ଟି ଏକତରଫା ଯାତ୍ରା ନିମନ୍ତେ ମାସିକ ପାସ୍‌ର ଦେୟ (ଟଙ୍କାରେ) | ଦେୟ ପ୍ଲାଜାର ଜିଲ୍ଲା ମଧ୍ୟରେ ପଞ୍ଜିକୃତ ବ୍ୟବସାୟିକ ଗାଡ଼ିଗୁଡ଼ିକର ଏକତରଫା ଯାତ୍ରା ନିମନ୍ତେ ଦେୟ (ଟଙ୍କାରେ) |
|---|---|---|---|---|
| କାର୍, ଜିପ୍, ଭ୍ୟାନ କିମ୍ବା ହାଲୁକା ମୋଟର ଗାଡ଼ି | 120 | 175 | 3920 | 60 |
| ହାଲୁକା ବ୍ୟବସାୟିକ ଗାଡ଼ି, ହାଲୁକା ମାଲ୍‌ବାହୀ ଗାଡ଼ି କିମ୍ବା ମିନି ବସ୍ | 190 | 285 | 6330 | 95 |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସିଲ୍ ବିଶିଷ୍ଟ) | 400 | 595 | 13265 | 200 |
| ତିନି-ଆକ୍ସିଲ୍ ବ୍ୟବସାୟିକ ଗାଡ଼ି | 435 | 650 | 14470 | 215 |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମଏଭି (ଚାରି ରୁ ଛଅ ଆକ୍ସିଲ) | 625 | 935 | 20800 | 310 |
| ଅତି ବଡ଼ ଗାଡ଼ି (ସାତ କିମ୍ବା ଅଧିକ ଆକ୍ସିଲ୍ ବିଶିଷ୍ଟ) | 760 | 1140 | 25325 | 380 |

ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ 20 କି.ମି. ଦୂରତ୍ୱ ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବ୍ୟବସାୟିକ ଗାଡ଼ିଗୁଡ଼ିକ ନିମନ୍ତେ ପ୍ରଯୋଗଯୋଗ୍ୟ ମାସିକ ପାସ୍‌ର ମୂଲ୍ୟ 2026-27 ଆର୍ଥିକ ବର୍ଷ ନିମନ୍ତେ ଟ. 350/- ହେବ, ଯାହା ପ୍ରତିବର୍ଷ ଉକ୍ତ ନିୟମର ବ୍ୟବସ୍ଥା ଅନୁଯାୟୀ ସଂଶୋଧନ ହୋଇପାରେ।

NHAI ମୁଖ୍ୟାଳୟ ନୂଆ ଦିଲ୍ଲୀ ପତ୍ର ସଂଖ୍ୟା 18, ତା.12.03.2026ରିଖ ଅନୁଯାୟୀ ଅଣ-ବ୍ୟବସାୟିକ ଗାଡ଼ିଗୁଡ଼ିକ ନିମନ୍ତେ ପ୍ରଯୋଗଯୋଗ୍ୟ ବାର୍ଷିକ ପାସ୍‌ର ମୂଲ୍ୟ 2026-27 ଆର୍ଥିକ ବର୍ଷ ନିମନ୍ତେ ଟ. 3,075/- ତା.01.04.2026ରିଖ ଠାରୁ କାର୍ଯ୍ୟକାରୀ ହେବ।

ସମସ୍ତ ଗାଡ଼ିଗୁଡ଼ିକ ନିମନ୍ତେ FASTag ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ବ୍ୟବହାରକାରୀଙ୍କୁ FASTag କିଣିବାକୁ ଅନୁରୋଧ।

ଫୋନ୍ ନମ୍ବର (0663) 2548966, ଇମେଲ୍ : nhaipiuber@gmail.com, piuberhampur@nhai.org

ସ୍ୱା/-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ର ନିର୍ମାଣ ମଧ୍ୟ



ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ)

NHAI/15011/14/Gurapalli/2026/PIU/BAM/285 ତା.29.03.2026ରିଖ

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରିଦିଆଯାଉଅଛିଯେ, ଓଡ଼ିଶା ରାଜ୍ୟର ଏନ୍‌ଏଚ୍-16 (ପୁରାତନ ଏନ୍‌ଏଚ୍-5) ରେ କି.ମି. 362.000 ରୁ କି.ମି. 419.600 ପର୍ଯ୍ୟନ୍ତ ସୁନାଖଳା ରୁ ପୁଣ୍ଡିତୋଳା ସେକ୍ସନ ନିମନ୍ତେ ଗଞ୍ଜାମ ଜିଲ୍ଲାର କି.ମି. 389.609 ସ୍ଥିତ ଗୁରାପାଲ୍ଲି ଟୋଲ୍ ପ୍ଲାଜାରେ ନିମ୍ନ ପ୍ରଦତ୍ତ ସାରଣୀ ଅନୁଯାୟୀ ସଂଶୋଧିତ ୟୁଜର ଫି ମୂଲ୍ୟ ତା.01.04.2026ରିଖ (00.00 ଘଟିକା) ଠାରୁ କାର୍ଯ୍ୟକାରୀ ହୋଇ ତା.31.03.2027ରିଖ ପର୍ଯ୍ୟନ୍ତ ବଳବତର ରହିବ।

| ଗାଡ଼ିର ବର୍ଗ | ଏକ ତରଫା ଯାତ୍ରା ନିମନ୍ତେ ଦେୟ (ଟଙ୍କାରେ) | ଗୋଟିଏ ଦିନ ମଧ୍ୟରେ ଫେରନ୍ତା ଯାତ୍ରା ନିମନ୍ତେ ଦେୟ (ଟଙ୍କାରେ) | ଗୋଟିଏ ମାସରେ 50ଟି ଏକତରଫା ଯାତ୍ରା ନିମନ୍ତେ ମାସିକ ପାସ୍‌ର ଦେୟ (ଟଙ୍କାରେ) | ଦେୟ ପ୍ଲାଜାର ଜିଲ୍ଲା ମଧ୍ୟରେ ପଞ୍ଜିକୃତ ବ୍ୟବସାୟିକ ଗାଡ଼ିଗୁଡ଼ିକର ଏକତରଫା ଯାତ୍ରା ନିମନ୍ତେ ଦେୟ (ଟଙ୍କାରେ) |
|---|---|---|---|---|
| କାର୍, ଜିପ୍, ଭ୍ୟାନ କିମ୍ବା ହାଲୁକା ମୋଟର ଗାଡ଼ି | 105 | 155 | 3490 | 50 |
| ହାଲୁକା ବ୍ୟବସାୟିକ ଗାଡ଼ି, ହାଲୁକା ମାଲ୍‌ବାହୀ ଗାଡ଼ି କିମ୍ବା ମିନି ବସ୍ | 170 | 255 | 5640 | 85 |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସିଲ୍ ବିଶିଷ୍ଟ) | 355 | 530 | 11815 | 175 |
| ତିନି-ଆକ୍ସିଲ୍ ବ୍ୟବସାୟିକ ଗାଡ଼ି | 385 | 580 | 12885 | 195 |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମଏଭି (ଚାରି ରୁ ଛଅ ଆକ୍ସିଲ) | 555 | 835 | 18525 | 280 |
| ଅତି ବଡ଼ ଗାଡ଼ି (ସାତ କିମ୍ବା ଅଧିକ ଆକ୍ସିଲ୍ ବିଶିଷ୍ଟ) | 675 | 1015 | 22555 | 340 |

ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ 20 କି.ମି. ଦୂରତ୍ୱ ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବ୍ୟବସାୟିକ ଗାଡ଼ିଗୁଡ଼ିକ ନିମନ୍ତେ ପ୍ରଯୋଗଯୋଗ୍ୟ ମାସିକ ପାସ୍‌ର ମୂଲ୍ୟ 2026-27 ଆର୍ଥିକ ବର୍ଷ ନିମନ୍ତେ ଟ. 350/- ହେବ, ଯାହା ପ୍ରତିବର୍ଷ ଉକ୍ତ ନିୟମର ବ୍ୟବସ୍ଥା ଅନୁଯାୟୀ ସଂଶୋଧନ ହୋଇପାରେ।

NHAI ମୁଖ୍ୟାଳୟ ନୂଆ ଦିଲ୍ଲୀ ପତ୍ର ସଂଖ୍ୟା 18, ତା.12.03.2026ରିଖ ଅନୁଯାୟୀ ଅଣ-ବ୍ୟବସାୟିକ ଗାଡ଼ିଗୁଡ଼ିକ ନିମନ୍ତେ ପ୍ରଯୋଗଯୋଗ୍ୟ ବାର୍ଷିକ ପାସ୍‌ର ମୂଲ୍ୟ 2026-27 ଆର୍ଥିକ ବର୍ଷ ନିମନ୍ତେ ଟ. 3,075/- ତା.01.04.2026ରିଖ ଠାରୁ କାର୍ଯ୍ୟକାରୀ ହେବ।

ସମସ୍ତ ଗାଡ଼ିଗୁଡ଼ିକ ନିମନ୍ତେ FASTag ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ବ୍ୟବହାରକାରୀଙ୍କୁ FASTag କିଣିବାକୁ ଅନୁରୋଧ।

ଫୋନ୍ ନମ୍ବର (0663) 2548966, ଇମେଲ୍ : nhaipiuber@gmail.com, piuberhampur@nhai.org

ସ୍ୱା/-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ର ନିର୍ମାଣ ମଧ୍ୟ



ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ବଡ଼ଡେରା, ମଣ୍ଡୁଆ, କେନ୍ଦୁଝର-୭୫୮୦୧୪, ଓଡ଼ିଶା

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଅଛି ଯେ ଚାରିଧାଡ଼ି ସଡ଼କର ବ୍ୟବହାର ନିମନ୍ତେ ସଂଶୋଧିତ ଦେୟ ଆଞ୍ଚଳିକ ଅଧିକାରୀ, ଏନ୍‌ଏଚ୍‌ଏଆଇ, ଓଡ଼ିଶାଙ୍କ ଅନୁମୋଦନ କ୍ରମେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ ନିମ୍ନଲିଖିତ ଟୋଲପ୍ଲାଜାମାନଙ୍କରେ ତା.୦୧.୦୪.୨୦୨୬ ରିଖ ଠାରୁ (୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ) ଲାଗୁ ହେବ।

(କ) ଓଡ଼ିଶା ରାଜ୍ୟରେ ଏନ୍‌ଏଚ୍-୨୧୫ (ନୂତନ ଏନଏନ-୨୦) ପାଣିକୋଇଲି-ରିମୁଳି ଖଣ୍ଡ ୦.୦୦୦ କିମି. ଠାରୁ ୧୬୩.୦୦୦ କିମି. (ଡିଜାଇନ ଦୈର୍ଘ୍ୟ ୧୬୬.୧୭୩)ର ଚାରି ଧାଡ଼ିକରଣ।

(ଟଙ୍କାରେ)

| ହସନପୁର ଟୋଲ୍ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୯୫ | ୧୪୫ | ୩୨୨୫ | ୫୦ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୫୫ | ୨୩୫ | ୫୨୧୦ | ୮୦ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୩୨୫ | ୪୯୦ | ୧୦୯୧୫ | ୧୬୫ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୩୫୫ | ୫୩୫ | ୧୧୯୧୦ | ୧୮୦ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୫୧୫ | ୭୭୦ | ୧୭୧୨୦ | ୨୫୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୬୨୫ | ୯୪୦ | ୨୦୮୪୦ | ୩୧୫ |

| ଖଣ୍ଡଘର ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୮୫ | ୧୨୫ | ୨୭୯୦ | ୪୦ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୩୫ | ୨୦୫ | ୪୫୧୦ | ୭୦ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୨୮୫ | ୪୨୫ | ୯୪୪୫ | ୧୪୦ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୩୧୦ | ୪୬୫ | ୧୦୩୦୫ | ୧୫୫ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୪୪୫ | ୬୬୫ | ୧୪୮୧୫ | ୨୨୦ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୫୪୦ | ୮୧୦ | ୧୮୦୩୫ | ୨୭୦ |

| ବନାକୋଡି ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୯୫ | ୧୪୦ | ୩୧୩୫ | ୪୫ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୫୦ | ୨୩୦ | ୫୦୬୦ | ୭୫ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୩୨୦ | ୪୭୫ | ୧୦୬୦୫ | ୧୬୦ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୩୪୫ | ୫୨୦ | ୧୧୫୭୦ | ୧୭୫ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୫୦୦ | ୭୫୦ | ୧୬୬୩୦ | ୨୫୦ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୬୦୫ | ୯୧୦ | ୨୦୨୪୫ | ୩୦୫ |

(ଖ) ହାଇବ୍ରୀଡ଼ ଆନୁଇଟି ମୋଡ଼ରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ ଏନ୍‌ଏଚ୍-୬ (ନୂତନ ଏନ୍‌ଏଚ୍-୪୯)ର ସିଂହରା ଠାରୁ ବିଞ୍ଜବାହାଲ ଖଣ୍ଡ ସିଏଚ ୩୧୧.୦୦୦ କିମି. ଠାରୁ ୪୧୪.୦୦୦ କିମି. (ଡିଜାଇନ ଚେନଏଜ ୩୧୦.୮୦୬ କିମି. ଠାରୁ ୪୧୪.୯୮୨ କିମି.) ପର୍ଯ୍ୟନ୍ତ ଚାରିଧାଡ଼ିକରଣକୁ ମରାମତି ଏବଂ ଉନ୍ନତୀକରଣ।

| ଖୁରେଇଟାଙ୍ଗିରି ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୧୧୦ | ୧୬୦ | ୩୫୮୫ | ୫୫ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୭୫ | ୨୬୦ | ୫୭୯୦ | ୮୫ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୩୬୫ | ୫୪୫ | ୧୨୧୩୦ | ୧୮୦ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୩୯୫ | ୫୯୫ | ୧୩୨୩୦ | ୨୦୦ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୫୭୦ | ୮୫୫ | ୧୯୦୨୦ | ୨୮୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୬୯୫ | ୧୦୪୦ | ୨୩୧୫୫ | ୩୪୫ |

| ଜନସନପୁର ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୬୫ | ୧୦୦ | ୨୧୯୫ | ୩୫ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୦୫ | ୧୬୦ | ୩୫୪୫ | ୫୫ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୨୨୫ | ୩୩୫ | ୭୪୩୦ | ୧୧୦ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୨୪୫ | ୩୬୫ | ୮୧୦୫ | ୧୨୦ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୩୫୦ | ୫୨୫ | ୧୧୬୫୦ | ୧୭୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୪୨୫ | ୬୪୦ | ୧୪୧୮୫ | ୨୧୫ |

(ଗ) ଓଡ଼ିଶା ରାଜ୍ୟରେ ଏନ୍‌ଏଚ୍-୨୧୫ (ନୂତନ ଏନ୍‌ଏଚ୍-୫୨୦)ର ରିମୁଳି-କୋଇଡ଼ା ଖଣ୍ଡ ୧୬୩.୦୦୦ କିମି. ଠାରୁ ୨୦୬.୨୦୦ କିମି. ପର୍ଯ୍ୟନ୍ତ ୧୭୬.୦୬୦ କିମି. ଠାରେ କଣ୍ଟା ଟୋଲ ପ୍ଲାଜାରେ

| କଣ୍ଟା ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୭୫ | ୧୧୦ | ୨୪୫୫ | ୩୫ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୨୦ | ୧୮୦ | ୩୯୬୫ | ୬୦ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୨୫୦ | ୩୭୫ | ୮୩୦୫ | ୧୨୫ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୨୭୦ | ୪୧୦ | ୯୦୬୦ | ୧୩୫ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୩୯୦ | ୫୮୫ | ୧୩୦୨୫ | ୧୯୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୪୭୫ | ୭୧୫ | ୧୫୮୫୫ | ୨୪୦ |

(ଘ) ବିରମିତ୍ରପୁର-ବ୍ରାହ୍ମଣୀ ବାଏପାସ ଅନ୍ତିମ ଖଣ୍ଡର ୨୧୬.୨୦୦ କିମି. ଠାରୁ ୨୩୭.୧୦୦ କିମି. ପର୍ଯ୍ୟନ୍ତ ଏବଂ ବ୍ରାହ୍ମଣୀ ବାଏପାସର ୦.୧୦୦ କିମି. ଠାରୁ ୩.୩୦୦ କିମି. ଡିଜାଇନ ଏବଂ ଜାତୀୟ ରାଜପଥ ସଂଖ୍ୟା ୨୩ (ନୂତନ ଏନ୍‌ଏଚ୍-୧୪୩)ର ବ୍ରାହ୍ମଣୀ ବାଏପାସରୁ ରାଜାମୁଣ୍ଡା ଖଣ୍ଡ ପର୍ଯ୍ୟନ୍ତ ୨୪୦.୩୫୦ କିମି. ଠାରୁ ୨୮୭.୨୦୦ କିମି. ପର୍ଯ୍ୟନ୍ତ ଡିଜାଇନ ୨୮୦.୨୧୫ କିମି. ଠାରେ ଦାର୍ଜିଂ ଟୋଲ ପ୍ଲାଜାରେ

| ଦାର୍ଜିଂ ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୧୩୦ | ୨୦୦ | ୪୪୦୫ | ୬୫ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୨୧୫ | ୩୨୦ | ୭୧୧୫ | ୧୦୫ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୪୪୫ | ୬୭୦ | ୧୪୯୧୦ | ୨୨୫ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୪୯୦ | ୭୩୦ | ୧୬୨୬୫ | ୨୪୫ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୭୦୦ | ୧୦୫୦ | ୨୩୩୮୦ | ୩୫୦ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୮୫୫ | ୧୨୮୦ | ୨୮୪୬୦ | ୪୨୫ |

(ଙ) ଏନ୍‌ଏଚ୍-୨୧୫ (ନୂତନ ଏନ୍‌ଏଚ୍-୫୨୦) ଅନ୍ତର୍ଗତ ୨୦୬.୨୦୦ କିମି. ଠାରୁ ୨୫୯.୩୬୨ କିମି. ପର୍ଯ୍ୟନ୍ତ କୋଇଡ଼ା-ରାଜାମୁଣ୍ଡା ଖଣ୍ଡର ୨୨୯.୫୩୫ କିମି. ଜାମୁଡିହି ଟୋଲ ପ୍ଲାଜା ଠାରେ।

| ଜାମୁଡ଼ିହି ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନର ଦେୟ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୯୦ | ୧୩୫ | ୨୯୮୦ | ୪୫ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୪୫ | ୨୧୫ | ୪୮୧୫ | ୭୦ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୩୦୫ | ୪୫୫ | ୧୦୦୮୫ | ୧୫୦ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୩୩୦ | ୪୯୫ | ୧୧୦୦୦ | ୧୬୫ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୪୭୫ | ୭୧୦ | ୧୫୮୧୫ | ୨୩୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୫୮୦ | ୮୬୫ | ୧୯୨୫୦ | ୨୯୦ |

(ଚ) ଏନ୍‌ଏଚ୍‌ଡିପି-୪ ଅଧୀନରେ ଇପିସି ଆଧାରରେ ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୨୩ (ନୂତନ ଏନଏଚ ସଂଖ୍ୟା ୧୪୩) (୨୮୭.୨୦୦ କିମି. ରୁ ୩୩୭.୧୮୫ କିମି.) ରାଜମୁଣ୍ଡ-ବାରକୋଟ ଖଣ୍ଡର ୪-ଧାଡ଼ିକରଣକୁ ଉନ୍ନତିକରଣ ଏବଂ ମରାମତି।

| ବଲାଣି ଟୋଲ ପ୍ଲାଜା | | | | | |
|---|---|---|---|---|---|
| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସିକ ପାସ୍ | ଜିଲ୍ଲାସ୍ତରରେ ପଞ୍ଜୀକୃତ ବ୍ୟବସାୟିକ ଯାନ |
| ୧ | କାର, ଜୀପ, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୮୫ | ୧୨୫ | ୨୮୨୦ | ୪୦ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୩୫ | ୨୦୫ | ୪୫୬୦ | ୭୦ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୨୮୫ | ୪୩୦ | ୯୫୫୦ | ୧୪୫ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୩୧୫ | ୪୭୦ | ୧୦୪୨୦ | ୧୫୫ |
| ୫ | ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୪୫୦ | ୬୭୫ | ୧୪୯୭୫ | ୨୨୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୫୪୫ | ୮୨୦ | ୧୮୨୩୦ | ୨୭୫ |

ଟିପଣୀ: ୨୦୧୧ରେ ସଂଶୋଧିତ, ଶୁଳ୍କ ନିୟମ ୨୦୦୮ ଅନୁଯାୟୀ ଶୁଳ୍କ ଲାଗୁ ହେବ। ଟୋଲ୍ ପ୍ଲାଜାର ୨୦ କିମି ଦୂରତା ମଧ୍ୟରେ ରହୁଥିବା ଅଣ-ବ୍ୟବସାୟିକ ଯାନର ନିମନ୍ତେ ମାସିକ ପାସ୍ ଦର ୩୫୦ଟଙ୍କା।

ଆଗକୁ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ମୁଖ୍ୟାଳୟ, ନୂଆଦିଲ୍ଲୀର ଚିଠି ସଂଖ୍ୟା ୧୮, ତା ୧୨.୦୩.୨୦୨୬ରିଖ ଅନୁସାରେ ଅଣବାଣିଜ୍ୟିକ ବେସରକାରୀ ଯାନ ପାଇଁ ୩,୦୭୫ ଟଙ୍କା ମୂଲ୍ୟରେ ବାର୍ଷିକ ପାସ ତା୦୧.୦୪.୨୦୨୬ରିଖରୁ ଲାଗୁ ହେବ। ଆହୁରି ମଧ୍ୟ ସ୍ପଷ୍ଟ କରାଯାଉଛି ଯେ ବ୍ୟବହାର ଦେୟ ବିଜ୍ଞପ୍ତି ଅନୁସାରେ ରିହାତିଦାତା ୫୦ କିମ୍ବା ତଦୂର୍ଦ୍ଧ୍ୱ ଏକ ପାଖିଆ ଟିକଟ ଦେୟ ଯାହା ପୈଠ ତାରିଖରୁ ଗୋଟିଏ ମାସର ଦେୟର ଦୁଇ ତୃତୀୟାଂଶ ସହ ସମାନ ହାରରେ ରିହାତିରେ ଟିକଟ ଜାରି କରିବେ। ଯଦି କୌଣସି ବ୍ୟକ୍ତି ଗୋଟିଏ ମାସ ମଧ୍ୟରେ ୫୦ ଥରରୁ ଅଧିକ ରିହାତି ମାଗନ୍ତି, ରିହାତିଦାତା ଉପରୋକ୍ତ ହାରରେ ଟିକଟ ପ୍ରଦାନ କରିବେ। (ଯଥା ଯଦି କୌଣସି ବ୍ୟକ୍ତି ଗୋଟିଏ ମାସରେ କାର ପାଇଁ ୬୦ ଥର ଯାତ୍ରା ପାଇଁ ରିହାତି ମାଗନ୍ତି, ତେବେ ଦେୟ ଶୁଳ୍କ ହେବ [୬୦ x ଏକକ ଯାତ୍ରା ପାଇଁ ପୂର୍ବରୁ ସରଳୀକୃତ ଦେୟ x ୫ ର ନିକଟତମକୁ ସରଳୀକୃତ ୨/୩])।


ସ୍ୱା/-
ପ୍ରକଳ୍ପ ନିର୍ଦ୍ଦେଶକ

ରାଷ୍ଟ୍ରର ନିର୍ମାଣ ମଧ୍ୟ, କେବଳ ସଡ଼କ ନୁହେଁ


# ବଢ଼ୁଛି ଡୋପାମାଇନ୍ ଡିଟକ୍ସ ଟ୍ରେଣ୍ଡ

ଡୋପାମାଇନ୍ ହେଉଛି ମସ୍ତିଷ୍କରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ନ୍ୟୁରୋଟ୍ରାନ୍ସମିଟର ବା ପ୍ରାକୃତିକ ରାସାୟନିକ ସନ୍ଦେଶବାହକ ହର୍‌ମୋନ। ଯାହା ଖୁସି, ପ୍ରେରଣା, ସ୍ମୃତି ଏବଂ ଶାରୀରିକ ଗତି ଆଦି ନିୟନ୍ତ୍ରଣରେ ବିଶେଷ ଭୂମିକା ବହନ କରିଥାଏ। ଏହାକୁ ଫିଲ୍‌ଗୁଡ୍ ହର୍‌ମୋନ୍ ବା ହାପି ହର୍‌ମୋନ୍ ମଧ୍ୟ କୁହାଯାଇଥାଏ।

**ଡୋପାମାଇନ୍ ଡିଟକ୍ସ କ'ଣ:** କାଲିଫର୍ନିଆର ମାନସିକରୋଗ ବିଶେଷଜ୍ଞ କ୍ୟାମେରନ୍ ସେପାଙ୍କ ଦ୍ୱାରା ଏହି ଡୋପାମାଇନ୍ ଡିଟକ୍ସ ବା ଡୋପାମାଇନ୍ ଫାଷ୍ଟିଙ୍ଗ୍ ଟ୍ରେଣ୍ଡ ଆରମ୍ଭ କରାଯାଇଛି। ତେବେ ଅନେକଙ୍କ ମନରେ ପ୍ରଶ୍ନ ଆସିପାରେ, ଯଦି ଡୋପାମାଇନ୍ ହର୍‌ମୋନ ମଣିଷକୁ ଖୁସି, ପ୍ରେରଣା ଦେବା କାର୍ଯ୍ୟ କରିଥାଏ ; ତେବେ ଏହାକୁ ଡିଟକ୍ସ କରିବା କ'ଣ ଦରକାର ? ଏହି କଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ମଧ୍ୟ ଦେଖାଦେଇଥିଲା। ହେଲେ ସେପାଙ୍କ କହିବା ଅନୁଯାୟୀ, ଅଧିକ ସମୟ ସୋସିଆଲ୍ ମିଡିଆ ଦେଖିବା, ଓଟିଟି କିମ୍ବା ଗେମିଂରେ ସମୟ ବିତାଇବା ଏବଂ ରିଲ୍ସ କିମ୍ବା ବିଭିନ୍ନ ଶର୍ଟ ଭିଡିଓ ଦେଖିବା ଦ୍ୱାରା ହଠାତ୍ ଡୋପାମାଇନ୍ ସ୍ତର ବଢ଼ିଯିବା ଦ୍ୱାରା ଅନେକଙ୍କୁ ଖୁସି ଲାଗୁଛି ଏବଂ ମସ୍ତିଷ୍କ ମଧ୍ୟ ଏହି ଅଳ୍ପରେ ବା କ୍ଷଣିକ ଖୁସି ହେବାରେ ଅଭ୍ୟସ୍ତ ହୋଇଯାଉଛି। ଏହାର ପ୍ରଭାବରେ ଯେଉଁ କାମ ଅଧିକ ସମୟ କରିବାକୁ ହେଉଛି ଯେମିତିକି ପାଠ ପଢ଼ିବା, ଲେଖିବା, ଅଫିସ୍ କାମ, ଏକ୍ସରସାଇଜ୍ ଆଦି ପାଇଁ ସେମାନଙ୍କର ଆଦୌ ଏକାଗ୍ରତା ଏବଂ ଧୈର୍ଯ୍ୟ ରହୁନାହିଁ। ବରଂ କିଛି ସମୟ ଏହି ଇ-ଗ୍ୟାଜେଟ୍‌ଠୁ ଦୂରେଇ ରହିଲେ ମନ ବ୍ୟସ୍ତ, ଚିଡ଼ିଚିଡ଼ା, ଚାପଗ୍ରସ୍ତ ଲାଗୁଛି ଏବଂ ମନକୁ ହାଲୁକା କରିବା ଲାଗି କାମ ମଝିରେ ସେମାନେ କିଛି ସମୟ ଲେଖାଏଁ ପୁଣି ମୋବାଇଲ୍ ଦୁନିଆକୁ ଫେରିଯାଉଛନ୍ତି। ବାରମ୍ବାର ଡିଜିଟାଲ୍ କଣ୍ଟେଣ୍ଟ ଦେଖିବା ଦ୍ୱାରା ମସ୍ତିଷ୍କରେ ଡୋପାମାଇନ୍ ହର୍‌ମୋନ କ୍ଷରଣରେ ଅସନ୍ତୁଳନ ଦେଖାଯାଉଛି, ଯାହାକି ଅପରପକ୍ଷେ ମାନସିକ ଥକାପଣ, ଏକାଗ୍ରତାର ଅଭାବ, ଚିନ୍ତା, ଅବସାଦ, ନିଦ୍ରାହୀନତା, କାର୍ଯ୍ୟଦକ୍ଷତା ହ୍ରାସ ପାଇବା, ଡିଜିଟାଲ୍ ଡିମେନ୍‌ସିଆ ଭଳି ବିଭିନ୍ନ ସମସ୍ୟାର କାରଣ ସାଜୁଛି। ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ଦେଖିବା ନିଶା ଯେ ଅଜାଣତରେ ସେମାନଙ୍କ ପାଇଁ ସ୍ଲୋ ପଏଜନ୍ ଭଳି କାମ କରୁଛି, ସେ ଦିଗରେ ସେମାନେ ଆଦୌ ସଚେତନ ହେଉନାହାନ୍ତି। ତେଣୁ ଏଭଳି ସମସ୍ୟାଠାରୁ ଦୂରେଇ ରହିବାକୁ ହେଲେ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଯୋଗୁ ହେଉଥିବା ଡୋପାମାଇନ୍ କ୍ଷରଣ ଓ ଶରୀରରେ ଏହାର ଅସନ୍ତୁଳନକୁ ନିୟନ୍ତ୍ରଣରେ ରଖିବା ଲାଗି ମସ୍ତିଷ୍କକୁ ପ୍ରାକୃତିକ ଉପାୟରେ ଖୁସି ରଖିବା ଦରକାର। ତେଣୁ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ଡୋପାମାଇନ୍ ଡିଟକ୍ସର ଟ୍ରେଣ୍ଡ ବଢ଼ିବାରେ ଲାଗିଛି।







ମନ ଭଲ ନ ଥିଲେ କିମ୍ବା ଚାପରେ ଥିଲେ ଅନେକେ ମୋବାଇଲ୍‌ରେ କିଛି ସମୟ ଖେଳନ୍ତି ଅବା ପସନ୍ଦର ଭିଡିଓ ଦେଖିଥାଆନ୍ତି। ଫଳରେ ମସ୍ତିଷ୍କରେ ଡୋପାମାଇନ୍ କ୍ଷରଣ ହୁଏ ଏବଂ ମୁଡ୍ ଫ୍ରେସ୍ ହୋଇଯାଏ। ହେଲେ ଖୁସି ଆଳରେ ଅଧିକ ସମୟ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ଦେଖିବା ନିଶା ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ମସ୍ତିଷ୍କକୁ ପ୍ରାକୃତିକ ଉପାୟରେ ଖୁସି ଓ ଫିଟ୍ ରଖିବା ଲାଗି ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ଡୋପାମାଇନ୍ ଡିଟକ୍ସର ଟ୍ରେଣ୍ଡ ବଢ଼ିବାରେ ଲାଗିଛି...

### ଡୋପାମାଇନ୍ ଡିଟକ୍ସ ପାଇଁ କ'ଣ କରିବେ:

**ପରିବାର ଓ ବନ୍ଧୁଙ୍କ ସହ ଖୁସିର ସମୟ ବିତାନ୍ତୁ:** ଫାଙ୍କା ସମୟ ମିଳିଲେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ। ଏକାଠି ବୁଲିବା, ଖାଇବା, ଗପସପ କରିବା, ହସିବା, ମୋବାଇଲ୍ ଦେଖିବା ଯୋଗୁ ହେଉଥିବା କ୍ଷଣିକ ଖୁସି ନୁହେଁ ବରଂ ମନ ପ୍ରକୃତରେ ଖୁସି ରହିଥାଏ। ଏହାଦ୍ୱାରା ପ୍ରାକୃତିକ ଉପାୟରେ ଡୋପାମାଇନ୍ ଏବଂ ଏଣ୍ଡୋର୍‌ଫିନ ହର୍‌ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ, ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ।

**ଫୋନ୍ ବ୍ୟବହାର କମାନ୍ତୁ:** ଯଥାସମ୍ଭବ ନିଜର ଫୋନ୍ ବ୍ୟବହାର ବିଶେଷକରି ସୋସିଆଲ୍ ମିଡିଆ ଦେଖିବା କମାଇବାକୁ ଚେଷ୍ଟା କରନ୍ତୁ। କାରଣ ସ୍କ୍ରିନ୍ ଟାଇମ୍ ଅଧିକ ରହିବା ଦ୍ୱାରା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫୋନ୍‌ରେ ଅଧିକ ସମୟ ରିଲ୍ସ, ଶର୍ଟ୍ସ ଦେଖିବା କମ୍ କଲେ ହଠାତ୍ ଡୋପାମାଇନ୍ ସ୍ତରରେ ହେଉଥିବା ଅସନ୍ତୁଳନ କମିଯିବ ଏବଂ ଏହା ଡୋପାମାଇନ୍ ଡିଟକ୍ସ ଭାବେ କାର୍ଯ୍ୟ କରିବ। ଏହି ସମୟରେ ଆପଣ ପାଠପଢ଼ା କିମ୍ବା କୌଣସି ଏଭଳି କାର୍ଯ୍ୟ କରନ୍ତୁ, ଯାହା ମାନସିକ ଖୁସି ଦେଇପାରିବ।

**ନିଜ ରୁଚି ଉପରେ ଧ୍ୟାନ ଦିଅନ୍ତୁ:** ମନକୁ ଖୁସି କରିବା ଲାଗି ଡିଜିଟାଲ୍ ଆଡିକ୍ସନ ରଖିବା ଉଚିତ୍ ନୁହେଁ। ବରଂ ଅଧିକରୁ ଅଧିକ ବହି ପଢ଼ିବା, ବୁଲାବୁଲି କରିବା, କିଛି ନୂଆ ଶିଖିବା, ଗାର୍ଡେନିଂ କରିବା, ପେଣ୍ଟିଂ, ଡ୍ୟାନ୍ସିଂ, ସିଙ୍ଗିଙ୍ଗ୍ ଭଳି ନିଜ ରୁଚି ଥିବା କାର୍ଯ୍ୟ କରିବା ଅଧିକ ଲାଭଦାୟକ। ଏହା ବ୍ୟତୀତ ପ୍ରତିଦିନ କିଛି ସମୟ ମେଡିଟେଶନ୍ କରନ୍ତୁ ଏହା ମନକୁ ପ୍ରାକୃତିକ ଉପାୟରେ ଖୁସି ଓ ଶାନ୍ତ ରଖିବାରେ ସାହାଯ୍ୟ କରିବ।

**ଡିଜିଟାଲ୍ ଡିଟକ୍ସ ଆପଣାନ୍ତୁ:** ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ୟାଜେଟ୍ ଆଦୌ ବ୍ୟବହାର ନ କରିବା। ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହେବାରେ ବି ସାହାଯ୍ୟ କରିବ। ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ।

**ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ:** ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍‌ରେ ଗେମ୍ ଖେଳିବା, ଭିଡିଓ ଦେଖିବା ଆଦି ଦ୍ୱାରା ଯଦିଓ ସେହି ସମୟରେ ଡୋପାମାଇନ୍ ବଢ଼ିବା ଯୋଗୁ ଖୁସି ଲାଗିଥାଏ ; ହେଲେ ଏହାଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏପରି ହେବା ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଷ୍ଟ୍ରେସ୍ ହର୍‌ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ତେଣୁ ରାତିରେ ଆଦୌ ମୋବାଇଲ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କରି ଆବଶ୍ୟକ ପରିମାଣରେ ଶୁଅନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରହିପାରିବେ।



## ଏ ସପ୍ତାହର ପ୍ରଶ୍ନ ?

୧- ଯୋଗ ମହୋତ୍ସବ ୨୦୨୬ ...........ଠାରେ ଆୟୋଜିତ ହୋଇଛି ?
୨- କୁରୁମ୍ବା ଆର୍ଟ ମୁଖ୍ୟତଃ ଭାରତର ...........ଅଞ୍ଚଳରେ ଦେଖିବାକୁ ମିଳିଥାଏ ?
୩- ନ୍ୟାଶନାଲ୍ ଭ୍ୟାକ୍ସିନେଶନ୍ ଡେ' ପ୍ରତିବର୍ଷ .......... ତାରିଖରେ ପାଳନ କରାଯାଏ ?
୪- ଜ୍ଞାନପୀଠ ପୁରସ୍କାର .......... କ୍ଷେତ୍ରରେ ଦିଆଯାଏ ?
୫- ଆଙ୍ଗୋରା ଉଲ୍ ............ ଲୋମରୁ ପ୍ରସ୍ତୁତ କରାଯାଏ।

## ଗତ ଥରର ଉତ୍ତର

୧ ଏଣ୍ଟୁଅ ପ୍ରଜାତି
୨ ଆମେରିକା
୩ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍ ଟେକ୍ନୋଲୋଜି
୪ ଭାରତର ସମସ୍ତ ଗ୍ରାମପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ କନେକ୍ସନ ଯୋଗାଇଦେବା
୫ ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍

## ଉତ୍ତରଦାତା



ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ଧାନ ଉତ୍ପାଦନକାରୀ ଦେଶ

| | |
|---|---|
| ୧. ଭାରତ | ୨୬୫,୦୯୮,୮୮୫ ଟନ୍ |
| ୨. ଚାଇନା | ୨୫୫,୨୪୫,୨୩୫ ଟନ୍ |
| ୩. ବାଂଲାଦେଶ | ୫୭,୧୮୯,୧୯୩ ଟନ୍ |
| ୪. ଇଣ୍ଡୋନେସିଆ | ୫୪,୭୪୮,୯୭୭ ଟନ୍ |
| ୫. ଭିଏତ୍‌ନାମ | ୪୨,୬୭୨,୩୩୯ ଟନ୍ |
| ୬. ଥାଇଲାଣ୍ଡ | ୩୪,୩୧୭,୦୨୮ ଟନ୍ |
| ୭. ମ୍ୟାନ୍‌ମାର୍ | ୨୪,୬୮୦,୨୦୦ ଟନ୍ |
| ୮. ଫିଲିପାଇନ୍ସ | ୧୯,୭୫୬,୩୯୨ ଟନ୍ |
| ୯. କାମ୍ବୋଡିଆ | ୧୧,୬୨୦,୦୦୦ ଟନ୍ |
| ୧୦. ପାକିସ୍ତାନ | ୧୦,୯୮୩,୦୮୧ ଟନ୍ |

## ୟୁଥ୍ ଆଲର୍ଟ


# ହାନିକାରକ ପ୍ୟାକେଟ୍ ଫ୍ରୁଟଜୁସ୍

ଗରମ ବଢ଼ିବା ସହିତ ମାର୍କେଟ୍‌ରେ ବିଭିନ୍ନ ଥଣ୍ଡାପାନୀୟର ଡିମାଣ୍ଡ ବଢିବାରେ ଲାଗିଛି। ଏମିତିରେ ଅଧିକାଂଶ ଯୁବପିଢ଼ି ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଫ୍ରୁଟ୍‌ଜୁସ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ସ୍ୱାସ୍ଥ୍ୟ ପାଇଁ ଏହା ହାନିକାରକ ହୋଇପାରେ...

▶ପ୍ୟାକେଟ୍ ଜୁସ୍‌ରେ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରା ବଢ଼ିଥାଏ। ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ମଧ୍ୟ ଅଧିକ ଥିବାରୁ ମେଦବହୁଳତା, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

▶ ଫ୍ରୁଟଜୁସ୍ ପ୍ରସ୍ତୁତି କରିବା ସମୟରେ ସେଥିରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।

▶ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି, ଡାଇରିଆ ଏବଂ ବଦହଜମି ଭଳି ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେଇଥାଏ।



▶ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଘର ତିଆରି ଫଳରସ ପିଇପାରିବେ।

▶ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବା ଲାଗି ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌କୁ ଆର୍ଟିଫିସିଆଲ୍ କଲର୍ ମିଶାଯାଇଥାଏ, ଯାହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।



## ଜାଣନ୍ତୁ ଦୁନିଆ

# କଳାଯାଦୁର ଗାଁ

ଯାଦୁ, ଯାହାକୁ କିଏ କୁହେ ତନ୍ତ୍ର-ମନ୍ତ୍ର ତ ଆଉ କିଏ କୁହେ ହାତସଫେଇ। ହେଲେ ଏହି କଳା ମାତ୍ର ହାତଗଣତି କେତେଜଣଙ୍କୁ ହିଁ ଜଣା। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏଭଳି ଏକ ଗାଁ ଅଛି, ଯେଉଁଠି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯାଦୁ ଶିଖିଛନ୍ତି। ଜାଣନ୍ତୁ ସେହି ଗାଁ ସମ୍ପର୍କରେ...

➤ ଆସାମର ରାଜଧାନୀ ଗୌହାଟୀଠାରୁ ୪୦କିମି. ଦୂରରେ ଅବସ୍ଥିତ ମାୟୋଙ୍ଗ ନାମକ ଗାଁ, ଯାହାକି କଳାଯାଦୁର ଗାଁ ଭାବେ ସାରା ଦେଶରେ ପରିଚିତ। ସଂସ୍କୃତ ଶବ୍ଦ ମାୟା ଅର୍ଥାତ୍ ଭ୍ରମରୁ ଏହି ଗାଁର ନାମ ଏପରି ରଖାଯାଇଥିବା ସ୍ଥାନୀୟ ଲୋକ ମତ ଦିଅନ୍ତି।



➤ଏଠାକାର ଲୋକେ ଆଖି ଆଗରୁ କାହାକୁ ଅଦୃଶ୍ୟ କରିଦେବା କିମ୍ବା ନିଜେ ଅଦୃଶ୍ୟ ହୋଇଯିବା ଅବା ନିଜକୁ ପଶୁରେ ବଦଳାଇ ଦେବାର କଳା ବେଶ୍ ଭଲ ଭାବେ ଜାଣନ୍ତି। ଏମିତିକି ସେମାନେ ଯାଦୁ ପ୍ରୟୋଗ କରି ହିଂସ୍ର ଜଙ୍ଗଲୀ ପଶୁଙ୍କୁ ବି ପୋଷା ମନେଇପାରନ୍ତି।

➤କୁହାଯାଏ, ଏଠାକାର ଲୋକେ ମନ୍ତ୍ର ଦ୍ୱାରା ରୋଗ ଭଲକରିବା, ଯାଦୁ ଦ୍ୱାରା ଚୋର ଧରିବା, ଭବିଷ୍ୟବାଣୀ କହିବା ଭଳି କାର୍ଯ୍ୟରେ ପାରଙ୍ଗମ।

➤ଏଠାକାର ଲୋକମାନଙ୍କ ମୁଖ୍ୟ ପେସା ଚାଷ ହୋଇଥିବା ବେଳେ ସମସ୍ତେ ଯାଦୁ ଶିକ୍ଷା କରନ୍ତି ଏବଂ ପିଲାମାନଙ୍କୁ ମଧ୍ୟ ଏହି କଳା ଶିଖାଯାଇଥାଏ।

➤ଏକ ପୌରାଣିକ କଥା ଅନୁଯାୟୀ, ୧୩୩୨ରେ ଆସାମକୁ ମୋଗଲ ବାଦଶାହ ମହମ୍ମଦ ଶାହ ଏକ ଲକ୍ଷ ଘୋଡ଼ାସବାରଙ୍କୁ ନେଇ ଆକ୍ରମଣ କରିଥିଲେ। ସେତେବେଳେ ସେଠାରେ ଉପସ୍ଥିତ ଥିବା ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ତାନ୍ତ୍ରିକ ମାୟୋଙ୍ଗ୍ ଗାଁକୁ ରକ୍ଷା କରିବା ଲାଗି ତନ୍ତ୍ର ବଳରେ ଏପରି ଏକ ପାଚେରି ଠିଆ କରିଦେଇଥିଲେ, ଯାହାକୁ ପାର କରିବା ମାତ୍ରେ ସୈନିକମାନେ ଅଦୃଶ୍ୟ ହୋଇଯାଉଥିଲେ। ତେବେ ସେହି ସେନାବାହିନୀ ବାସ୍ତବରେ କେଉଁଆଡ଼େ ଗଲେ ତାହା ସବୁଦିନ ପାଇଁ ରହସ୍ୟ ପାଲଟିଗଲା।



➤ଏହି ଗାଁ ମହାଭାରତ ସମୟର ବୋଲି ଅନେକେ କୁହନ୍ତି। ଭୀମଙ୍କ ପୁଅ ଘଟୋତ୍କଚ ଏହି ଗାଁର ରାଜା ଥିଲେ ବୋଲି କିମ୍ବଦନ୍ତୀ ରହିଛି।

➤ଏଠାରେ ଶକ୍ତି ପୂଜା ସହ ମହାଦେବ ଏବଂ ଗଣେଶଙ୍କ ପୂଜା ମଧ୍ୟ କରାଯାଏ। ଏହି ଗାଁ ମଧ୍ୟରେ ବୁଢ଼ା ମାୟୋଙ୍ଗ ନାମକ ଏକ ସ୍ଥାନ ରହିଛି, ଯାହାକୁ କଳାଯାଦୁର କେନ୍ଦ୍ର କୁହାଯାଏ। ସେଠାରେ ଅଷ୍ଟଦଳ ଏବଂ ଯୋନି ନାମକ ଦୁଇଟି କୁଣ୍ଡ ରହିଛି। ଅଷ୍ଟଦଳ କୁଣ୍ଡରେ ବୌଦ୍ଧଧର୍ମୀ ଏବଂ ଯୋନି କୁଣ୍ଡରେ ହିନ୍ଦୁମାନେ ତନ୍ତ୍ର ବିଦ୍ୟା ସାଧନା କରିଥାନ୍ତି। କୁହାଯାଏ କଳାଯାଦୁର ମନ୍ତ୍ରଶକ୍ତି ଯୋଗୁ ଏହି କୁଣ୍ଡ ଦ୍ୱୟରେ ପାଣି ସବୁବେଳେ ପୂର୍ଣ୍ଣ ରହିଥାଏ।

**ପାଲଲହଡ଼ା ମହୋତ୍ସବ ଉଦ୍‌ଘାଟିତ**

# ସମ୍ବଲପୁରୀ ନାଚଗୀତରେ ଦୁଲୁକିଲା ମଞ୍ଚ



ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

**ପାଲଲହଡା,୨୮।୩(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଷ୍ଟାଡିୟମଠାରେ ଶନିବାର ପାଲଲହଡ଼ା ମହୋତ୍ସବ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ନାଚଗୀତରେ ଦୁଲୁକିଛି କଳାସଂସ୍କୃତି ରଙ୍ଗମଞ୍ଚ। ପାଲଲହଡା ଉପଜିଲାପାଳ ତଥା ମହୋତ୍ସବ କମିଟି ଆବାହକ ରବୀନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟବକ୍ତା ଭାବେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତିଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଦେବଗଡ଼ ଡିଏଫ୍‌ଓ ରଶ୍ମି ଝି, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର କୁମାର ଲୁହା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

କ୍ରୀଡ଼ା ଓ କଳା କ୍ଷେତ୍ରରେ ପାଲଲହଡା ବହୁତ ଆଗରେ ରହିଛି। ମହୋତ୍ସବ କେବଳ ସଙ୍ଗୀତ ନୁହେଁ, କଳା ସହିତ ଆମ ମାଲ୍ୟଗିରି, ମା' କୁଣ୍ଡେଇବିରା, ଦ୍ୱିତୀୟ ଚିଲିକା, ବାବା ଗିରିଶ୍ୱର ପୀଠ ଆଦି ସବୁ ପାଲଲହଡ଼ା ଅଞ୍ଚଳର ପରିଚୟ। ପାଲଲହଡ଼ାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତେ ମିଶି କାମ କରିବା ଦରକାର ବୋଲି ମହୋତ୍ସବର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି କହିଥିଲେ। ମୁଖ୍ୟ ଅତିଥି ପାଲଲହଡ଼ା ମହୋତ୍ସବର ଭୂୟସୀ ପ୍ରଶଂସା କରିବା ସହ ପାଲଲହଡ଼ାର ଉନ୍ନତି ପାଇଁ ବହୁ ଯୋଜନା କରାଯାଉଥିବା କହିଥିଲେ। ଏହି ଅବସରରେ ଯୁବ କବି ହୋତାଶ କୁମାର ସାହୁଙ୍କ ଦ୍ୱାରା ଲିଖିତ 'ଗିରିଛାଇ ତଳେ ଗିରିଶର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମ୍ବଲପୁରୀ ଗାୟକ ରୁକୁସୁନା ଏବଂ ତାଙ୍କ ଦଳଙ୍କ ମେଲୋଡ଼ି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମହୋତ୍ସବ ୩ ଦିନ ଧରି ହେବାକୁ ଥିବାବେଳେ ପ୍ରଥମ ସନ୍ଧ୍ୟାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସମେତ ମୁଖ୍ୟ କମିଟି,୧୨ଟି ଉପକମିଟିର ସଦସ୍ୟ, କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ଅମଲାପଡ଼ା ବାସନ୍ତିକ ଦୁର୍ଗା ପୂଜାରେ ପୂର୍ଣ୍ଣାହୁତି



ମନୋରଞ୍ଜନ କାର୍ଯ୍ୟକ୍ରମରେ ମଲୋଡ଼ି ପରିବେଷଣ କରାଯାଉଛି।

**ଅନୁଗୋଳ,୨୮।୩(ଦିବ୍ୟଶାନ୍ତନୁ ନାଥ)**

ଅମଲାପଡ଼ା ବାସନ୍ତୀ ଦୁର୍ଗାପୂଜା ଅବସରରେ ଶନିବାର ଦଶମୀରେ ରୀତିନୀତିରେ ପୂଜା ସହ ପୂର୍ଣ୍ଣାହୁତି ହୋମ ଓ ଘଟ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମାନ୍ୟବର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଶିକ୍ଷାବିତ ମହେଶ ଧଳ, ସାମାଜିକ କର୍ମୀ ବିପ୍ଳବ ଜେନା, ଯୁବନେତା ଚନ୍ଦ୍ରକାନ୍ତ ପ୍ରଧାନ, ବରିଷ୍ଠ ଭାଜପା ନେତା ଦିଲୀପ ପ୍ରଧାନ, ଦିଲେଶ୍ୱର ପ୍ରଧାନ, ସୁଦୀପ ଗଡନାୟକ, ବିଶ୍ୱଜିତ ମିଶ୍ର, ବସଲା ସରପଞ୍ଚ ଚନ୍ଦନ ସାହୁ, ଯୁବନେତା କମଳ ସାହୁ, ମିଳାପ ସାହୁ, ଓକିଲ ସଂଘ ସଭାପତି ଦିଲୀପ ସାହୁ, ଆଠମଲ୍ଲିକ ଓକିଲ ସଂଘ ସଭାପତି ପିନା ମହାପାତ୍ର ପୂଜା ମଣ୍ଡପକୁ ଆସି ଆଶୀର୍ବାଦ ନେଇଥିଲେ। ରାତିରେ ବହୁତ ଦର୍ଶକଙ୍କ ଭିଡରେ ମଣ୍ଡପ ଭରପୁର ଥିଲା ଓ କଟକର ଏକ ପ୍ରସିଦ୍ଧ ମେଲଡି ଆସି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲା। ପୂଜାକମିଟି ପକ୍ଷରୁ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପ ସଭାପତି ଯତୀନ ସେଠୀ, ସମ୍ପାଦକ ଅନୂପ ମହାନ୍ତି, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ, ତାପସ ରାୟଙ୍କ ସମେତ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ଓ ଶଶାଙ୍କ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ଶିପୁ ପଟ୍ଟନାୟକ, ବାପୁ ଭଞ୍ଜ, ରିତେଷ ଦଳବେହେରା, ବାପି ଦାସ, ସୌମ୍ୟ ଦାସ, ଗୁଲୁ ମହାନ୍ତି, ଶିବରାଜ ପ୍ରଧାନ, ପ୍ରତାପ ମାଝୀ, ମନୁ ପ୍ରଧାନ, ବିଜୁ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ସନ୍ଧ୍ୟାରେ ମା'ଙ୍କ ଭସାଣି ଶୋଭାଯାତ୍ରା ଅନୁଗୋଳ ନଗର ପରିକ୍ରମା କରିବା ପରେ ବିସର୍ଜନ କରାଯିବ।

# ଲକ୍ଷ୍ମୀକାନ୍ତ ସଭାପତି, ଅମିନ ସମ୍ପାଦକ



ଅନୁଗୋଳ ଜିଲା ଟାକ୍ସ ବାରର୍ ନିର୍ବାଚିତ କର୍ମକର୍ତ୍ତା।

**ଅନୁଗୋଳ ଜିଲା ଟାକ୍ସ ବାର୍ ସଂଘ**

**ଅନୁଗୋଳ,୨୮।୩ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ଟାକ୍ସ ବାରର୍ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ପାଣି ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଅମିନ ନୁରଦିନ ଓ କୋଷାଧ୍ୟକ୍ଷ ଭାବେ ଶଶୀଭୂଷଣ ସ୍ୱାଇଁ ବିଜୟୀ ହୋଇଛନ୍ତି। ନିର୍ବାଚନକୁ ଆଇନଜୀବୀ ବିନୋଦ ପାଟଡିଆ ପରିଚାଳନା କରିଥିଲେ।

# କାଳବୈଶାଖୀ: ଘର ଉପରେ ପଡ଼ିଲା ଗଛ

**କଣିହାଁ,୨୮।୩(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ରାସ୍ତା ସମେତ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡିଛି। ତେବେ ସମଲ ବ୍ୟାରେଜ କଲୋନୀରେ ବିଷ୍ଣୁ ମନ୍ଦିର ଛକରେ ଏକ କ୍ୱାର୍ଟର୍ସ ଉପରେ ୭୦ ଫୁଟ ଉଚ୍ଚ ଗଛ ଅଧାରୁ ଭାଙ୍ଗି ପଡିଥିଲା। ଏହାଦ୍ୱାରା କ୍ୱାର୍ଟର୍ସ ଆଜବେଷ୍ଟସ, ବିମ ଭାଙ୍ଗି ଯାଇଥିଲା। ସୌଭାଗ୍ୟବସତଃ କ୍ୱାର୍ଟର୍ସ ଭିତରେ ଥିବା ବ୍ୟାରେଜ କର୍ମଚାରୀ ଦୁର୍ଗା ଚରଣ ସୋରେନଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଥିଲେ। ଏପରିକି ଗଛ ତଳେ ଥିବା ତିନୋଟି ଦୋକାନର ମାଲିକ ମଧ୍ୟ ବର୍ତ୍ତି ଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ସମଲ ବ୍ୟାରେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ ଯୋଗୁ ଏଭଳି ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି। ତେବେ ସମଲ ବ୍ୟାରେଜ କଲୋନୀରେ ଏଭଳି ଅନେକ ଶୁଖିଲା ଗଛ ସରକାରୀ ଘର, କାର୍ଟର୍ସ ପାଖରେ ଅଛି । କେତେବେଳେ କାହାର ଘର ଉପରେ ପଡିବ କହିହେବ ନାହିଁ। ତେଣୁ ତୁରନ୍ତ ଉକ୍ତ ଗଛଗୁଡିକ ହଠାଇବାକୁ ସାଧାରଣରେ ଦାବି ହେଉଛି।



ଘର ଉପରେ ପଡ଼ିଥିବା ଗଛ।

# ଶିଶୁ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ

**କଣିହାଁ,୨୮।୩(ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମଖ୍ୟବକ୍ତା ଭାବେ ପଣ୍ଡିତ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏମ୍‌ସିଏଲ୍ କଣିହାଁ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ନରେଶ ସିଂ, ବିଦ୍ୟାଳୟ ପୂର୍ବତନ ସଭାପତି ଶତ୍ରୁଘ୍ନ ପ୍ରଧାନ, ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥଲେ। ଭାଷଣ ପ୍ରସଙ୍ଗରେ ମୁଖ୍ୟ ଅତିଥି ଖୁଣ୍ଟିଆ ଜଙ୍ଗଲ ବଞ୍ଚିଲେ ଜୀବନ ବଞ୍ଚିବ ବୋଲି କହିଥିଲେ। ମୁଖ୍ୟବକ୍ତା ସାହୁ ସମାଜରେ ଜଣେ ଭଲ ମଣିଷ ଭାବେ ପିଲାଙ୍କୁ ଗଢି ତୋଳିବାକୁ ଯତ୍ନବାନ ହେବାକୁ କହିଥିଲେ। ସମ୍ମାନିତ ଅତିଥି ବିଧାୟକ ମହାନ୍ତି ଛାତ୍ରଛାତ୍ରୀମାନେ ସତ୍ୟ ନିଷ୍ଠ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏମ୍‌ସିଏଲ୍ ସହାୟତାରେ ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ନୂତନ ଶ୍ରେଣୀଗୃହର ଶୁଭ ଉଦ୍‌ଘାଟନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ, ସମ୍ପାଦକ ନିରଞ୍ଜନ ପ୍ରଧାନ, ଉପସଭାପତି ସୁପ୍ରଭା ନଳିନୀ ମିଶ୍ର , ସମସ୍ତ ଗୁରୁମା, ଗୁରୁଜୀ, କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକଙ୍କୁ ୯ କୋଟି ଟଙ୍କାର ସହାୟତା ପ୍ରଦାନ



ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ସହାୟତା ଅର୍ଥ ଚେକ୍ ପ୍ରଦାନ କରୁଛନ୍ତି।

**କଣିହାଁ,୨୮।୩(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା ଶ୍ରମ ବିଭାଗ ପକ୍ଷରୁ ରେଙ୍ଗାଳି ପ୍ରୋଜେକ୍ଟ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ ରାଜ୍ୟ ସରକାର ଶ୍ରମିକମାନଙ୍କ ଉନ୍ନତି ପାଇଁ ଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଏହାର ସୁଫଳ କିପରି ଶ୍ରମିକମାନେ ନେଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶ୍ରମିକଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସହାୟତା ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ଉପଜିଲାପାଳ ଗୌରବମୟ ପ୍ରଧାନ, ଜିଲା ଶ୍ରମ କମିଶନର କୁବେର ବେହେରା, ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ୧୫୦୯ ଜଣଙ୍କୁ ୯ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଶ୍ରମିକମାନଙ୍କୁ ପଞ୍ଜୀକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥଲେ। କରୁଣାକର ବାଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦୁର୍ଘଟଣାରେ ଟ୍ରେଲର ଚାଳକଙ୍କ ମୃତ୍ୟୁ



**ସନ୍ତ୍ରୀଛକ,୨୮।୩(ସନ୍ତୋଷ ପରିଡ଼ା)**

କଟକ –ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ବଁଅରପାଳ ଥାନା ନୂଆହତା ହାଇସ୍କୁଲ ପଛ ବାଇପାସ୍ ରାସ୍ତାରେ ଶନିବାର ପାରାଦୀପରୁ ଅନୁଗୋଳ ଆସୁଥିବା ଏକ ଟ୍ରେଲର ଏକ ଅଜଣା ଗାଡ଼ିକୁ ଧକ୍କାଦେବା ଫଳରେ ଟ୍ରେଲର ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ, ଉକ୍ତ ରାସ୍ତାଦେଇ ଯାଉଥିବାବେଳେ ନବ ନିର୍ମିତ ହମ୍ପସରେ ଏକ ଅଜଣା ଗାଡ଼ି ହଠାତ୍ ବ୍ରେକ୍ ଦେବାରୁ ଟ୍ରେଲର ଡ୍ରାଇଭର ଧକ୍କା ଦେଇଥିଲେ। ଫଳରେ ଚାଳକ ଗାଡ଼ି ଭିତରେ ଚାପିହୋଇ ଯାଇଥିଲେ। ସ୍ଥାନୀୟଲୋକେ ବୁଢ଼ାପଙ୍କ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲର ଡ୍ରାଇଭରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭର ଝାଡ଼ଖଣ୍ଡର ସଫିରାଜ ଖାନ(୩୨)ଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ବଁଅରପାଳ ଥାନା ଅଧିକାରୀ କେସ୍ ନମ୍ବର ୧୮/୨୬ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରାଇ ଅଧିକ ତଦନ୍ତ ଚଳାଇଛନ୍ତି।

# ବ୍ରାଉନସୁଗାର ଜବତ, ଜଣେ ଗିରଫ



**ଅନୁଗୋଳ,୨୮।୩ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହରରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଶନିବାର ପୂର୍ବାହ୍ନରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ପୌରପାଳିକା କଲୋନୀ ପାର୍ଶ୍ୱ ବିଜୁ ଉଦ୍ୟାନରେ ଚଢ଼ଉ କରି ୫୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହିତ ଜଣେ ଅଭିଯୁକ୍ତ ହେମସୁରପଡ଼ାର ଚନ୍ଦ୍ରକାନ୍ତ ସେଠୀ(୨୬)ଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ମୁତାବକ, ଚନ୍ଦ୍ରକାନ୍ତ ଦୀର୍ଘଦିନ ହେଲା ବ୍ରାଉନସୁଗାର କାରବାର କରିଆସୁଥିଲେ। ବାହାରୁ ବ୍ରାଉନସୁଗାର ଆଣି ଏଠାରେ ଛୋଟ ଛୋଟ ପୁଡ଼ିଆ କରି ବିକ୍ରି କରୁଥିଲେ। ଶନିବାର ସକାଳେ ସେ ବିଜୁ ଉଦ୍ୟାନରେ ଗ୍ରାହକ ଅପେକ୍ଷାରେ ଥିବାବେଳେ ଖବରପାଇ ମୋବାଇଲ ସ୍କ୍ୱାଡ୍ ଚଢ଼ଉ କରିଥିଲା। ଅବକାରୀ ଇନ୍ସପେକ୍ଟର ମାନସୀ ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଯୋଗେଶ୍ୱର ଜେନା, କନେଷ୍ଟବଲ ସୁରେଶ କୁମାର ପାଲ, ସୁକୁଲ ହେମ୍ବ୍ରମ, ମମତା ପଲେଇ, ଧନଞ୍ଜୟ ସାହୁ, ପ୍ରଭାତ କୁମାର ପରିଡା, ନିତିନ ନିହାର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

# ଗାଡ଼ି ଧକ୍କାରେ ଯୁବକ ମୃତ



**ଛେଣ୍ଡିପଦା,୨୮।୩(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଚାରିଛକ ନିକଟରେ ଶନିବାର ଏକ ଗାଡ଼ି ଧକ୍କାରେ ଧଉରା ଖମଣ ଗ୍ରାମର ପପୁନ ପ୍ରଧାନଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ, ପପୁନ ଛେଣ୍ଡିପଦାରୁ କାମ ସାରି ନିଜ ବାଇକ୍‌ରେ ଫେରୁଥିବାବେଳେ ହାଣ୍ଡିଗୋଡ଼ା ଚାରିଛକ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ ପପୁନ ରାସ୍ତାପାର୍ଶ୍ୱରେ ଥିବା ଏକ ସୁରକ୍ଷା ବାଡ଼ରେ ବାଡ଼େଇ ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଡିଭାଇଡର୍‌ରେ ପିଟିହୋଇ ଜଳିଗଲା କାର୍

**ସନ୍ତ୍ରୀଛକ,୨୮।୩(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ୫୫ନମ୍ବର ଜାତୀୟ ରାଜପଥ ନୂଆହତା ହାଇସ୍କୁଲ ପଛପାଖ ବାଇପାସ ରାସ୍ତାରେ ଅନୁଗୋଳରୁ ଭୁବନେଶ୍ୱର ଯାଉଥିବା ଏକ କାର୍ ଶନିବାର ଭୋର୍ ୩ ଟାରେ ଜଳିଯାଇଛି। ସୂଚନା ଅନୁଯାୟୀ, ଅଜିତ୍ କୁମାର ନାଏକ ନିଜ କାର୍ ନମ୍ବର (ଓଡି–୩୩–ଏଆର୍ ୪୪୪୧)ରେ ଭୁବନେଶ୍ୱର ଯାଉଥିବାବେଳେ ହାଇସ୍କୁଲ ପଛ ବାଇପାସ୍ ନିକଟରେ ଏକ ଷଣ୍ଢକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡରରେ କାର୍‌ଟିକୁ ବାଡେଇ ଦେଇଥିଲେ। ତତ୍‌କ୍ଷଣାତ କାର୍‌ର ବମ୍ପର ଭାଙ୍ଗିଯାଇ ନିଆଁ ଲାଗିଯାଇଥିଲା। କାର୍ ଚାଳକ ବାହାରକୁ ବାହାରି ଅଗ୍ନି ନିର୍ବାପନ ଯନ୍ତ୍ର ସହାୟତାରେ ନିଆଁକୁ ଲିଭାଇଥିଲେ। ପାଖରେ ଥିବା ଜଣେ ବନ୍ଧୁଙ୍କୁ ଫୋନ କରି ବଁଅରପାଳ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିଲେ। ବଁଅରପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଥାନାକୁ ଆଣି ଅଧିକ ତଦନ୍ତ ଚଳାଇଛି।



# କୋଇଲା ପରିବହନକୁ ନେଇ କୋଶଳାରେ ଉତ୍ତେଜନା

**ଛେଣ୍ଡିପଦା,୨୮।୩ (ଅଜିତ ଧଳ)**

**■ଆନ୍ଦୋଳନରେ ସାମିଲ ହେଲେ ୨୦ରୁ ଅଧିକ ଗାଁର ଲୋକ**

**■ଥାନାରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସଜାଗ**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗ୍ରାମ ମଧ୍ୟ ଦେଇ ଅନୁଗୋଳ–ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ କୋଇଲା ପରିବହନକୁ ବିରୋଧ କରି କୋଶଳା ଗ୍ରାମବାସୀ ୨୨ଦିନ ହେବ ଧାରଣା ଦେଇଥିବାବେଳେ ଶନିବାର ଉତ୍ତେଜନା ସୃଷ୍ଟି ହୋଇଛି। ଅନୁଗୋଳ ଗୋଇନ୍ଦା ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଠାଯାଇଥିବା ଏକ ଚିଠିକୁ ନେଇ ଆନ୍ଦୋଳନ ତୀବ୍ରତର ହୋଇଛି। ଏହି ଆନ୍ଦୋଳନରେ ୨୦ରୁ ଅଧିକ ଗ୍ରାମର ପ୍ରାୟ ୭ ହଜାର ଲୋକ ସାମିଲ ହୋଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଛେଣ୍ଡିପଦା ଥାନାରେ ୨ ଜଣ ମାଜିଷ୍ଟ୍ରେଟଙ୍କ ସହିତ ପ୍ରାୟ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଅଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ସଦର ମହକୁମାରେ ସିଙ୍ଗରେନି କମ୍ପାନୀ ପକ୍ଷରୁ ନୟନୀ କୋଇଲା ଖଣି ପ୍ରତିଷ୍ଠା କରାଯାଇଛି। ଉକ୍ତ ଖଣିରୁ ମାର୍ଚ୍ଚ ୫ ତାରିଖରେ ଟ୍ରକ୍ ଯୋଗେ କୋଇଲା କୋଶଳା ଗାଁ ଦେଇ ୬୩ନଂ. ରାଜପଥରେ ପରିବହନ ଆରମ୍ଭ କରାଯାଇଥିଲା। ହେଲେ ଏହାକୁ କୋଶଳା ଗ୍ରାମବାସୀ ବିରୋଧ କରି ୨୨ଦିନ ହେବ ରାଜପଥରେ ଧାରଣା ଦେଉଛନ୍ତି। ଗତ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ କରାଯାଇଥିଲା। ବାଇପାସ ରାସ୍ତା ପାଇଁ ପ୍ଲାନ ପ୍ରସ୍ତୁତ ସରିଛି। ତେଣୁ ଗାଁ ଲୋକଙ୍କ ସୁରକ୍ଷା ଓ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସିଲ୍ କଣ୍ଟେନରରେ ରାତ୍ରିରେ କୋଇଲା ପରିବହନ କରାଯିବ ବୋଲି ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ପ୍ରସ୍ତାବ ଦେଇଥିଲେ। କିନ୍ତୁ ଗ୍ରାମବାସୀ କୌଣସି ପତିକ୍ରିୟା ଜଣାଇ ନ ଥିଲେ। ତେବେ ଶୁକ୍ରବାର ଅନୁଗୋଳ ଗୋଇନ୍ଦା ବିଭାଗ ପକ୍ଷରୁ ଚିଠି ନଂ. ୧୮୧୩ରେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଚିଠି କରାଯାଇଥିଲା। ୨୮ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଧାରଣାସ୍ଥଳରେ ପରିସ୍ଥିତିର ମୁକାବିଲା ପାଇଁ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ସହିତ ଆମ୍ବୁଲାନ୍ସ, ଡାକ୍ତର ଓ ସହାୟକ କର୍ମଚାରୀ ନିୟୋଜିତ କରିବାକୁ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କିତ ଚିଠିର ନକଲ ସୋସିଆଲ ମିଡିଆରୁ ପାଇବା ପରେ ଆନ୍ଦୋଳନକାରୀଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିଲା। ଏହି ସମୟରେ ଏକ ପ୍ରଚାର ଗାଡିକୁ ପୋଲିସ ଜବରଦସ୍ତ ନେଇଯାଉଥିବାବେଳେ ଗ୍ରାମବାସୀ ଅଟକାଇବାରୁ ଉତ୍ତେଜନା ବଢ଼ିଯାଇଥିଲା। ଛେଣ୍ଡିପଦା ଥାନା ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ ପ୍ରକାଶ କରିଛନ୍ତି। ଏ ନେଇ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି, କୋଇଲା ପରିବହନ ଆନ୍ଦୋଳନକୁ ନେଇ ପୋଲିସ ଫୋର୍ସ ଆସିଛନ୍ତି । ଗ୍ରାମବାସୀଙ୍କ ସହିତ ପ୍ରଥମେ ଆଲୋଚନା କରାଯିବ। ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ଗୋଇନ୍ଦା ବିଭାଗ ପକ୍ଷରୁ ଚିଠି ଆସିଛି।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବନ୍ତଲା,୨୮।୩ (ସୁଶିତ ସାହୁ)

ଅନୁଗୋଳ ଜିଲା ପୁରୁଣାଗଡ଼ ଶ୍ରୀଜଗନ୍ନାଥ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାରେ ଅନୁଷ୍ଠାନ ମୁଖ୍ୟ ପ୍ରଭାତ କୁମାର ମିଶ୍ର ଅଧକ୍ଷତା କରିଥିଲେ। ଆଚାର୍ଯ୍ୟ ଦୀପକ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବଡ଼କେରା ସରପଞ୍ଚ ହାଡିବନ୍ଧୁ ବେହେରା, ଜିଲା ପରିଷଦ ସଭ୍ୟା କାଜଲ ପଟ୍ଟନାୟକ, ସାତକୋଶିଆ ମଣ୍ଡଳ ସଭାପତି ରାଧାକାନ୍ତ ପଲେଇ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କୁମୁଦ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ବେହେରା, ସାମାଜିକ କର୍ମୀ ସୁଶାନ୍ତ ପାଳଶର୍ମା, ବିଦ୍ୟାଧର ଟିକିରା, ଯଶୋବନ୍ତ ବେହେରା, ସୁନୀଲ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ସହଯୋଗ କରିଥିଲେ।

## ଖାଲିପଡ଼ିଛି ଡାକ୍ତର ପଦବୀ, ସେବା ବିପର୍ଯ୍ୟସ୍ତ

### ଅଙ୍ଗପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର




ବଇଣ୍ଡା,୨୮।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଅଙ୍ଗପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହେଉନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନ, ସମ୍ବଲପୁର ଏମ୍ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି।

ଅଙ୍ଗପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଙ୍ଗପଡ଼ା, ଧଡ଼ରପାଳ, ଝରାବେରେଣୀ, ସଞ୍ଜାମୁରା, ନାକିଚି, ଠେଲକନାଳି, ଉରୁକୁଳା, ହିମିତିରା ଆଦି ୮ଟି ପଞ୍ଚାୟତର ୩୫ ହଜାର ଲୋକ ଚିକିତ୍ସା ପାଇଁ ନିର୍ଭରଶୀଳ। ଏଠାରେ ଜଣେ ଆୟୁଷ ଡାକ୍ତର ନିଯୁକ୍ତ ହୋଇଥିବାବେଳେ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲିପଡ଼ିଛି। ଫଳରେ ଏହି ମେଡିକାଲକୁ ଆସୁଥିବା ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସେବା ମିଳିପାରୁ ନ ଥିବା କ୍ଷେତି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାନ୍ୟ ଜ୍ୱର ରୋଗୀ ମଧ୍ୟ ୧୦ କି.ମି. ଦୂର କିଶୋରନଗର ନଚେତ ୭୦ କି.ମି. ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଛନ୍ତି। ଆବଶ୍ୟକ ଷ୍ଟାଫ୍‌ନର୍ସ ନ ଥିବା ଯୋଗୁ ଆସୁଥିବା ଗର୍ଭବତୀମାନେ ପ୍ରସବ ସମୟରେ ବହୁ ହଇରାଣ ହେଉଛନ୍ତି। ଅନେକ ଗର୍ଭବତୀ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଧ ହୋଇ ପଳାଇଯାଉଥିବାବେଳେ ଅନ୍ୟମାନେ ଘରୋଇ କ୍ଲିନିକଗୁଡ଼ିକୁ ଯାଇ ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ସେହିପରି ଏହି ମେଡିକାଲରେ ଆବଶ୍ୟକ ସୁଇପର ନିଯୁକ୍ତି କରାଯାଉ ନ ଥିବା ଯୋଗୁ ମେଡିକାଲ ପରିସର ପରିଷ୍କାର ରହୁନାହିଁ। ସରକାରଙ୍କ ପକ୍ଷରୁ ଆସୁଥିବା ମାଗଣା ଔଷଧ ଠିକ୍ ଭାବରେ ମିଳୁ ନ ଥିବା କେନ୍ଦୁନାଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ୧୦ ଡିସେମ୍ବର ୨୦୧୯, ୫ ମାର୍ଚ୍ଚ ୨୦୨୦, ୨୯ ମେ ୨୦୨୧, ୨୦ ଜାନୁଆରୀ ୨୦୨୩, ୨୦ ମେ ୨୦୨୪ରେ ଧଡ଼ରପାଳ ପଞ୍ଚାୟତବାସୀ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ମେଡିକାଲ ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଅଙ୍ଗପଡ଼ା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ କହିଛନ୍ତି, ସରକାରଙ୍କ ପକ୍ଷରୁ ଡାକ୍ତର ନିଯୁକ୍ତି କରାଗଲେ ଅଙ୍ଗପଡ଼ାରେ ନିଯୁକ୍ତି ଦିଆଯିବ। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି।

## କିଶୋରନଗର ଥାନାରେ ନୂଆ ଆଇଆଇସି

ବଇଣ୍ଡା,୨୮।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନାରେ ନୂତନ ଆଇଆଇସି ଭାବରେ ହରେକୃଷ୍ଣ ପ୍ରଧାନ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କୋଲିୟରୀ ଥାନାରେ କାର୍ଯ୍ୟରତ ଥିବାବେଳେ ତାଙ୍କୁ କିଶୋରନଗର ଥାନାକୁ ବଦଳି



କରାଯାଇଥିଲା। କିଶୋରନଗର ଅଞ୍ଚଳରେ କିପରି ଲୋକଙ୍କୁ ଆବଶ୍ୟକ ନ୍ୟାୟ ମିଳିବ ଓ ଅପରାଧ ରୋକାଯିବ ତାହା ଉପରେ ଅଧିକ ଦୃଷ୍ଟି ଦିଆଯିବ ବୋଲି ନୂଆ ଆଇଆଇସି କହିଛନ୍ତି। ଏଠାରେ ଥିବା ଆଇଆଇସି ବିଭୂତି ପ୍ରଧାନଙ୍କୁ ବନ୍ତଲା ଥାନାକୁ ବଦଳି କରାଯାଇଛି।

## ଅଞ୍ଜନ ସଭାପତି, ସବ୍ୟସାଚୀ ସମ୍ପାଦକ



ନବନିର୍ବାଚିତ ଆଠମଲ୍ଲିକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତା।

ବଇଣ୍ଡା, ୨୮।୩ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଡଭୋକେଟ ପ୍ରାଣବନ୍ଧୁ ମେଣ୍ଟୁଲିଙ୍କ ପୌରୋହିତ୍ୟରେ ଏକ ବୈଠକ କରାଯାଇ ନୂତନ ପଦାଧିକାରୀଙ୍କୁ ମନୋନୀତ କରାଯାଇଥିଲା। ଅଞ୍ଜନ କୁମାର ପ୍ରଧାନ ସଭାପତି, ଘନଶ୍ୟାମ ବେହେରା ଉପସଭାପତି (ସଙ୍ଗଠନ), ଉପସଭାପତି (ଜନସମ୍ପର୍କ) ପ୍ରବଞ୍ଜନା ମିଶ୍ର, ସମ୍ପାଦକ ସବ୍ୟସାଚୀ ସିଂହସାମନ୍ତ, ସହସମ୍ପାଦକ ବିଧୁ ଭୂଷଣ ବଡମାଲି, କୋଷାଧ୍ୟକ୍ଷ ସୁଜିତ କୁମାର ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ବନ୍ଦିତା ମିଶ୍ର, ଲାଇବ୍ରେରି ଇନ୍‌ଚାର୍ଜ ସୋନମ ଟିବ୍ରୁୱାଲା, ସଚ୍ଚିଦାନନ୍ଦ ପାଣିଗ୍ରାହୀ ଓ ସୁରେନ୍ଦ୍ର କୁମାର ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିବା ବେଳେ ଡ. ବସନ୍ତ କୁମାର, ସୁଧାଂଶୁ ଶେଖର ବେହେରା ଏବଂ ମୌସୁମୀ ଗୁରୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

## କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କୁ ୧୪ ଦଫା ଦାବିପତ୍ର

ତାଳଚେର,୨୮।୩ (ମନୋଜ ନନ୍ଦ)

ତାଳଚେର ଗସ୍ତରେ ଆସିଥିବା କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ବି. ସାଇରାମଙ୍କୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସାକ୍ଷାତ କରି ଏକ ୧୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ତାଳଚେର ନିର୍ବାଚନମଣ୍ଡଳୀର ଜମିହରା ପ୍ରଜା ଏବଂ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ କୋଲ ଇଣ୍ଡିଆ ଅଧ୍ୟକ୍ଷଙ୍କୁ ଅବଗତ କରାଇବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ପବିତ୍ର ମୋହନ ପ୍ରଧାନ ସରକାରୀ ଡାକ୍ତରଖାନାକୁ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଅଧୀନରେ ଏକ ଶିକ୍ଷାଦାନ କରୁଥିବା ଡାକ୍ତରଖାନା ଭାବରେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀ ଭିତ୍ତିଭୂମି, ଯନ୍ତ୍ରପାତି ଏବଂ ବିଶେଷଜ୍ଞ ଡାକ୍ତରଙ୍କ ବ୍ୟବସ୍ଥା କରିବା, ଓଡ଼ିଶା ଆର୍ ଆଣ୍ଡ ଆର୍ ନୀତି ୨୦୦୬ ଅନୁଯାୟୀ ପିଡିଏଫ୍ ତାଲିକା ଅପଡେଟ କରି ସମସ୍ତ ପ୍ରମୁଖ ଜମି ହରାଇଥିବା ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ସ୍ଥାନାନ୍ତର ସମୟରେ ନିଯୁକ୍ତି ଏବଂ ପୁନର୍ବାସ ସୁବିଧା ପ୍ରଦାନ କରିବା। ୨୦୨୧ ମସିହାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହେଁସମୂଳ (ତଳସାହି), କଳମଛୁଇଁ, ମଝିକା, ଗୋପାଳପ୍ରସାଦ, ଜରଡ଼ା ଆଦି ଗ୍ରାମ ପାଇଁ 'ନିଯୁକ୍ତି ପ୍ରଦାନ ପାଇଁ ଏକାକାଳୀନ ସମାଧାନ" ନିଷ୍ପତ୍ତି ଅନୁଯାୟୀ ସମସ୍ୟାର ସମାଧାନ କରାଯିବା, ତାଳଚେରକୁ ଏକ 'ସ୍ମାର୍ଟ ସିଟି' ଭାବରେ ବିକଶିତ କରିବା, ପରିତ୍ୟକ୍ତ ଭୂତଳ ଖଣିଗୁଡ଼ିକରେ ତୁରନ୍ତ ବାଲି ଭର୍ତ୍ତି କରିବା ଏବଂ ଓପନକାଷ୍ଟ ଖଣିଗୁଡ଼ିକରେ ଭଲ ମାଟି ଭର୍ତ୍ତି କରିବା, ୫୦% କୋଇଲା ସଡ଼କ ପଥରେ ପରିବହନ କରିବା, ନୂତନ ଡିଗ୍ରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଏବଂ ତାଳଚେର କଲେଜକୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଉନ୍ନୀତ କରିବା, ଗୁରୁଜାଙ୍ଗଠାରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବା, ମା' ହିଙ୍ଗୁଳା ମନ୍ଦିରର ସାମଗ୍ରିକ ବିକାଶ, କୋଇଲା ବୋଝେଇ ରେଳ ୱାଗନରେ ଟାରପୋଲିନ ଦ୍ୱାରା ଘୋଡ଼ାଯିବା ବାଧ୍ୟତାମୂଳକ କରିବା ଆଦି ଦାବି ରହିଛି।

## ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ



ମହିଳାମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ବନ୍ତଲା,୨୮।୩ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବନ୍ତଲା ପଞ୍ଚାୟତ ଜରାଓରପୁର ଗାଁ ଡିପସାହି ଠାରେ ଅବସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଯୋଗଦେଇ ନିକଟସ୍ଥ ଟାକୁଆ ନାଳରୁ ଜଳ ଉଠାଇ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ମା'ଙ୍କ ପୀଠ ନିକଟ ଯଜ୍ଞ ମଣ୍ଡପଠାରେ ପହଞ୍ଚିଥିଲେ। ପରେ ସୂର୍ଯ୍ୟ ପୂଜା, ଗୋପୂଜା ସହ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ମଧ୍ୟାହ୍ନରେ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସଭାପତି ଛବୀନ୍ଦ୍ର ସାହୁ, କେଦାର ସାହୁ, ବିକାଶ ସାହୁ, ଲକି କର, ଉଗ୍ରେସନ ମହାପାତ୍ର, ରଘୁନାଥ ସାହୁ, ଭାଗୀରଥି ସାହୁ, ଛକୋଡ଼ି ସାହୁ, ସନ୍ତୋଷ ସାହୁ, ଉପେନ୍ଦ୍ର ସାହୁ, ରତ୍ନାକର ସାହୁ, ସର୍ବେଶ୍ୱର ସାହୁଙ୍କ ସମେତ ଗ୍ରାମ୍ୟ କମିଟି ସଦସ୍ୟ ଓ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରି ଶାନ୍ତି ଶୃଙ୍ଖଳା ସହିତ କାର୍ଯ୍ୟ ପରିଚାଳନା କରିଥିଲେ।

## ସୁଶାନ୍ତ ସଭାପତି, ଜିତେନ୍ଦ୍ର ସମ୍ପାଦକ



ଆଠମଲ୍ଲିକ ଓକିଲ ସଂଘର ନୂଆ କର୍ମକର୍ତ୍ତାମାନେ।

ଆଠମଲ୍ଲିକ,୨୮।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନର ଫଳାଫଳ ଘୋଷଣା ହୋଇଛି। ନିର୍ବାଚନ ଅଧିକାରୀ ବାମନ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ ସଭାପତି ଭାବେ ସୁଶାନ୍ତ କୁମାର ମହାପାତ୍ର, ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖୀ, ସହସମ୍ପାଦକ ନିବେଦିତା ପ୍ରଧାନ, କୋଷାଧ୍ୟକ୍ଷ ସୁନୀଲ କୁମାର ଶାସିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତା ଘୋଷଣା ହେଲା ପରେ ଆଇନଜୀବୀ ତଥା ସଭ୍ୟମାନେ ସ୍ୱାଗତ ସହ ଶୁଭେଚ୍ଛା ଜଣାଇଥିଲେ।

## ତାଳଚେର ଓକିଲ ସଂଘର ନୂଆ କର୍ମକର୍ତ୍ତା



ନବ ନିର୍ବାଚିତ କର୍ମକର୍ତ୍ତାମାନେ।

ତାଳଚେର, ୨୮।୩ (ମନୋଜ ନନ୍ଦ)

ତାଳଚେର ଓକିଲ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ ଚିତ୍ତରଞ୍ଜନ ରାଉତ, ଉପସଭାପତି ରବୀନ୍ଦ୍ର ସାମନ୍ତ, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ସିଂ, ସହସମ୍ପାଦକ ବିଭୀଷଣ ନାଏକ, କୋଷାଧ୍ୟକ୍ଷ ମାନସ ରାୟ, ସାଂସ୍କୃତିକ ସମ୍ପାଦକ ଜ୍ଞାନେଶ୍ୱର ସାହୁ, ଅଡିଟର ରାଜେନ୍ଦ୍ର ସିଂ, ସେମିନାର ସମ୍ପାଦକ ଭାବେ କରୁଣାକର ନାୟକ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର, ରଶ୍ମିରଞ୍ଜନ ମିଶ୍ର, ସ୍ୱରୂପ ନାୟକ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ୨୬୨ ଜଣ ସଦସ୍ୟ ଭୋଟରେ ଅଂଶଗ୍ରହଣ କରିଥିଲେ।

## ୩୧ରେ ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ

ତାଳଚେର, ୨୮।୩ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଆରାଧ୍ୟା ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଆସନ୍ତା ୩୧ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ବିଧି ଅନୁସାରେ ଚଳିତଥର ମା'ଙ୍କ ପାଟବରୀ ଉତ୍ସବ ବା ନବକଳେବର ଅନୁଷ୍ଠିତ ହେବ। ପୂର୍ବ ରାଜା ସ୍ୱର୍ଗତ ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ଗତବର୍ଷ ଦେହାନ୍ତ ହୋଇଥିବାରୁ ଏବଂ ତାଙ୍କ ପରେ ବଡ଼ପୁଅ ରାଜକୁମାର ବିଜେୟେନ୍ଦ୍ର ଚନ୍ଦ୍ର ଦେବ ୨୬ତମ ରାଜା ଭାବେ ଅଧିଷ୍ଠିତ ହୋଇଥିବାରୁ ପରମ୍ପରା ଅନୁଯାୟୀ ମା'ଙ୍କ

### ପ୍ରତିଘରେ ପ୍ରଦୀପ ପ୍ରଜ୍ୱଳନ, ଶାକାହାରୀ ଭୋଜନ ପାଇଁ ରାଜାଙ୍କ ନିବେଦନ

ନବକଳେବର କରାଯିବ ବୋଲି ନୂତନ ରାଜା ବିଜେୟେନ୍ଦ୍ର ଚନ୍ଦ୍ର ଦେବ ସୂଚନା ଦେଇଛନ୍ତି। ତେଣୁ ଆଗାମୀ ୩୧ ତାରିଖ ମଙ୍ଗଳବାର ଦିନ ସମସ୍ତ ଶ୍ରଦ୍ଧାଳୁ ସମ୍ପୂର୍ଣ୍ଣ ଶାକାହାରୀ ଓ ଅରୁଆ ଭୋଜନ କରିବା ସହିତ ମା'ଙ୍କ ନାମରେ ପ୍ରତି ଘରେ ପ୍ରଦୀପ ପ୍ରଜ୍ୱଳନ କରିବାକୁ ରାଜା ନିବେଦନ କରିଛନ୍ତି।

## ପ୍ରସ୍ତୁତିର ସମୀକ୍ଷା କଲେ ଏସ୍‌ପି

ତାଳଚେର,୨୮।୩ (ମନୋଜ ନନ୍ଦ)

ଆସନ୍ତା ୩୧ ମାର୍ଚ୍ଚରୁ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ଲୋକ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ, ପୋଲିସ, ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାତ୍ରା ଠିକ୍‌ଭାବେ ପରିଚାଳନା, ଦର୍ଶନ ବ୍ୟବସ୍ଥା, ଭିଡ଼ ଏବଂ ଟ୍ରାଫିକ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଶୁକ୍ରବାର ଅନୁଗୋଳ ଏସ୍‌ପି ରାହୁଲ ଜୈନ ହିଙ୍ଗୁଳା ପୀଠରେ ପହଞ୍ଚି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରରେ ପୋଲିସ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ସହ ମା'ଙ୍କ ଯାତ୍ରା ପାଳନ ପାଇଁ ଜନସାଧାରଣ ସହଯୋଗ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଘଣ୍ଟପଡ଼ାବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ



ଘଣ୍ଟପଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର, ୨୮।୩ (ମନୋଜ ନନ୍ଦ)

କୋଲ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଶୁକ୍ରବାର ତାଳଚେର ଗସ୍ତରେ ଆସିଥିବା ବେଳେ ଘଣ୍ଟପଡ଼ାବାସୀ ତାଙ୍କୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଭେଟି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତର ୫୦୦ ଏକରରୁ ଅଧିକ ଜମି ଏମ୍‌ସିଏଲ୍‌କୁ ହସ୍ତାନ୍ତର ହୋଇଥିବାବେଳେ ସେହି ଅନୁସାରେ ଏଠାରେ ଉନ୍ନତିମୂଳକ କାର୍ଯ୍ୟ ହୋଇ ନ ଥିବାରୁ ଜନଅସନ୍ତୋଷ ପରିଲକ୍ଷିତ ହୋଇଛି। ଏଣୁ ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ସ୍ଥାନୀୟ ବାସିନ୍ଦା ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ନିରାକରଣ ପାଇଁ ବିଶେଷ ଧ୍ୟାନ ଦେବାକୁ ସରପଞ୍ଚ ସସ୍ମିତା ବିଶ୍ୱାଳଙ୍କ ପକ୍ଷରୁ ଦାବି କରାଯାଇଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଏବଂ ଜଗନ୍ନାଥ ମହାପ୍ରବନ୍ଧକ ଏ. କେ. ଧଳଙ୍କ ଉପସ୍ଥିତିରେ ଘଣ୍ଟପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ଶିବାନନ୍ଦ ଥମ୍ବ, ବିକାଶ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ନଗେନ ସଭାପତି, ପ୍ରଦୀପ କୁମାର ସମ୍ପାଦକ

ଛେଣ୍ଡିପଦା,୨୮।୩ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ସହ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଚିତ୍ତରଞ୍ଜନ ସାହୁ ଓ ବରୁଣ କୁମାର ବେହେରା ନିର୍ବାଚନ ପରିଚାଳନା କରୁଥିଲେ। ସଭାପତି ଭାବେ ନଗେନ ନନ୍ଦ, ଉପସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଭାବେ ପ୍ରଦୀପ କୁମାର ଗଡ଼ନାୟକ, ସହସମ୍ପାଦକ ଭାବେ ଶିଶିର କୁମାର ବେହେରା ଓ କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ବେହେରା ନିର୍ବାଚିତ ହୋଇଛନ୍ତି। ସଂଘର ୫୦ଜଣ ପ୍ରାର୍ଥୀ ମତଦାନ କରିଥିଲେ ବୋଲି ନିର୍ବାଚନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



ଛେଣ୍ଡିପଦା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

## ଉଚ୍ଚ କ୍ଷମତାସମ୍ପନ୍ନ ଟାୱାର ନିର୍ମାଣକୁ ବିରୋଧ



ଅନୁଗୋଳ,୨୮।୩(ଦିବ୍ୟଶାନ୍ତନୁ ନାଥ)

ବଁଣ୍ଟପାଳ ତହସିଲ ଫୁଲପଡାସ୍ଥିତ ପାୱାରଗ୍ରୀଡ଼ ଠାରୁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାର ଗୋପାଳପୁର ଅଭିମୁଖେ ନିର୍ମାଣ ଆରମ୍ଭ ହୋଇଛି। କିଛିଦିନ ପୂର୍ବରୁ ମହୀଧରପୁର ଗାଁ ମଧ୍ୟରେ ଥିବା ଜମିରେ କେତେଜଣ ଅଜଣା ବ୍ୟକ୍ତି ପଶି ଗଛଗୁଡ଼ିକୁ ମାର୍କିଂ କରୁଥିଲେ। ଲୋକଙ୍କ ବିରୋଧ ପରେ ଏହି ଲୋକମାନେ ଚାଲି ଯାଇଥିଲେ। ଶନିବାର ମହୀଧରପୁର ପଞ୍ଚାୟତ ସେରଣାବେଡ଼ା ଗାଁ ମୁଣ୍ଡରେ ଗାତ ଖୋଳି ଏହି ଟାୱାର ନିର୍ମାଣ କରାଯାଉଥିବା ଲୋକେ ଖବର ପାଇଥିଲେ। ଗାଁର ଶତାଧିକ ଲୋକ ଉକ୍ତ ସ୍ଥାନକୁ ଯାଇ ବିରୋଧ କରିବା ସହ ମହୀଧରପୁର ଗାଁ ଦେଇ କୌଣସି ଟାୱାର ଲାଇନ ଯିବାକୁ ଦିଆଯିବ ନାହିଁ ବୋଲି ଶୁଣାଇଥିଲେ। ବିନା ଅନୁମତିରେ କିପରି ଉକ୍ତ କମ୍ପାନୀ କର୍ମଚାରୀମାନେ ଗ୍ରାମବାସୀଙ୍କ ଜମିରେ ଜୋରଜବରଦସ୍ତ ଗାତ ଖୋଳି ନିର୍ମାଣ କରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହି ବିରୋଧ ପରେ ନିର୍ମାଣ କରିବାକୁ ଆସିଥିବା କର୍ମଚାରୀମାନେ ଫେରି ଯାଇଥିଲେ। ତେବେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହ ବିନା ଆଲୋଚନାରେ କୌଣସି ନିର୍ମାଣ କାର୍ଯ୍ୟ ଉକ୍ତ କମ୍ପାନୀ ଆରମ୍ଭ କଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

### ଅନୁଗୋଳ ଓକିଲ ସଂଘ ନିର୍ବାଚନ

## ଦିଲୀପ ସଭାପତି, ନିରୋଦ ସମ୍ପାଦକ ନିର୍ବାଚିତ



ଅନୁଗୋଳ ଓକିଲ ସଂଘର ନୂଆ କର୍ମକର୍ତ୍ତାମାନେ।

ଅନୁଗୋଳ,୨୮।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲୀପ କୁମାର ସାହୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହିମାଂଶୁ ସାମଲଙ୍କୁ ୬୨ ଭୋଟରେ ପରାସ୍ତ କରି ସଭାପତି ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ନିରୋଦ କୁମାର ମିଶ୍ର ୩୩ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ପ୍ରଦୀପ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ ପ୍ରଭୁ ପ୍ରସାଦ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ସେଠୀ ବିଜୟୀ ହୋଇଛନ୍ତି। ସାଂସ୍କୃତିକ ସମ୍ପାଦକ ଭାବେ ଜ୍ୟୋତ୍ସ୍ନାମୟୀ ସାହୁ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ପାଇଁ ଗୋଟିଏ ଭୋଟ ନାକଚ ହୋଇଥିବାବେଳେ ଉପସଭାପତି ପାଇଁ ଗୋଟିଏ, ସହ ସମ୍ପାଦକ ପାଇଁ ମୋଟ ଗୋଟିଏ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି। ସାଂସ୍କୃତିକ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ଜଣେ ଲେଖା ଠିଆ ହୋଇଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମୋଟ ଭୋଟର ସଂଖ୍ୟା ୫୧୩ ଥିବାବେଳେ ଚଳିତ ବର୍ଷ ୪୯୪ ଭୋଟର ମତଦାନ ଦେଇଥିଲେ। ସକାଳ ୭ଟା ୩୦ରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୩ଟା ୩୦ରେ ଶେଷ ହୋଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ କୁମାର ପ୍ରଧାନ ଥିବାବେଳେ ଅଶୋକ ପଟ୍ଟନାୟକ, ଦିଲୀପ ପ୍ରଧାନ, ଶିବରାମ ଦେହୁରୀ, ହୃଦୟନାଥ ସାହୁ, ନିତ୍ୟାରଞ୍ଜନ ପଟ୍ଟନାୟକ, ସତ୍ୟବ୍ରତ ବିଶ୍ୱାଳ, ସତ୍ୟଜିତ ଗଡ଼ନାୟକ, ସୁମନ୍ତ ବିଶ୍ୱାଳ, ସିଦ୍ଧେଶ୍ୱରୀ ନନ୍ଦନ ମିଶ୍ର, ପ୍ରବୋଧ ମହାପାତ୍ର, ସୋମନ ପ୍ରଧାନ, ଅରୁଣ ନାୟକ ପରିଚାଳନା କରିଥିଲେ।

### ଚଳିତବର୍ଷ ୧୪୩ ଭୋଟର ବାଦ ଅଭିଯୋଗ

ଅନୁଗୋଳ ଓକିଲ ସଂଘ ନିର୍ବାଚନ ପୂର୍ବରୁ ୧୪୩ ଜଣଙ୍କ ନାମ କଟାଯାଇଥିବା କେତେଜଣ ଓକିଲଙ୍କ ପକ୍ଷରୁ ଅଭିଯୋଗ ଆସିଥିଲା। ପୂର୍ବବର୍ଷ ମୋଟ ଭୋଟର ସଂଖ୍ୟା ୬୨୮ ଥିବାବେଳେ ଚଳିତ ବର୍ଷ ୫୧୩କୁ ଖସି ଆସିଥିଲା। ଚଞ୍ଚକତା କରି ବିଭିନ୍ନ କାରଣ ଦର୍ଶାଇ ଭୋଟର ଲିଷ୍ଟରୁ ନାମ କଟାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ କେତେଜଣ ଓକିଲ। ନିର୍ବାଚନ ପୂର୍ବରୁ ୩ଜଣ ଭୋଟର ଭୋଟ ଦେଇପାରିବେ ବୋଲି ଉଚ୍ଚ ନ୍ୟାୟାଳୟରୁ ରାୟ ଦିଆଯାଇଥିଲା।

## ଓଡ଼ିଆ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ଆଠମଲ୍ଲିକ,୨୮।୩ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମହାବିଦ୍ୟାଳୟର ଯୁକ୍ତ ୩ ଓଡ଼ିଆ ବିଭାଗର ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ତ୍ରିଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଡ. ହୃଷୀକେଶ ମହାକୁଡ଼, ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ଅଧ୍ୟାପକ ଶ୍ରୀତମ ରଣା, ଅଧ୍ୟାପିକା ପ୍ରିୟଦର୍ଶିନୀ ଭୁକ୍ତା ପ୍ରମୁଖ ଯୋଗଦେଇ ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ ହୋଇଥିବାରୁ ଉତ୍ତମ ଚରିତ୍ର ଗଠନ କରି ଜନ୍ମମାଟି ପାଇଁ କିଛି କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ପ୍ରଥମ ବର୍ଷ ଓଡ଼ିଆ ବିଭାଗ ଛାତ୍ରୀ ଆଦ୍ୟାଶା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିବେଶ, ଅଭିବୃଦ୍ଧି ନେଇ ବଢ଼ିଲା ଅନିଶ୍ଚିତତା

■ଭାରତର ଅର୍ଥନୀତିକୁ 'ଶକ୍ତି ମୂଲ୍ୟ ବୃଦ୍ଧି' ଝଟକା
■ମାସିକ ଅର୍ଥନୈତିକ ସମୀକ୍ଷା- ମାର୍ଚ୍ଚ ୨୦୨୬




ନୂଆଦିଲ୍ଲୀ, ୨୮।୩ (ପି.ଟି.)

ମଧ୍ୟପ୍ରାଚ୍ୟରେ ସଙ୍କଟ ଏବଂ ବିଶ୍ୱବ୍ୟାପୀ ବଢୁଥିବା ଶକ୍ତି (ଇନ୍ଧନ ଓ ରନ୍ଧନ) ମୂଲ୍ୟ ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ବିପଦ ସୃଷ୍ଟି କରିଛି। ନିବେଶ ଓ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଅନିଶ୍ଚିତତା ବଢ଼ିଯାଇଛି ବୋଲି ଶନିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ରିପୋର୍ଟରେ ସତର୍କ କରାଇ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ 'ମାସିକ ଅର୍ଥନୈତିକ ସମୀକ୍ଷା – ମାର୍ଚ୍ଚ ୨୦୨୬' ଅନୁଯାୟୀ, ବର୍ତ୍ତମାନର ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ନିକଟ ଭବିଷ୍ୟତର ଆର୍ଥିକ ସ୍ଥିତି ଅନିଶ୍ଚିତତା ମଧ୍ୟରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଏବଂ ଗ୍ୟାସ୍ ଦରରେ ବୃଦ୍ଧି ଘଟିଛି। ଭାରତ ଏକ ପ୍ରମୁଖ ଶକ୍ତି ଆମଦାନୀକାରୀ ଦେଶ ହୋଇଥିବାରୁ ଏହି ବର୍ଦ୍ଧିତ ମୂଲ୍ୟ ଉତ୍ପାଦନ ଖର୍ଚ୍ଚ ବଢ଼ାଇବା ସହ ଦେଶର ଅଭିବୃଦ୍ଧି ହାରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହାସହିତ ଯୋଗାଣ ଶୃଙ୍ଖଳ ବ୍ୟାଘାତ ହେବା ଫଳରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧି ଘଟିପାରେ।

ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୬ର ତୃତୀୟ ତ୍ରୈମାସିକରେ ଚାଲୁ ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଇ ଜିଡିପିର ୧.୩%ରେ ପହଞ୍ଚିଛି। ସେହିପରି ମୋଟ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରବାହରେ ବୃଦ୍ଧି ଘଟିଥିଲେ ସୁଦ୍ଧା ନେଟ୍ ଏଫ୍‌ଡିଆଇ କ୍ରମାଗତ ୫ ମାସ ଧରି ନକାରାତ୍ମକ ରହିଛି। ବିଶ୍ୱବ୍ୟାପୀ ଅନିଶ୍ଚିତତା ଯୋଗୁ ବିଦେଶୀ ନିବେଶକମାନେ ସତର୍କତା ଅବଲମ୍ବନ କରୁଥିବାରୁ ମାର୍ଚ୍ଚ ମାସରେ ପୋର୍ଟଫୋଲିଓ ପ୍ରବାହ (ବିଦେଶୀ ନିବେଶକ କିମ୍ବା ସଂସ୍ଥାଙ୍କ ଅନ୍ୟ ଦେଶର ଆର୍ଥିକ ସମ୍ପତ୍ତି ଯଥା ଶେୟାର କିମ୍ବା ବଣ୍ଡରେ କରୁଥିବା ନିବେଶ) ମଧ୍ୟ ନକାରାତ୍ମକ ରହିଛି।

ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପାଇଁ ରେମିଟାନ୍ସ ବା ବିଦେଶରୁ ଆସୁଥିବା ଅର୍ଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ବର୍ଷ ୨୦୨୪ରେ ଭାରତକୁ ଆସିଥିବା ମୋଟ ରେମିଟାନ୍ସର ପ୍ରାୟ ୩୮% କେବଳ ଗଲ୍ଫ ଦେଶଗୁଡ଼ିକରୁ ଆସିଥିଲା। ପଶ୍ଚିମ ଏସିଆର ସଙ୍କଟ ଏହି ପ୍ରବାହକୁ ପ୍ରଭାବିତ କରିପାରେ ବୋଲି ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି।

ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବର୍ତ୍ତମାନ ସନ୍ତୋଷଜନକ ସ୍ଥିତିରେ ଅଛି। ଏହା ଦେଶର ପ୍ରାୟ ୧୧ ମାସର ଆମଦାନୀ ଖର୍ଚ୍ଚ ତୁଲାଇବା ପାଇଁ ଯଥେଷ୍ଟ, ଯାହା ବାହ୍ୟ ଅର୍ଥନୈତିକ ଝଟକାକୁ ସହିବା ପାଇଁ ଭାରତକୁ ଶକ୍ତି ପ୍ରଦାନ କରିବ। ସରକାରୀ ରିପୋର୍ଟ ଅନୁସାରେ, ଭାରତର ଘରୋଇ ଚାହିଦା ଏବଂ ମାକ୍ରୋ-ଇକୋନୋମିକ ଭିତ୍ତିଭୂମି ଦୃଢ଼ ରହିଛି। ତଥାପି ବିଶ୍ୱବ୍ୟାପୀ ସ୍ଥିତି ଉପରେ ନଜର ରଖି ଠିକ୍ ସମୟରେ ଉପଯୁକ୍ତ ନୀତିଗତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି।

# ଶିକ୍ଷା ବୋଝ ନୁହେଁ, ଆବିଷ୍କାର ଭଳି ଅନୁଭବ ହେବା ଉଚିତ

**ଶିକ୍ଷା ଶିଳ୍ପରେ ଜଣେ ଆଗଧାଡ଼ିର ଉଦ୍ୟୋଗୀ ଭାବେ ସୁମନ ଡାଲମିଆଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ସମ୍ବଲପୁରର ଇଣ୍ଡିଆନ୍ ପବ୍ଲିକ ସ୍କୁଲ (ଆଇପିଏସ୍)ର ଚେୟାର ପର୍ସନ ସୁମନ ଡାଲମିଆ ଛାତ୍ରୀଛାତ୍ରଙ୍କ ସହ ବ୍ୟକ୍ତିଗତ ଭାବେ ଜଡ଼ିତହୋଇ ମାର୍ଗଦର୍ଶନରେ ସର୍ବଦା ଗୁରୁତ୍ୱ ଦେଇଥାନ୍ତି। ଶିକ୍ଷାକ୍ଷେତ୍ରକୁ ନୂତନ ଶିଖରରେ ପହଞ୍ଚାଇବାକୁ ସ୍ୱପ୍ନ ଦେଖୁଥିବା ସୁମନଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର...**


ସୁମନ ଡାଲମିଆ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ଶିକ୍ଷା ଶିଳ୍ପର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଦେଶରେ ଶିକ୍ଷା କ୍ଷେତ୍ର କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି ଆପଣ ଭାବନ୍ତି?**

ଉ- ଛାତ୍ରୀଛାତ୍ର ଏବଂ ସେମାନଙ୍କ ଜୀବନଯାତ୍ରା ସହ ଗଭୀର ଭାବରେ ଜଡ଼ିତ ଥିବାରୁ ମୁଁ ଭାବୁଛି, ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ସନ୍ତୁଳନ ରକ୍ଷା କରିବା। ଆମେ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ଭୁଲିଯିବା ଉଚିତ ନୁହେଁ। ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ଭଲ ନମ୍ବର ଓ ବଡ଼ ସଫଳତା ଆଣିବା ନୁହେଁ, ବରଂ ଭଲ ମଣିଷ ତିଆରି କରିବା।

**ପ୍ର-ଡିଜିଟାଲ ବିପ୍ଳବ ଆସିଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ କିପରି ରହିବ?**

ଉ- କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ଶକ୍ତିଶାଳୀ ଉପକରଣ। ଅନ୍ୟ ଉପକରଣ ଭଳି ଏଆଇର ବ୍ୟବହାର ଉପରେ ଏହାର ପ୍ରଭାବ ନିର୍ଭରକରେ। ମୁଁ ଏଆଇକୁ ଏକ ସହାୟକ ଭାବେ ଦେଖୁଛି। ଏହା ପିଲାମାନଙ୍କ ଦୁର୍ବଳତା ଚିହ୍ନଟ କରିପାରେ ଏବଂ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଏପରି ସହାୟତା ଦେଇପାରେ, ଯାହା ପୂର୍ବରୁ କଳ୍ପନା କରାଯାଇ ନ ଥିଲା। ମାତ୍ର ଜଣେ ମା' ଭାବରେ ମୁଁ ଗୋଟିଏ କଥା ଖୁବ୍ ଦୃଢ଼ଭାବରେ ଅନୁଭବ କରୁଛି, କେବେ ବି ମାନବୀୟ ସମ୍ପର୍କର ସ୍ଥାନ ନେଇପାରିବ ନାହିଁ। ପିଲାମାନେ କେବଳ ଜ୍ଞାନ ବା ତଥ୍ୟ ଆବଶ୍ୟକ ରଖନ୍ତି ନାହିଁ, ସେମାନଙ୍କୁ ପ୍ରୋତ୍ସାହନ, ସମବେଦନା ଏବଂ ମାର୍ଗଦର୍ଶନ ମଧ୍ୟ ଦରକାର। ତେଣୁ ଆମେ ଶିକ୍ଷାରେ ଏଆଇକୁ ସ୍ୱାଗତ କରୁଛୁ। ହେଲେ ଆମେ ନିଶ୍ଚିତ ହେବା ଉଚିତ ଯେ, ଏହା ଶିକ୍ଷକଙ୍କ ପାଇଁ ପରିପୂରକ ହେଉ, କିନ୍ତୁ ଶିକ୍ଷକଙ୍କ ଉପସ୍ଥିତିର ମହତ୍ତ୍ୱକୁ ବଦଳାଇ ନ ଦେଉ। ଶିକ୍ଷାର ହୃଦୟ ସବୁବେଳେ ମାନବୀୟ ହୋଇ ରହିବା ଉଚିତ।

**ପ୍ର. ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଚିନ୍ତନ, ସୃଜନଶୀଳତା ଏବଂ ବ୍ୟବହାରିକ ଜ୍ଞାନ ଅପେକ୍ଷା ଘୋଷା ପାଠ ଏବଂ ପରୀକ୍ଷା ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ବୋଲି ଅନେକେ ସମାଲୋଚନା କରନ୍ତି। ଛାତ୍ରୀଛାତ୍ରଙ୍କୁ କିପରି ପ୍ରସ୍ତୁତ କରାଯିବା ଉଚିତ?**

ଉ- ଏହା ଏପରି ଏକ ବିଷୟ ଯାହାକୁ ମୁଁ ଗଭୀର ଭାବେ ଅନୁଭବକରେ। ଶିକ୍ଷା କେବେ ବି ବୋଝ ଭଳି ଲାଗିବା ଉଚିତ ନୁହେଁ, ଏହା ଆବିଷ୍କାର ଭଳି ଅନୁଭବ ହେବା ଉଚିତ। ଶ୍ରେଣୀଗୃହରେ ପିଲାମାନେ ନିର୍ଭୟରେ ଚିନ୍ତାଧାରା ପ୍ରକାଶ କରିବା, ପ୍ରଶ୍ନ ପଚାରିବା ଏବଂ ଅଭିଜ୍ଞତା ମାଧ୍ୟମରେ ଶିଖିବା ଉଚିତ। ବ୍ୟବହାରିକ ଶିକ୍ଷା, ପ୍ରକଳ୍ପ ଆଧାରିତ କାର୍ଯ୍ୟକଳାପ, କଳା, କ୍ରୀଡ଼ା ଏବଂ ବାସ୍ତବ ଜୀବନର ସମସ୍ୟା ସମାଧାନ ସହ ପରିଚିତ ହେବା ଅତ୍ୟନ୍ତ ଜରୁରୀ। ଶିକ୍ଷକମାନଙ୍କୁ ମଧ୍ୟ ଅଧିକ ଶିଶୁ କୈନ୍ଦ୍ରିକ ପଦ୍ଧତି ଗ୍ରହଣ କରିବା ପାଇଁ ସଶକ୍ତ ଏବଂ ପ୍ରଶିକ୍ଷିତ କରାଯିବା ଆବଶ୍ୟକ। ଅଭିଭାବକ ଏବଂ ଶିକ୍ଷକ ଭାବରେ ଆମକୁ ମଧ୍ୟ ନିଜର ମାନସିକତା ବଦଳାଇବାକୁ ହେବ ଯେ, ମାର୍କ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ତାହା ହିଁ ସବୁକିଛି ନୁହେଁ। ଆତ୍ମବିଶ୍ୱାସ, କୌତୂହଳ ଏବଂ ଚରିତ୍ର ଗଠନ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ।

**ପ୍ର-ଏ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା କିପରି ରହିଛି? ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରମାନଙ୍କ ପାଇଁ କାହିଁକି ଏକ ପସନ୍ଦର ସ୍ଥାନ?**

ଉ- ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ନିର୍ମାଣ ମୋ ପାଇଁ କେବଳ ଏକ ବୃତ୍ତିଗତ ଯାତ୍ରା ନୁହେଁ, ଏହା ଏକ ଶିଶୁର ଲାଳନପାଳନ କରିବା ଭଳି ଯାତ୍ରା। ପ୍ରତ୍ୟେକ ଚ୍ୟାଲେଞ୍ଜ ମୋତେ କିଛି ନା କିଛି ଶିଖାଇଛି ଏବଂ ପ୍ରତ୍ୟେକ ସଫଳତା ଆମର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସାମୂହିକ ପ୍ରୟାସ ଦ୍ୱାରା ସମ୍ଭବ ହୋଇଛି। ମୁଁ ବିଶ୍ୱାସକରେ ଯେ ଆମେ ସୃଷ୍ଟିକରିଥିବା ପରିବେଶ 'ଆଇପିଏସ୍'କୁ ସ୍ୱତନ୍ତ୍ର କରାଏ। ଆମେ କେବଳ ଶିକ୍ଷା ଉପରେ ଧ୍ୟାନଦେଉନାହୁଁ, ବରଂ ପ୍ରତ୍ୟେକ ପିଲାଙ୍କ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉଛୁ। ଏକ ଆବାସିକ ବିଦ୍ୟାଳୟ ଭାବରେ ଆମେ ଏକ ଘର ଭଳି ପରିବେଶ ମଧ୍ୟ ପ୍ରଦାନ କରୁ, ଯେଉଁଠାରେ ପିଲାମାନେ ସର୍ବଦା ଯତ୍ନବାନ୍ ଓ ସ୍ୱାଧୀନତା ଅନୁଭବ କରନ୍ତି।

**ପ୍ର. ଆପଣଙ୍କ ଦୂରଦୃଷ୍ଟି ଏବଂ ନିଷ୍ଠା ଏହି ଅନୁଷ୍ଠାନକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି। ଏହି କ୍ଷେତ୍ରରେ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ- ଶିକ୍ଷା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ଦାୟିତ୍ୱ ଏବଂ ଏକ ଆହ୍ୱାନ। ଏହି କ୍ଷେତ୍ରରେ ଆସୁଥିବା ଯେକୌଣସି ବ୍ୟକ୍ତିଙ୍କୁ ମୋର ପରାମର୍ଶ, ହୃଦୟର ସହ ନେତୃତ୍ୱ ନିଅନ୍ତୁ। ଯଦି ଜଣେ ପ୍ରକୃତରେ ପିଲାମାନଙ୍କ ଯତ୍ନ ନେଉଛନ୍ତି, ତେବେ ସେ ସର୍ବଦା ଠିକ୍ ବାଟ ପାଇବେ। ଧୈର୍ଯ୍ୟବାନ୍ ହୁଅନ୍ତୁ, କାରଣ ଶିକ୍ଷାର ଫଳାଫଳ ତୁରନ୍ତ ମିଳେନାହିଁ। ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରୁହନ୍ତୁ, କାରଣ ଦୁନିଆ ବଦଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଜର ମୂଲ୍ୟବୋଧ ସହ ଯୋଡ଼ିହୋଇ ରୁହନ୍ତୁ, କାରଣ ଏହା ହିଁ ଭବିଷ୍ୟତ ପିଢ଼ିକୁ ଗଢ଼ିଥାଏ। କେବଳ ଏକ ଅନୁଷ୍ଠାନ ଗଢ଼ିବାକୁ ଲକ୍ଷ୍ୟ ରଖନ୍ତୁ ନାହିଁ, ଏପରି ଏକ ସ୍ଥାନ ଗଢ଼ିବାକୁ ଲକ୍ଷ୍ୟରଖନ୍ତୁ, ଯେଉଁଠାରେ ପିଲାମାନେ ପ୍ରେରଣା, ସମ୍ମାନ ଏବଂ ଶ୍ରଦ୍ଧା ପାଇପାରିବେ।

## ପହିଲାରୁ ଡିଜିଟାଲ ପେମେଣ୍ଟ ନିୟମରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୮।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡିଜିଟାଲ ପେମେଣ୍ଟର ସୁରକ୍ଷା ଦୃଢ଼ କରିବା ପାଇଁ ନୂଆ ନିୟମ ଲାଗୁ କରୁଛି। ଏପ୍ରିଲ ୧ରୁ ୟୁପିଆଇ, ନେଟ ବ୍ୟାଙ୍କିଙ୍ଗ ଓ ମୋବାଇଲ ୱାଲେଟ ଦ୍ୱାରା ପେମେଣ୍ଟ କରିବା ସମୟରେ କେବଳ ଏକ ପିନ କିମ୍ବା ପାସୱାର୍ଡ ଯଥେଷ୍ଟ ହେବ ନାହିଁ। ନୂଆ ନିୟମ ଅନୁଯାୟୀ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପାଇଁ ୨ ପ୍ରକାରର ପରିଚୟ ଯାଞ୍ଚ (ଟୁ-ଫ୍ୟାକ୍ଟର୍ ଅଥେଣ୍ଟିକେସନ) ଆବଶ୍ୟକ ହେବ। ଏଥିରେ ଏକ ଫ୍ୟାକ୍ଟର୍ ପ୍ରତି ଥରେ ବଦଳୁଥିବା ଡାଇନାମିକ କୋଡ୍ ରହିବ। ଗ୍ରାହକ ଓଟିପି ଏବଂ ପିନ, ବାୟୋମେଟ୍ରିକ (ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ ଆଇଡି) କିମ୍ବା ଡିଭାଇସ ଟୋକେନ ବ୍ୟବହାର କରିପାରିବେ। ଏହି ବ୍ୟବସ୍ଥା ଅନ୍‌ଲାଇନ ଠକେଇ ଓ ଫିସିଂ ଆଦିକୁ ହ୍ରାସ କରିବ। ଯଦି ପାସୱାର୍ଡ କଟିଯାଏ ତେବେ ଦ୍ୱିତୀୟ ଯାଞ୍ଚ ବିନା ଟଙ୍କା ଉଠାଯାଇ ପାରିବ ନାହିଁ।

## ଛାତ୍ରୀଛାତ୍ରଙ୍କ ପାଇଁ ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ବିଦ୍ୟା

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ୨୦୨୫ ଏପ୍ରିଲରେ ଆରମ୍ଭ ହୋଇଥିବା 'ପ୍ରକଳ୍ପ ବିଦ୍ୟା' ଜରିଆରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ସରକାରୀ ବିଦ୍ୟାଳୟରେ ପାଠପଢ଼ାକୁ ସୁଦୃଢ଼ କରୁଛି। ଗଣିତ, ବିଜ୍ଞାନ ଏବଂ ଇଂଲିଶ ଭଳି ବିଷୟ ସହ ମୌଳିକ ସାକ୍ଷରତା ଉପରେ ଧ୍ୟାନ କେନ୍ଦ୍ରିତକରି ୨୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି କରିଛି। ଏହାଦ୍ୱାରା ଶ୍ରେଣୀଗୃହରେ ଛାତ୍ର ଶିକ୍ଷକ ଅନୁପାତରେ ବୃଦ୍ଧିକରି ୧୭ଟି ଗ୍ରାମୀଣ ବିଦ୍ୟାଳୟର ୧୮୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ଏହି କାର୍ଯ୍ୟକ୍ରମ ପହଞ୍ଚିପାରିଛି। ସୁନ୍ଦରଗଡ଼ରେ ଅଧାରୁ ପାଠ ଛାଡ଼ିବାର ହାର ଅଧିକ ରହୁଥିବାରୁ ଲକ୍ଷନପୁର ବ୍ଲକରେ ୬୪% ରୁ ୭୬% ଏବଂ ହେମଗିର ବ୍ଲକରେ ୬୬% ରୁ ୮୨%କୁ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ବୃଦ୍ଧି କରିବାରେ ପ୍ରକଳ୍ପ ବିଦ୍ୟାର ଉଲ୍ଲେଖନୀୟ ଯୋଗଦାନ ରହିଛି। ଏହି ପ୍ରକଳ୍ପରେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ମୁଣ୍ଡେରଖେ ସରକାରୀ ୟୁପିଏସ୍, ଭୋଗ୍ରାକଚ୍ଛର ସରକାରୀ ୟୁପିଏସ୍, ଘୋଘରପଲ୍ଲୀ ସରକାରୀ ପିଏସ୍, ରେଙ୍ଗାଲପାଣି ସରକାରୀ ପିଏମ୍, ଛତାବର ସରକାରୀ ୟୁଜିଏଚ୍‌ଏସ୍, ଘୋଘରପଲ୍ଲୀରେ ଥିବା ବିଲେମୁଣ୍ଡା ସରକାରୀ ୟୁପିଏସ୍, ଜାମକାନି ସରକାରୀ ପିଏସ୍ ଏବଂ ଜାମକାନିଠାରେ ଥିବା ଝାରପାଲମ ସରକାରୀ ୟୁଜିଏଚ୍‌ଏସ୍ ରହିଛି । କୁତାଲୋଇ ସରକାରୀ ୟୁପିଏସ୍, ବଞ୍ଜାରୀ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ, ବଞ୍ଜାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ସରକାରୀ ପିଏସ୍, କାର୍ଲାଖାମନ ସରକାରୀ ୟୁପିଏସ୍ , ମୋହନପୁର ସରକାରୀ ପିଏସ୍, ଝାରସୁଗୁଡ଼ା ଜିଲାର କୁରାଲୋଇର ବାର୍ତ୍ତାପ ସରକାରୀ ୟୁପିଏସ୍ ଏବଂ କୁତାଲୋଇ ଆଶ୍ରମ ବିଦ୍ୟାଳୟ ଆଦି ଅନ୍ତର୍ଭୁକ୍ତ ।

# କଟକରେ କିସ୍‌ନାର ୧୩୬ତମ ଶୋ'ରୁମ୍ ଉଦ୍‌ଘାଟିତ

କଟକ,୨୮।୩(କାର୍ତ୍ତିକ ସାହୁ)




କିସ୍‌ନା ଡାଇମଣ୍ଡ ଓ ଗୋଲ୍ଡ ଜୁଏଲେରି ପକ୍ଷରୁ ୧୩୬ତମ ଶୋ'ରୁମ୍ କଟକର କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ହେଉଛି ଓଡ଼ିଶାରେ ୪ର୍ଥ ଶୋ'ରୁମ୍। ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୪୦% ରିହାତି ଓ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୦%ର ରିହାତି ପ୍ରଦାନ କରାଯାଉଛି। ଉପଭୋକ୍ତାମାନେ ହୀରା ଓ ସୁନା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ ଗ୍ରାମ ଓ ୨୦ ଗ୍ରାମର ସିଲ୍‌ଭର କଏନ୍ ମାଗଣାରେ ପାଇପାରିବେ ଏବଂ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗଦେଇ କହିଲେ, କଟକ ଶୋ'ରୁମ୍ ବିକଶିତ ଉପଭୋକ୍ତା ପସନ୍ଦ ଦ୍ୱାରା ପରିଚାଳିତ ମଜଭୁତ ଅଭିବୃଦ୍ଧି ସମ୍ଭାବନା ଦେଉଛି। ଓଡ଼ିଶାର ଲୋକମାନଙ୍କ ପାଇଁ ଚାରାରୋପଣ, ଅସହାୟଙ୍କ ସହାୟତା, ରକ୍ତଦାନ ପରି ମହତ୍ ସାମାଜିକ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ବଜାୟ ରହିବ। ଜୁଏଲେରିର ସିଇଓ ପରାଗ ଶାହ କହିଛନ୍ତି, କଟକରେ ଆମର ଶୋ'ରୁମ୍‌କୁ ଏକ ସହଜ ଓ ନିୟୋଜିତ ଶପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟ୍‌ଲେଟ୍ ପାର୍ଟନର ଶେଖ ଗୁଲାମ ମୁସ୍ତାଫା ଓ ଶେଖ ନିସାର ମୁସ୍ତାଫା କଟକରେ ଆମର ଶୋ'ରୁମ୍‌ର ଶୁଭାରମ୍ଭ ପାଇଁ କିସ୍‌ନା ସହ ସହଭାଗିତାକରି ଆମେ ଆନନ୍ଦିତ ବୋଲି କହିଛନ୍ତି।

# ୨ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)

ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ ପାଇଁ ୨ଟି ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ପ୍ରଚଳନ କରାଯାଇଛି। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ଯାଲାହାଙ୍କା ଏସି ଏକ୍ସପ୍ରେସ୍ ଏପ୍ରିଲ ୨ରୁ ପ୍ରତି ଗୁରୁବାର ମଧ୍ୟାହ୍ନ ୧୨ଟା ୫୦ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶନିବାର ରାତି ୧୨ଟା ୨୦ରେ ଯାଲାହାଙ୍କାରେ ପହଞ୍ଚିବ। ଫେରିବା ଦିଗରେ ୧୮୦୬୪ ଯାଲାହାଙ୍କା ସାନ୍ତ୍ରାଗାଛି ଏସି ଏକ୍ସପ୍ରେସ୍ ଏପ୍ରିଲ ୪ ଠାରୁ ପ୍ରତି ଶନିବାର ଯାଲାହାଙ୍କାରୁ ଭୋର ୪ଟା ୫୦ରେ ଛାଡିବ ଏବଂ ରବିବାର ସନ୍ଧ୍ୟା ୫ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଯାତ୍ରା ସମୟରେ, ଟ୍ରେନ୍‌ଟି ପୂର୍ବ ତଟ ରେଳପଥ ଅଧୀନ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ ରୋଡ୍, ବିଜୟନଗରମ, କୋଟ୍ଟଭାଲସା, ପେର୍ଣ୍ଣୁର୍ଟି ଏବଂ ଦୁଭାଡା ଆଦି ଦେଇ ଗତି କରିବ। ୧୮୦୪୧ ଶାଲିମାରଏମ୍‌ଜିଆର୍ ଚେନ୍ନାଇ ଏକ୍ସପ୍ରେସ୍ ଏପ୍ରିଲ ୬ଠାରୁ ପ୍ରତି ସୋମବାର ଅପରାହ୍ନ ୨ଟା ୪୫ରେ ଶାଲିମାରରୁ ଛାଡ଼ିବ ଏବଂ ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରେ ଏମ୍‌ଜିଆର୍ ଚେନ୍ନାଇରେ ପହଞ୍ଚିବ। ଫେରିବା ଦିଗରେ ୧୮୦୪୨ ଏମଜିଆର ଚେନ୍ନାଇ-ଶାଲିମାର ଏକ୍ସପ୍ରେସ୍ ଏପ୍ରିଲ ୭ ଠାରୁ ପ୍ରତି ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରେ ଏମ୍‌ଜିଆର୍ ଚେନ୍ନାଇରୁ ଛାଡିବ ଏବଂ ଗୁରୁବାର ଭୋର ୪ଟାରେ ଶାଲିମାରରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବିଜୟନଗରମ ଏବଂ ଦୁଭାଡା ଆଦି ଷ୍ଟେଶନ ଦେଇ ଗତି କରିବ। ଏହି ନୂତନ ସେବାଗୁଡ଼ିକ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କର୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଯୋଗାଯୋଗରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

# କଟକରେ ଯେତେ ବ୍ୟବସାୟ ହେବ ସେତେ ଚାରା ଲଗାଇବୁ

**ସାରା ପୃଥିବୀରେ ହୀରା ଓ ସୁନା ଅଳଙ୍କାର ବ୍ୟବସାୟ ପ୍ରସାରକରିଛି ମୁମ୍ବଇର ହରିକ୍ରିଷ୍ଣା ଗ୍ରୁପ୍। ହରିକ୍ରିଷ୍ଣା ଗ୍ରୁପ୍ ନିଜର ବ୍ୟବସାୟିକ ସଫଳତା ସାଙ୍ଗକୁ ବିବିଧ ସାମାଜିକ କାର୍ଯ୍ୟ ମାଧ୍ୟମରେ ସମାଜର ଉନ୍ନତି ପ୍ରତି ମଧ୍ୟ ଯତ୍ନବାନ୍। ତେବେ ଓଡ଼ିଶାର ଯାଜପୁର ଓ କଟକରେ ଗୋଟିଏ ଦିନରେ ଏକକାଳୀନ ଦୁଇଟି ଷ୍ଟୋର ଉଦ୍‌ଘାଟନ କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କଟକ ଆସିଥିବା ବେଳେ ତାଙ୍କ ସହ ଧରିତ୍ରୀ ପକ୍ଷରୁ ଏହି ସାକ୍ଷାତ୍କାର।**


ଘନଶ୍ୟାମ ଢୋଲକିଆ

**ପ୍ର- ହରିକ୍ରିଷ୍ଣା ଗ୍ରୁପ୍ କେବେ ଆରମ୍ଭ କରିଥିଲେ?**

ଉ-ଆମେ ୪ଭାଇ ମିଶି ୧୯୯୨ରେ ହରିକ୍ରିଷ୍ଣା ଗ୍ରୁପ୍ ଗଠନ କରିଥିଲୁ। ଆମ ବାପା ଚାଷ କରିବା ସହ ହୀରା ସମ୍ବନ୍ଧୀୟ କାମ କରୁଥିଲେ। ସେ ୨୦୦୫ରେ କିସ୍‌ନା ବ୍ରାଣ୍ଡ କରିଥିଲେ ଯାହା ଆଜି ସୁପ୍ରତିଷ୍ଠିତ ହୋଇଛି।

**ପ୍ର- ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କ'ଣ ରହିଛି?**

ଉ- ହରିକ୍ରିଷ୍ଣା ଗ୍ରୁପ୍ ବର୍ତ୍ତମାନ ସୁଦ୍ଧା ସାରା ଭାରତରେ ୧୫୦୦ରୁ ଊର୍ଦ୍ଧ୍ୱ ଶୋ'ରୁମ୍‌ରେ ନିଜସ୍ୱ ଉତ୍ପାଦକୁ ଉପଲବ୍ଧ କରାଇଛି। ସେହିପରି ଦେଶରେ ଆଜି ସୁଦ୍ଧା ନିଜସ୍ୱ ବ୍ରାଣ୍ଡର ୧୩୬ଟି ଏକ୍ସକ୍ଲୁସିଭ ଶୋ'ରୁମ୍ ଥିବାବେଳେ ୨୦୨୭ ସୁଦ୍ଧା ୧୫୦ଟି ଖୋଲିବା ଲକ୍ଷ୍ୟ ରହିଛି। ଓଡ଼ିଶାରେ ୪ଟି ଶୋ'ରୁମ୍ ଖୋଲାଯାଇଥିବା ବେଳେ ୨୨ଟି ଶୋ'ରୁମ୍ ଖୋଲିବା ଯୋଜନା ରହିଛି।

**ପ୍ର- ଆପଣଙ୍କ ଉତ୍ପାଦର ସ୍ୱତନ୍ତ୍ରତା କ'ଣ?**

ଉ- ଆମେ ନିଜେ ହୀରା ଓ ସୁନା ଅଳଙ୍କାର ଡିଜାଇନ ଓ ନିର୍ମାଣ କରୁଛୁ। ସେଥିପାଇଁ ଉପଭୋକ୍ତାଙ୍କୁ ଉଚିତ ଦାମ ସହ ସମସ୍ତ ସୁବିଧା ଆମ ତରଫରୁ ପ୍ରଦାନ କରିବାକୁ ଯତ୍ନବାନ୍ ଅଛୁ।

**ପ୍ର- ବିଦେଶରେ ବ୍ୟବସାୟିକ କାରବାର କିପରି ରହିଛି?**

ଉ- ପୃଥିବୀର ୧୧୦ଟି ଦେଶକୁ ଆମ ଦ୍ୱାରା ପ୍ରସ୍ତୁତ ଅଳଙ୍କାର ଉତ୍ପାଦ ରପ୍ତାନି କରାଯାଉଛି। ସର୍ବାଧିକ ଆମେରିକାକୁ କରାଯାଉଛି। ୧୨୫ଟି ଦେଶକୁ ଅଳଙ୍କାର ରପ୍ତାନି କରିବା ଲକ୍ଷ୍ୟ ରଖିଛୁ।

**ପ୍ର- କଞ୍ଚାମାଲ କେଉଁଠୁ ଆଣୁଛନ୍ତି?**

ଉ- ରୁଷିଆ ଏବଂ ଆଫ୍ରିକାରୁ କଞ୍ଚାମାଲ ଆମଦାନୀ କରାଯାଉଛି। ଗୁଜରାଟରେ ଥିବା ଆମ କମ୍ପାନୀରେ ୧୦ ହଜାର ଲୋକ ପ୍ରତିଦିନ କାମ କରୁଛନ୍ତି।

**ପ୍ର- ବ୍ୟବସାୟକୁ କିଭଳି ପରିଚାଳନା କରିପାରୁଛନ୍ତି?**

ଉ- ଆମର ହେଡ୍ ଅଫିସ୍ ମୁମ୍ବଇରେ ରହିଥିବା ବେଳେ ସେଠାରେ ମୁଁ ନିଜେ ରହି ସବୁ ବୁଝେ ଓ ମୋ ଭାଇ ଗୁଜରାଟରେ ରହି ଉତ୍ପାଦନ କଥା ବୁଝନ୍ତି।

**ପ୍ର- ସାମାଜିକ ପ୍ରତିବଦ୍ଧତାକୁ ଆପଣ କିପରି ଭାବେ ଦେଖନ୍ତି?**

ଉ- ଆମ ଗ୍ରୁପ୍ ବହୁ ସାମାଜିକ କାର୍ଯ୍ୟ ଚାଲୁ ରଖିଛି। ଗୁଜରାଟ ଓ ରାଜସ୍ଥାନରେ ପାଣି ସମସ୍ୟା ଦୂରକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୩୦ ଲକ୍ଷ ଚାରାରୋପଣ କରିଛି। କଟକରେ କିସ୍‌ନାର ଯେତେ ବ୍ୟବସାୟ ହେବ ସେହି ପରିମାଣର ଚାରାରୋପଣ କରାଯିବ, ଗରିବ ଲୋକଙ୍କୁ ଖାଦ୍ୟ ବିତରଣ ସହ ରକ୍ତଦାନ କରାଯିବ।

ସାକ୍ଷାତକାର- କାର୍ତ୍ତିକ ସାହୁ, କଟକ

# ପିଏମ୍ ଇ-ଡ୍ରାଇଭ ଯୋଜନାରେ ସଂଶୋଧନ

ନୂଆଦିଲ୍ଲୀ, ୨୮।୩

କେନ୍ଦ୍ର ସରକାର ପିଏମ୍ ଇ-ଡ୍ରାଇଭ ଯୋଜନାରେ ସଂଶୋଧନକରି ଇ-ସ୍କୁଟର ଏବଂ ଇ-ରିକ୍ସା ପାଇଁ ନୂଆ ସମୟସୀମା ଏବଂ ସଂଖ୍ୟା ସୀମା ନିର୍ଦ୍ଧାରଣ କରିଛନ୍ତି। ୧୦,୯୦୦ କୋଟି ଟଙ୍କାର ପିଏମ୍ ଇଲେକ୍ଟ୍ରିକ ଡ୍ରାଇଭ ରିଭୋଲ୍ୟୁଶନ ଇନ୍ ଇନୋଭେଟିଭ ଭେହିକଲ ଏନ୍‌ହାନ୍ସମେଣ୍ଟ (ପିଏମ୍ ଇ-ଡ୍ରାଇଭ) ଯୋଜନାର ନୂଆ ନିୟମ ଅନୁଯାୟୀ, ୨୦୨୬ ଜୁଲାଇ ୩୧ ପର୍ଯ୍ୟନ୍ତ ପଞ୍ଜୀକୃତ ହୋଇଥିବା ଇଲେକ୍ଟ୍ରିକ ଟୁ-ହୁଇଲର (ଇ-ସ୍କୁଟର) ଏବଂ ୨୦୨୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକରଣ ହୋଇଥିବା ଇଲେକ୍ଟ୍ରିକ୍ ଥ୍ରି-ହୁଇଲର (ଇ-ରିକ୍ସା ଏବଂ ଇ-କାର୍ଟ) ପାଇଁ ଇନ୍‌ସେଣ୍ଟିଭ ମିଳିବ। ଇନ୍‌ସେଣ୍ଟିଭ ପାଇବା ପାଇଁ ଇ-ଟୁ-ହୁଇଲରର ସର୍ବାଧିକ ଏକ୍ସ-ଫ୍ୟାକ୍ଟ୍ରି ମୂଲ୍ୟ ୧.୫ଲକ୍ଷ ଏବଂ ଇ-ଥ୍ରି-ହୁଇଲରର ସର୍ବାଧିକ ମୂଲ୍ୟ ୨.୫ ଲକ୍ଷ ପର୍ଯ୍ୟନ୍ତ ସୀମିତ ରଖାଯାଇଛି। ଏହି ଯୋଜନାରେ ମୋଟ ଖର୍ଚ୍ଚ ୧୦,୯୦୦ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ। ଯଦି ଯୋଜନାର ଅର୍ଥ ଶେଷ ହୋଇଯିବା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଭାରି ଶିଳ୍ପ ମନ୍ତ୍ରଣାଳୟ ଜଣାଇଛି। ଯୋଜନାର ଶେଷ ତାରିଖ ୨୦୨୮ମାର୍ଚ୍ଚ ୩୧ ରହିଥିଲେ ମଧ୍ୟ ଇ-ଟୁ-ହୁଇଲର ପାଇଁ ୨୦୨୬ ଜୁଲାଇ ୩୧ ଏବଂ ଇ-ରିକ୍ସା ଓ ଇ-କାର୍ଟ ପାଇଁ ୨୦୨୮ ମାର୍ଚ୍ଚ ୩୧ ରହିବ। ପିଏମ୍ ଇ-ଡ୍ରାଇଭ ଯୋଜନା ଅଧୀନରେ ସର୍ବାଧିକ ୨୪,୭୯,୧୨୦ଟି ଇ-ଟୁ-ହୁଇଲର ଏବଂ ୩୯,୦୩୪ଟି ଇ-ରିକ୍ସା ଓ ଇ-କାର୍ଟକୁ ପ୍ରୋତ୍ସାହନ ଦିଆଯିବ। ଏଲ୍-୫ ବର୍ଗର ଇ-ଥ୍ରି-ହୁଇଲର ଲକ୍ଷ୍ୟ ପୂରଣ ହୋଇଯାଇଥିବାରୁ ୨୦୨୫ ଡିସେମ୍ବର ୨୬ରେ ସେହି ବର୍ଗ ବନ୍ଦ କରାଯାଇଛି।

# ଏନ୍‌ଟିପିସି ପକ୍ଷରୁ ନୈତିକ ସାମ୍ବାଦିକତା ଶୀର୍ଷକ କର୍ମଶାଳା

ସୁନ୍ଦରଗଡ,୨୮।୩(ଜୟ ନାରାୟଣ ମେଣ୍ଡୁଲି)


କର୍ମଶାଳାରେ ଉପସ୍ଥିତ ଅତିଥି ଓ ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଓ ଅନ୍ୟ ଅଧିକାରୀ।

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ନୈତିକ ସାମ୍ବାଦିକତା ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଖବରକାଗଜ 'ହିନ୍ଦୁ'ର ବରିଷ୍ଠ ଖବରଦାତା ଶିଶିର ସିହ୍ନା ଯୋଗଦେଇ କହିଛନ୍ତି, ପରିବର୍ତ୍ତିତ ସମୟର ତାଳରେ ସାମାଜିକ ଗଣମାଧ୍ୟମର ବହୁଳତା, ଦ୍ରୁତ ଓ ପ୍ରତିଯୋଗିତାମୂଳକ ଖବର ପରିବେଷଣ ବେଳେ କେତେକ କ୍ଷେତ୍ରରେ ଭୁଲ୍ ଖବର ଜନମାନସରେ ବିଭ୍ରାନ୍ତି ସୃଷ୍ଟିକରୁଛି। ଏଣୁ ଗଣମାଧ୍ୟମ ପ୍ରତିନିଧିମାନେ ଠିକ୍ ଖବର, ନିରପେକ୍ଷ ଭାବନା ଓ ସମାଜ ପ୍ରତି ଥିବା ନୈତିକ ଦାୟିତ୍ୱ ବୋଧକୁ ଆଖି ରଖି ଖବର ପରିବେଷଣକରି ଗଣମାଧ୍ୟମ ପ୍ରତି ଲୋକଙ୍କ ରହିଥିବା ବିଶ୍ୱସନୀୟତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଟିପିସି ଦର୍ଲିପାଲିର ମୁଖ୍ୟ ଫୈଜ ତୈୟାବ ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳକରି ଉଦ୍‌ଘାଟନ କରିଥିଲେ। ଏନ୍‌ଟିପିସି ଦର୍ଲିପାଲି ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜିତ କୁମାର ମିଞ୍ଜ ଏହି କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳାରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍ ଓ କିସ୍ ଆଥ୍‌ଲେଟଙ୍କୁ ୨୩ ପଦକ

## ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ

ଭୁବନେଶ୍ୱର,୨୮।୩(ଅନାଦି କର)

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍ ଆଥ୍‌ଲେଟମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୩ ପଦକ ସହିତ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ପଦକ ତାଲିକାରେ ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ ବ୍ରୋଞ୍ଜ ରହିଛି, ଯାହାକି ଓଡ଼ିଶାର ଆଥ୍‌ଲେଟଙ୍କର ବିଭିନ୍ନ ଇଭେଣ୍ଟରେ ସ୍ଥିର ପ୍ରଦର୍ଶନକୁ ଦର୍ଶାଉଛି। ଏହି ସଫଳତା ପଛରେ କିଟ୍ ଓ କିସ୍ ଆଥ୍‌ଲେଟଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ସେମାନେ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ,୧ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ଜିତିଛନ୍ତି।

ଶନିବାର ଅଞ୍ଜଳି ମୁଣ୍ଡା ୫୦ମି. ବ୍ୟାକଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହିତ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ୪X୧୦୦ ମି. ମିଡଲେ ରିଲେ ଦଳ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ଦଳରେ ରୁପାଲି ହେମ୍ବ୍ରମ ଓ ଅଞ୍ଜଳି ମଲିକ ସଦସ୍ୟ ଥିଲେ। କୃଷ୍ଣା ପ୍ରିୟା ନାୟକ ୧୦୦ ମି. ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ଜିତିଥିବା ବେଳେ ପୁରୁଷ ୫୦ ମି. ବ୍ୟାକଷ୍ଟ୍ରୋକରେ ରାଜେଶ ସୋରେନ୍ ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ଏଥିପୂର୍ବରୁ ମିନା ସାନ୍ତା ମହିଳା ୫୩ କେଜି ୱେଟଲିଫ୍ଟିଂ କାଟେଗୋରୀରେ ମୋଟ ୧୬୫ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ହାତେଇଥିଲେ। ସୁଇମିଂରେ ୭ରୁ ୬ ସ୍ୱର୍ଣ୍ଣ ପଦକ କିଟ୍-କିସ୍ ଆଥ୍‌ଲେଟ୍ସ ଜିତିଛନ୍ତି। ଏହା ଆକ୍ୱାଟିକ ଇଭେଣ୍ଟରେ କିଟ୍-କିସ୍ ଆଥ୍‌ଲେଟଙ୍କର ପ୍ରାଧାନ୍ୟକୁ ଦର୍ଶାଉଛି। କିଟ୍‌ରେ ଥିବା ଅଲିମ୍ପିକ୍ ସ୍ତରର ୫୦ ମି. ସୁଇମିଂପୁଲ୍ ସହିତ ଅନ୍ତର୍ଜାତୀୟ କୋଚିଂ, ଅତ୍ୟାଧୁନିକ ଟ୍ରେନିଂ ଜାତୀୟ ସ୍ତରରେ ସେମାନଙ୍କର ପଦକ ବିଜୟୀ ପ୍ରଦର୍ଶନ ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଭଳି ସଫଳ ପ୍ରଦର୍ଶନ ଲାଗି ଆଥ୍‌ଲେଟ୍ସଙ୍କୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




## ୧୩ରୁ ଏଆଇଟିଏ-ଓଟିଏ ଜୁନିୟର ସୁପର ସିରିଜ୍ ଟେନିସ




ଭୁବନେଶ୍ୱର,୨୮।୩(ଅନାଦି କର)

ଆସନ୍ତା ୧୩ ତାରିଖରୁ ଗୁରୁକୁଳ ରିଜର୍ଟ ଆଣ୍ଡ୍ କଣ୍ଟ୍ରି କ୍ଲବଠାରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ସ୍ୱୀକୃତିପ୍ରାପ୍ତ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଜୁନିୟର ୧୬ ବର୍ଷରୁ କମ୍ ସୁପର ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଭାରତୀୟ ସେନା ଅଧିକାରୀ ମେଜର ସନ୍ଦୀପଙ୍କ ସ୍ମୃତିରେ ୨୦୧୪ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଜାତୀୟ ଜୁନିୟର ସ୍ତରରେ ଖେଳାଯିବ। ଏହି ପ୍ରତିଯୋଗିତାରେ ୧୬ ବର୍ଷରୁ କମ୍ ବୟସ ବର୍ଗର ଉଭୟ ବାଳିକା ଓ ବାଳକମାନେ ଭାଗନେବେ। ଆସନ୍ତା ୧୧ ଓ ୧୨ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ। ୧୩ରୁ ଆରମ୍ଭ ହେଉଥିବା ମୁଖ୍ୟ ଇଭେଣ୍ଟରେ ପାଖାପାଖି ୩୨ ମହିଳାଙ୍କ ସମେତ ୬୪ ଖେଳାଳି ଭାଗ ନେବେ। ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସତ୍ୟବ୍ରତ ଦାଶ**

ସ୍ଥାନ- ଏସ୍.ଜି-୩୨, ଶ୍ରୀକ୍ଷେତ୍ର ବିହାର
ଆଇଗିଣିଆ, ଭୁବନେଶ୍ୱର
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୨୦।୦୩।୨୦୨୬

ତୁମର ଅକାଳ ବିୟୋଗ ଆମ ପରିବାର ପାଇଁ ଅପୂରଣୀୟ କ୍ଷତି। ତୁମ ସ୍ମୃତି ସଦା ଆମ ହୃଦୟରେ ଅମର ରହିଥିବ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ମଧୁସ୍ମିତା, ଅନନ୍ୟା, ଆଦିତ୍ୟ ଓ ପରିବାରବର୍ଗ

ଧ-୩୭୭୪

### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସହିଦ ରାଜକିଶୋର ମୁଣ୍ଡା**

(୨୪ ଜୁଲାଇ ୧୯୮୧-୨୯ ମାର୍ଚ୍ଚ ୨୦୨୫)

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ଜଣାଉଛୁ । ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ।

ଶୋକସନ୍ତପ୍ତ: ଧର୍ମପତ୍ନୀ: ଅମିତା ମୁଣ୍ଡା, କନ୍ୟା- ସୋନିଆ, ରିଙ୍କି, ଭାଇ: ମକର, ଯାଦବ ଓ ପରିବାରବର୍ଗ- ଲୋକନାଥ, ସବିତା, ପିଣ୍ଟୁ, ପରୀ, ମମତା, ଚିନୁ, ସୁରୁ, ପୂଜା, ଲିଜା, ମିକୁ, ଦୁଃଶାସନ, ସୁନି, ପାର୍ବତୀ, ଦୁର୍ପତୀ

ଧ-୩୭୭୩

### ୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଶରତ ମଞ୍ଜରୀ ରଥ**

ଚାହୁଁଚାହୁଁ ୨୨ ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ

ଧ-୬୫୮୬୬

## ଗିରଫ ପରେ ଜାମିନରେ ଖଲାସ ହେଲେ ଉଡ୍ସ

ଜୁପିଟର ଆଇଲାଣ୍ଡ (ୟୁଏସ୍ଏ), ୨୮।୩ (ଏପି)

ବିଶିଷ୍ଟ ଗଲ୍‌ଫ ଖେଳାଳି ଟାଇଗର ଉଡ୍ସ ନିଶାଗ୍ରସ୍ତ ଅବସ୍ଥାରେ ଡ୍ରାଇଭିଂ କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ଜାମିନରେ ଖଲାସ ହୋଇଛନ୍ତି। ଉଡ୍ସଙ୍କ ଲାଣ୍ଡ ରୋଭର ଏକ ଟ୍ରକ୍‌କୁ ଧକ୍କାଦେବା ପରେ ଏହାର ପାର୍ଶ୍ୱକୁ ଗଡ଼ିଯାଇଥିଲା। ଉଡ୍ସଙ୍କର ବ୍ରିଥାଲାଇଜର ଟେଷ୍ଟ କରାଯାଇଥିଲା। ସେ ମଦ୍ୟପାନ କରି ନ ଥିବା ଜଣାପଡ଼ିଥିଲା। ମାତ୍ର ସେ ମୂତ୍ର ପରୀକ୍ଷାକୁ ମନା କରି ଦେଇଥିଲେ। ସେ କୌଣସି ନିଶାଦ୍ରବ୍ୟ ସେବନ କରିଥିବା ଅନୁମାନ କରାଯାଉଛି। ଫ୍ଲୋରିଡା ଆଇନ ଅନୁସାରେ ଜାମିନ ପାଇବା ପୂର୍ବରୁ ଜଣକୁ ଅତିକମ୍‌ରେ ୮ବର୍ଷେ ଜେଲ୍‌ରେ ରହିବାକୁ ପଡ଼ିବ। ଉଡ୍ସଙ୍କ ମ୍ୟାନେଜର ଏହି ଘଟଣା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହାନ୍ତି।



## କ୍ଲବ ଦି ରେଡ୍ ଷ୍ଟାର୍, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର ତା ୨୮।୩ (ବିଜୟ ରଣା)

ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇ ଟେକ୍ କଲେଜ ଖେଳପଡିଆରେ ଆରମ୍ଭ ହୋଇଛି। ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଶ୍ରୀ ଜୟଦେବ କ୍ରୀଡା ସଂଘ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ଉଇକେଟ ହରାଇ ୯୫ ରନ କରିଥିଲା। କ୍ଲବ ଦି ରେଡ୍ ଷ୍ଟାରର ସଫଳ ବୋଲର ମୃତ୍ୟୁଞ୍ଜୟ ଦାସ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୬ ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କ୍ଲବ ଦି ରେଡ ଷ୍ଟାର ୧୬ ଓଭରର ୬ ଉଇକେଟ ବିନିମୟରେ ୯୬ ରନ କରି ମ୍ୟାଚ ଜିତିଥିଲା। ଦଳର ଟପ୍ ସ୍କୋରର ଶ୍ରେୟଂଶ ବିଧାର ୩୪ ବଲରୁ ୩୪ ରନ କରିଥିଲେ। ବିପକ୍ଷ ଦଳର ବୋଲର ରୋହିତ ପାଲ ଓ ନିଲ ମହାନ୍ତି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ କ୍ଲବ ଦି ରେଡ୍ ଷ୍ଟାର ୪ ଉଇକେଟରେ ବିଜୟ ଲାଭ କରିଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ମୃତ୍ୟୁଞ୍ଜୟ ଦାସଙ୍କୁ ପୂର୍ବତନ କ୍ରିକେଟ ଖେଳାଳି ଓ କୋଚ ରାଧେଶ୍ୟାମ ନାୟକ ପୁରସ୍କୃତ କରିଥିଲେ ।

ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ସନ୍‌ସାଇନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ସ୍ୱାଇଁ ୧୫ବଲ୍‌ରୁ ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର ବୋଲର ଅଭାନ ମିଶ୍ର ୩ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୬.୩ ଓଭରରେ ୫ ଉଇକେଟ ବିନିମୟରେ ୧୧୬ ରନ କରି ନେଇଥିଲା। ଲିଓନିନ ମେହେର ୪୩ ବଲରେ ସର୍ବାଧିକ ୫୬ ରନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ୫ ଉଇକେଟରେ ବିଜୟ ଲାଭ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ଲିଓନିନ ମେହେରଙ୍କୁ ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ପୁରସ୍କୃତ କରିଥିଲେ। ଶନିବାର ଅତିଥି ଭାବରେ ଭାଜପା ନେତ୍ରୀ ତଥା ଓଡ଼ିଆ ସିନେମା ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀ, ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଗିରିଶ ମହାପାତ୍ର, ଜୟଦେବ କ୍ରୀଡ଼ା ସଂଘ ଉପସଭାପତି ବଲ୍ଲଭ ଚରଣ ସାହୁ ପ୍ରମୁଖ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ ।





# Classified Everyday

0674-2580101, 9692975378



MATRIMONIAL

## BRIDE WANTED

Wanted Software Engineer Bride for handsome Brahmin Boy 1997, 6'2", B.Tech, serving MNC Hyderabad "SUNASANSAR". 9937512659. D-3739

ବାହାଘର ପାଇଁ ପୋଲିସ ଝିଅ ଦରକାର। N6-44, I.R.C. Mo-7978120820 Kamala Das. D-3768

## GROOM WANTED

Wanted Service groom for beautiful Teli girl 1986, 5'5", Serving Manager reputed Hotel Bhubaneswar. 9078226280, "SUNASANSAR". 9937512659. D-3740

60 ବୟସ୍କା Pension Holder Widow ନିଜର Business କରୁଥିବା ଖଣ୍ଡାୟତ ଝିଅଙ୍କୁ ପୁଅ ଦରକାର। Urgent 8249280543. D-3770



REAL ESTATE

## SALE

**DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-249

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

Duplex 5BHK, 4000sqft. Construction, ready to move for sale at Laxmisagar, Bhubaneswar, Rs.3.33Cr only, Genuine Buyer, contact: 7894775333. D-3780

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**Limited CDA and RERA (RP/07/2023/01069) Approved Plot available near K.V-3 & CISF Munduli with all Infrastructure Development. Contact-7008513309.** D-3764

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

GA Colony ଭରତପୁରରେ Fully Developed Colony ମଝିରେ 2700 ବର୍ଗଫୁଟ ସ୍ଥିତିବାନ୍ Plot For sale. Owner-8917622925. D-3763

Ready to move 3BHK Duplex Bungalow, BOTANDA, SUNDARPADA, BHUBANESWAR, near SBI, Ranging: 1.18Cr. Contact: 9861125539, 9040521173. D-301

**ଭୁବନେଶ୍ୱର, ଫୁଲନଖରା ଛକ, ପାହାଲ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834.** D-3649

## LOST

ମୁଁ, ଯୁଗଳ କିଶୋର ନାୟକ. ପି: କୈଳାସ ଚନ୍ଦ୍ର ନାୟକ, ସା: ଡାକଢୋଲ, ପୋ: ଗାତେରି, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼ ଏହି ମାଧ୍ୟମରେ ଘୋଷଣା କରୁଛି ମୁଁ ମହିପୁରରୁ ନୂଆଗାଁ ବସ୍‌ରେ ଯାଉଥିବା ସମୟରେ ମୋର ମହିନ୍ଦ୍ରା ଫାଇନାନ୍ସରୁ ଆଣିଥିବା ଗାଡ଼ି ନଂ. OD 12-A-1183ର NOC ପେପରଟି ତା.୨୦।୦୩।୨୦୨୬ରିଖରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି, ଏହି ନମ୍ବରରେ ଯୋଗାଯୋଗ କରିବେ 9439347873. D-3772

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit No 1346 sworn before Executive Magistrate, Angul, dated 25.03.2026, I, Reena Devi Samal, Address: At- Kishoripal, P.O.- Kankili, Dist.- Angul, PIN- 759100 (Odisha) declare that I have changed my name from Reena Mohanty to Reena Devi Samal. Henceforth, I shall be known as Reena Devi Samal for all purposes.
Reena Devi Samal
D-3776

By virtue of an affidavit before Notary Public, Bhubaneswar, Sl. No.- 597, Dtd- 20.03.2026, I, SK RAHEMAT ALI, S/o- Sk Kamiruddin, At/P.O.- Indupur, P.S.- Nikirai, Dist.- Kendrapara declare that I have changed my name from ASHOK KUMAR to SK RAHEMAT ALI. Henceforth, I shall be known as SK RAHEMAT ALI for all porposes. D-3777

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ
ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Ghatagaon, Keonjhar, dated 22.12.2025, I, MANGILAL RATHI, Address: At/P.O.- Dhenkikote, Ghatagaon, Keonjhar declare that I have changed the name of my daughter from KIRTI to KIRTI RATHI. Henceforth, she shall be known as KIRTI RATHI for all purposes.
MANGILAL RATHI
D-3778

By virtue of an affidavit sworn before Executive Magistrate, Ghatagaon, Keonjhar, dated 22.12.2025, I, MANGILAL RATHI, Address: At/P.O.- Dhenkikote, Ghatagaon, Keonjhar declare that I have changed the name of my daughter from PURNIMA to PURNIMA RATHI. Henceforth, she shall be known as PURNIMA RATHI for all purposes.
MANGILAL RATHI
D-3779

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ନିରୁଦ୍ଦିଷ୍ଟ



ନାମ: ସଦନ ପେଣ୍ଡିଆ, ବୟସ-୫୫, ଉଚ୍ଚତା- ୫ଫୁଟ୍ ୬ଇଞ୍ଚ, ଶ୍ୟାମଳ ବର୍ଣ୍ଣ, ଗାଡ଼କଣ ନବୀନ ନଗର ଭୁବନେଶ୍ୱରରୁ ରବିବାର ଦିନ ୧୨ରୁ ନିଖୋଜ ଅଛନ୍ତି। ନିଜ ଘର କୁନ୍ଦୁରା ବ୍ଲକ୍ କୋରାପୁଟ ଜିଲ୍ଲା। ଲୋକଟିର ମାନସିକ ସ୍ଥିତି ଅସୁବିଧା ଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ଲୋକଙ୍କୁ କେଉଁଠି ଦେଖନ୍ତି, ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ଏହି ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ। 8018981080, 8658387366. D-3775

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଅଣଛାତ୍ରଙ୍କ ଗୁଳିମାଡ଼ ଅଭିଯୋଗ

## ସିନର୍ଜୀ କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜରେ ଶନିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦରୁ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଜଣେ ଅଣଛାତ୍ର କଲେଜ ମଧ୍ୟକୁ ପ୍ରବେଶ କରି ଗୋଟିଏ ଗୋଷ୍ଠୀର ତୃତୀୟବର୍ଷର ଛାତ୍ର ଝାଡ଼େଶ୍ୱର ମଲିକଙ୍କୁ ଆକ୍ରମଣ କରିଛନ୍ତି। ଏପରି କି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ଅଣଛାତ୍ର ଧରିଥିବା ବନ୍ଧୁକ ତଳମୁହାଁ ହୋଇ ଗୁଳି ଫୁଟିଥିବା ଝାଡ଼େଶ୍ୱର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଝାଡେଶ୍ୱରଙ୍କ ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଝାଡ଼େଶ୍ୱର ଏ ନେଇ ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।



ଟାଉନ ଥାନାରେ ଆହତ ଛାତ୍ର ଅଭିଯୋଗ କରୁଛନ୍ତି।

ଅଭିଯୋଗରେ ଝାଡ଼େଶ୍ୱର ଉଲ୍ଲେଖ କରିଛନ୍ତି, ସେ କଲେଜକୁ ସ୍କଲାରଶିପ୍ ବିଷୟରେ ବୁଝିବାକୁ ଆସିଥିଲେ। କ୍ୟାଣ୍ଟିନ ସମ୍ମୁଖରେ ସାଙ୍ଗମାନଙ୍କ ସହ କଥା ହେଉଥିବାବେଳେ କଲେଜର ଜଣେ ଶେଷବର୍ଷର ବିଏସ୍‌ସି ଛାତ୍ର ତାଙ୍କୁ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ କାମାକ୍ଷାନଗରରୁ ଆସିଥିବା ୨ଜଣ ଅଣଛାତ୍ରଙ୍କ ମଧ୍ୟରୁ ଜଣେ ବନ୍ଧୁକ ବାହାରକରି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିସହ ଗାଳିଗୁଲଜ ଓ ଧମକ ଦେଇ ପଳାଇଥିଲେ। ଖବରପାଇ ଟାଉନ ଥାନା ଅଧିକାରୀ ମଧୁସ୍ମିତା ନାଥଶର୍ମା ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ କଲେଜ ପ୍ରିନ୍ସିପାଲ ଡ. ମାତୃ ପ୍ରସାଦ ଦାଶ କହିଛନ୍ତି, ଲଞ୍ଚ ଟାଇମ୍‌ରେ ଗଣ୍ଡଗୋଳ ହୋଇଥିବାରୁ କିଏ ବାହାରୁ ଆସିଛନ୍ତି, ତାହା ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି। ଗୁଳିମାଡ଼ର ସତ୍ୟାସତ୍ୟ ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ଅଣଛାତ୍ର ପ୍ରବେଶ କରିବାର କିଛି ପ୍ରମାଣ ନାହିଁ। ବିଟେକ୍ ୱିଙ୍ଗ୍ ନିର୍ଦ୍ଦେଶିକା(ପ୍ରଶାସନ) ଡ. ଇତିଶ୍ରୀ ମହାନ୍ତି କହିଛନ୍ତି, ଘଟଣାବେଳେ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲି। କୌଣସି ଗୁଳିମାଡ଼ ହୋଇନାହିଁ। କେତେଜଣ କର୍ମଚାରୀ କହିଛନ୍ତି, ଗୁଳିଶବ୍ଦ ଶୁଣିନାହୁଁ। ବିଏସ୍‌ସି ଓ ବିଟେକ୍ ପିଲାଙ୍କ ମଧ୍ୟରେ କିଛି ଗଣ୍ଡଗୋଳ ହୋଇଛି। ପୋଲିସ ମଧ୍ୟ ପଚରାଉଚରା କରୁଛି। ଘଟଣାର ସମାଧାନ କରାଯିବ। ପିଲାମାନେ ମଧ୍ୟ କଲେଜ କର୍ତ୍ତୃପକ୍ଷଙ୍କୁ କୌଣସି ଅଭିଯୋଗ କରିନାହାନ୍ତି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୦୧/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଗୋପାଳ ସଭାପତି, ଟଙ୍କଧର ସମ୍ପାଦକ

## ଢେଙ୍କାନାଳ ଜିଲା ଓକିଲ ସଂଘ ନିର୍ବାଚନ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ନିର୍ବାଚନରେ ସଭାପତି ଗୋପାଳଚନ୍ଦ୍ର ପାତ୍ର ପୁନର୍ବାର ସଭାପତି ପଦବୀରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ପଦବୀରେ ଦ୍ୱିତୀକୃଷ୍ଣ ବରାଳ ଓ ସମ୍ପାଦକ ପଦବୀରେ ଟଙ୍କଧର ବେହେରା ବିଜୟୀ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର ନାରାୟଣ ରାଉତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ମଳୟ କୁମାର ପାଣିଗ୍ରାହୀ, କମଳା ସାହୁ ଓ ସାଇ କମଳିନୀ ପୃଷ୍ଟି ନିର୍ବାଚିତ ହୋଇଛନ୍ତି। ମୋଟ ୭୩୮ଜଣ ଭୋଟରଙ୍କ ମଧ୍ୟରୁ ୬୬୫ଜଣ ଭୋଟ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ବିଜୟୀ ସଭାପତି ପ୍ରାର୍ଥୀ ଗୋପାଳଚନ୍ଦ୍ର ପାତ୍ର ୪୩୨ଜଣ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୟ କୁମାର ମିଶ୍ର ୨୨୧ ଖଣ୍ଡ ଭୋଟ ପାଇଥିଲେ। ବରିଷ୍ଠ ଆଇନଜୀବୀ ଭାବଗ୍ରାହୀ ପଣ୍ଡା ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବାବେଳେ ଗୁପ୍ତେଶ୍ୱର ମିଶ୍ର, ମାଧୁରୀ ଦାସ, ମନୋଜ ମହାପାତ୍ର, ବନ ବିହାରୀ ପଣ୍ଡା, ବସୁନ୍ଧରା ଶରଣ, ସୁନୀଲ ଗଡ଼ନାୟକ, ହରେକୃଷ୍ଣ ଦାସ, ଶୋଭନ ମିଶ୍ର, ଶତ୍ରୁଘନ ରାଉତ ଓ ଅଶୋକ କୁମାର ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଢେଙ୍କାନାଳ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



୭୬ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି।

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ସହର ମାଣ୍ଡବାସାହିସ୍ଥିତ ଶ୍ରୀଶ୍ରୀ ଚୈତନ୍ୟ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ୭୬ତମ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୧୫ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନାମ ପରିବେଷଣ କରିଥିଲେ। ମୁଖ୍ୟ ପୂଜକ ଜଗନ୍ନାଥ ତ୍ରିପାଠୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାପନ କରାଯାଇଥିଲା। ସଭାପତି ପ୍ରାଣବନ୍ଧୁ ସାହୁ, ସମ୍ପାଦକ ଚିତ୍ରାନନ୍ଦ ସାହୁ, ଉପସଭାପତି ରଞ୍ଜନ କୁମାର ଦାସ, ସହ ସମ୍ପାଦକ ଚିନ୍ମୟ ସାହୁ, କୋଷାଧ୍ୟକ୍ଷ ସଂଗ୍ରାମ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନିରାକାର ସାହୁଙ୍କ ଦ୍ୱାରା ଦଧିହାଣ୍ଡି ଭଙ୍ଗା ଯାଇଥିଲା। ନୃସିଂହ ଚରଣ ସାହୁ ଓ ବିଷ୍ଣୁ ଚରଣ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମହୋତ୍ସବରେ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଦୁଇଦିନ ଧରି ଭକ୍ତମାନେ ପ୍ରସାଦସେବନ କରିଥିଲେ।

# କପିଳାସ ମନ୍ଦିର ପରିସରରେ ଭାଙ୍ଗିପଡ଼ିଲା ଗଛ

## ଅଳ୍ପକେ ବର୍ତ୍ତିଲେ ଶ୍ରଦ୍ଧାଳୁ

ଗଁଦିଆ,୨୮।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମନ୍ଦିର ପରିସରରେ ଶନିବାର ଅପରାହ୍ନରେ ଏକ ବଡ଼ ଆମ୍ବଗଛ ହଠାତ୍ ଭାଙ୍ଗି ପଡିଥିଲା। ହେଲେ ଦର୍ଶନ କରିବାକୁ ଯାଇଥବା ଶ୍ରଦ୍ଧାଳୁମାନେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ମନ୍ଦିର ଭୋଗ ମଣ୍ଡପ ନିକଟରେ ଥିବା ଆମ୍ବ ଗଛଟି ବହୁ ପୁରୁଣା ହୋଇଥିବାରୁ ହଠାତ୍ ଭାଙ୍ଗି ପଡିଥିଲା। ଗଛଟି ପଡିବା ବେଳେ ପ୍ରଚଣ୍ଡ ଶବ୍ଦ ହେବାରୁ ମନ୍ଦିର ପରିସରରେ ଥିବା ଶ୍ରଦ୍ଧାଳୁ ଓ ପୂଜକମାନେ ଭୟଭୀତ ହୋଇ ଏପଟ ସେପଟ ଦୌଡ଼ିବାକୁ ଲାଗିଥିଲେ। ହେଲେ ଏଥିରେ କାହାର କୌଣସି କ୍ଷତ ହୋଇ ନ ଥିବା ଜଣାପଡିଛି।



କପିଳାସ ଭୋଗ ମଣ୍ଡପ ନିକଟରେ ଭାଙ୍ଗି ପଡିଥିବା ଗଛ।

ଘଟଣା ପରେ ପ୍ରତ୍ନତତ୍ତ୍ୱ ବିଭାଗ ଓ ଦେବୋତ୍ତର ବିଭାଗର କର୍ମଚାରୀମାନେ ମେଶିନ ସାହାଯ୍ୟରେ ତୁରନ୍ତ ଗଛଟିକୁ କାଟି ସେହି ସ୍ଥାନକୁ ସଫା କରିଥିବା ଜଣାପଡିଛି। ଏହାପରେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିଥିଲେ।

# ନୂଆଗାଁ ଗ୍ରାମରେ ଶ୍ରୀରାମ ନବମୀ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ନୂଆଗାଁ ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ ମହାଆଡମ୍ବର ସହିତ ପାଳିତ ହୋଇଯାଇଛି। ସକାଳ ସମୟରେ ଠାକୁରଙ୍କ ନୀତିକାନ୍ତି ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟା ସମୟରେ ସନ୍ଧ୍ୟାଧୂପ ସହିତ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ନିଆଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ଗ୍ରାମବାସୀ ଘର ଆଗରେ ଝୋଟି ପକାଇ କଳସ ବସାଇ ବନ୍ଦାପନା କରିଥିଲେ। ନୂଆଗାଁ ଗ୍ରାମ ସଭାପତି ଆର୍ତ୍ତବନ୍ଧୁ ମଲିକ, ବିନୋଦ ବରାଳ, ବଳଭଦ୍ର ପରିଡା, ଧ୍ରୁବଚରଣ ବେହେରା, ସମାଜସେବୀ ସନ୍ତୋଷ କୁମାର ଭୂୟାଁ, ପ୍ରସନ୍ନ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି ଅବସରରେ ରାତ୍ରି ସମୟରେ ଅପେରା ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା।

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ



ଏଏପିର ପ୍ରସ୍ତୁତି ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ଜିଲାରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟିର ପ୍ରସ୍ତୁତି ବୈଠକ ରାଜ୍ୟ ନେତୃବୃନ୍ଦଙ୍କ ସହ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଏବଂ ଓଡ଼ିଶା ପ୍ରଭାରୀ ଦିଲ୍ଲୀର ଏଏପି ବିଧାୟକ ବୀରେନ୍ଦ୍ର ସିଂ କାଡିଆନଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଆଲୋଚନାରେ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଢେଙ୍କାନାଳର ଏଏପି ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଭୁବନରେ ଶ୍ରୀରାମ ନବମୀ



ରାମ, ଲକ୍ଷ୍ମଣ, ସୀତାଙ୍କ ବେଶରେ କୁନିକୁନି ପିଲାଙ୍କ ସହ କର୍ମକର୍ତ୍ତାମାନେ।

ଭୁବନ,୨୮।୩( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ଶୁକ୍ରବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଭୁବନ ରାମ ମନ୍ଦିର ପରିସରରେ ସକାଳୁ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଶ୍ରୀରାମ ନବମୀ ମହୋତ୍ସବ କମିଟିର ସଦସ୍ୟ ପ୍ରଭୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶରେ କୁନିକୁନି ପିଲାଙ୍କୁ ସୁସଜ୍ଜିତ କରି ସହର ପରିକ୍ରମା କରାଇଥିଲେ। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଭୁବନ ଭାଜପା ମଣ୍ଡଳ ସଭାପତି ଅଜିତ କୁମାର ଦିହରୀ, ଭୁବନ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଓ ଢେଙ୍କାନାଳ ଭୁବନର ରାମ ନବମୀ ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଭୁବନର ବରିଷ୍ଠ ସଦସ୍ୟ ଦିଲୀପ କୁମାର ଦାସ, ସନ୍ତୋଷ କୁମାର ବିହରୀ, ମଳୟ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ରଞ୍ଜନ ସଭାପତି, ପ୍ରଶାନ୍ତ ସମ୍ପାଦକ

## କାମାକ୍ଷାନଗର ଓକିଲ ସଂଘ ନିର୍ବାଚନ

କାମାକ୍ଷାନଗର,୨୮।୩
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୨୨୬ ଭୋଟରଙ୍କ ମଧ୍ୟରୁ ୨୦୨ଜଣ ଭୋଟ ଦେଇଥିଲେ। ସଭାପତି ପଦବୀ ପାଇଁ ରଞ୍ଜନ କୁମାର ରାଉତ ଓ ପବିତ୍ର ମୋହନ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ରଞ୍ଜନ ବିଜୟଲାଭ କରିଥିଲେ। ଉପସଭାପତି ପଦ ପାଇଁ ସଞ୍ଜୀବ କୁମାର ବେହେରା ଓ ଅରୁଣ କୁମାର ନନ୍ଦଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ଅରୁଣ ବିଜୟୀ ହୋଇଥିଲେ। ସମ୍ପାଦକ ପଦବୀ ପାଇଁ ଅଜିତ୍ ତ୍ରିପାଠୀ ଓ ପ୍ରଶାନ୍ତ ପାଣି ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ପ୍ରଶାନ୍ତ ପାଣି ବିଜୟ ହାସଲ କରିଥିଲେ।



ଅରୁଣ କୁମାର ନନ୍ଦ, ରଞ୍ଜନ କୁମାର ରାଉତ ଓ ପ୍ରଶାନ୍ତ ପାଣି।

ସହ ସମ୍ପାଦକ ପଦବୀରେ ଜମାଲ ହୁସେନ ଖାଁ ଓ ଲାଇବ୍ରେରୀ ପାଇଁ ଅଭୟ କୁମାର ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଅବିନାଶ ମିଶ୍ର, ପ୍ରଭୁ ପ୍ରସାଦ ତ୍ରିପାଠୀ, ରାଜଶ୍ରୀ ନାଏକ, ସଞ୍ଜୀବ କିଶୋର ପଣ୍ଡା ଓ ସୁଧାଂଶୁ ରଞ୍ଜନ ବରାଳ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଅଯୋଧ୍ୟା ପ୍ରସାଦ ଶତପଥୀ ନିର୍ବାଚନ ପରିଚାଳନା କରିଥିବାବେଳେ ଚୈତନ୍ୟ ନାୟକ ଓ ନର୍ମଳ ସାମଲ ସହଯୋଗ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତନେଇ ଭାଜପାର ପ୍ରସ୍ତୁତି

ଆଠମଲ୍ଲିକ,୨୮।୩ (ଉଦୀପ୍ତ ପୁରୋହିତ)

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୩୧ ତାରିଖରେ ଆଠମଲ୍ଲିକ ଗସ୍ତରେ ଆସୁଥିବାରୁ ଭାଜପା ତରଫରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ କର୍ମକର୍ତ୍ତାଙ୍କୁ ନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ସମସ୍ତେ ମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ନଗର ପ୍ରତିନିଧି ସନ୍ତୋଷ ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଜିଲା ଉପସଭାନେତ୍ରୀ ଅଞ୍ଜଳି ପ୍ରଧାନ, ବରିଷ୍ଠ ଭାଜପା ନେତା ପରେଶ ଦେଓ, ସତ୍ୟବ୍ରତ ସାହୁ, ଚିତ୍ତରଞ୍ଜନ ମେହେର, ଅନ୍ତର୍ଯ୍ୟାମୀ ମହାକୁଡ଼, ରତ୍ନାକର ପ୍ରଧାନ, ମନୋଜ ପ୍ରଧାନ, ପିନା ପାଣିଗ୍ରାହୀ, ଓମ୍ ପ୍ରକାଶ ସାହୁଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ। ସୂଚନା ଥାଉ କି, ମନ୍ତ୍ରୀଙ୍କ ଗସ୍ତ ସମୟରେ ଆଠମଲ୍ଲିକ ଅଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟର ଶୁଭ ଉଦଘାଟନ ଓ ଭୂମିପୂଜା ହେବାର ସ୍ଥିରୀକୃତ ହୋଇଛି।

# ନିରଞ୍ଜନ ସଭାପତି, ପ୍ରହ୍ଲାଦ ସମ୍ପାଦକ ନିର୍ବାଚିତ

## ଭୁବନ ଜେଏମ୍‌ଏଫ୍‌ସି କୋର୍ଟ ଓକିଲ ସଂଘ ନିର୍ବାଚନ

ଭୁବନ,୨୮।୩( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ (ଜେଏମ୍‌ଏଫ୍‌ସି) ଓକିଲ ସଂଘର ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଯାଇଛି। ଏଥିରେ ସଭାପତି ଓ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଅନ୍ୟ ପଦବୀଗୁଡ଼ିକରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟ ଲାଭ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଦିବାକର ଦାସ ଦାୟିତ୍ୱ ତୁଲାଇ ଥିଲେ। ସଭାପତି ପଦବୀ ପାଇଁ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ନିରଞ୍ଜନ ଜେଠୀ ବିଜୟ ଲାଭ କରିଥିଲେ। ସେହିପରି ସମ୍ପାଦକ ପଦବୀ ପାଇଁ ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ପ୍ରହ୍ଲାଦ ସାହୁ ବିଜୟ ଲାଭ କରିଥିଲେ। ଉପସଭାପତି ଦୀପକ କୁମାର ରାଉତ, କୋଷାଧ୍ୟକ୍ଷ କେଶବଚନ୍ଦ୍ର ପଣ୍ଡା ଓ ଏକ୍‌ଜିକ୍ୟୁଟିଭ୍ ଭାବେ ହିମାଂଶୁ ଶେଖର ଜେନା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଏହି ଅବସରରେ ଓକିଲ ସଂଘ ମହଲରେ ଖୁସିର ଲହରି ଖେଳି ଯାଇଥିଲା। ସମସ୍ତଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।




ଭୁବନ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

# ସାମୂହିକ ହନୁମାନ ଚାଳିଶା ପଠନ

ଆଠମଲ୍ଲିକ,୨୮।୩ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ପୋଲିସ ବନ୍ଧ ନିକଟରେ ନବ ନିର୍ମିତ ଶ୍ରୀ ରଘୁନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବର ଷଷ୍ଠ ଦିନରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ପଣ୍ଡିତ ଭାବରେ ଜିତେନ୍ଦ୍ର ନାରାୟଣ ପାଢ଼ୀ, ପଣ୍ଡିତ ତୁଷାରକାନ୍ତ ମହାପାତ୍ର, ଚିତ୍ତ ରଞ୍ଜନ ତ୍ରିପାଠୀ,ଅକ୍ଷୟ କୁମାର ମିଶ୍ର,ତରୁଣ କୁମାର ଦାଶ ପ୍ରମୁଖ ହନୁମାନ ଚାଳିଶା ପାଠ କରିଥିଲେ। ପ୍ରଥମରେ ପ୍ରଭୁ ରଘୁନାଥଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ରୀତିନୀତି କରାଯାଇ ହନୁମାନ ଚାଳିଶା ପଠନର ଶୁଭାରମ୍ଭ କରାଯାଇଥିଲା। ଏହି ପଠନ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ହୋତା, ନିହାର ହୋତା, ଚିରଞ୍ଜୀବ ମିଶ୍ର, ମନୀଷା ହୋତା, ପିନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପଠନରେ ସହଯୋଗ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା।

# 'କଳାକାର ସମାଜ ପରିବର୍ତ୍ତନର ମୁଖ୍ୟ କର୍ଣ୍ଣଧାର'



ଭୁବନ,୨୮।୩( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ କଳାପରିଷଦ ପକ୍ଷରୁ ଶୁକ୍ରବାର ବିଶ୍ୱନାଟ୍ୟ ଦିବସ ପାଳିତ ହୋଇଯାଇଛି। କଳା ପରିଷଦର ସଭାପତି ଦିଲୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ କଳାକାର ସମୀର ସାହୁ ଯୋଗଦେଇ କଳାକାର ସମାଜର ମୁଖ୍ୟ କର୍ଣ୍ଣଧାର ହୋଇ ସମାଜକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ସେନାପତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶାର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର ପରିଚାଳନା କରିଥିଲେ। ଏଥିରେ ଅଞ୍ଚଳର ସମସ୍ତ କଳାକାର ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନ ଅଞ୍ଚଳର ବର୍ଷିଆନ କଳାକାର ସଦାଶିବ ନାୟକ ଓ କୋଦଣ୍ଡଧର ପୋଥାଳଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଳା ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍‌ସିବିର ସହଜ ବିଜୟ


ବିରାଟ କୋହଲି

**ବେଙ୍ଗାଲୁରୁ,୨୮।୩**

ଆଇପିଏଲ୍‌ର ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହଜରେ ୬ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଗତ ବର୍ଷ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ଆର୍‌ସିବି ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଏସ୍‌ଆର୍‌ଏଚ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୨୯ ରନ ମଧ୍ୟରେ ଟ୍ରାଭିସ ହେଡ୍ (୧୧), ଅଭିଷେକ ଶର୍ମା (୭), ନୀତୀଶ କୁମାର ରେଡ୍ଡୀ (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଇଶାନ କିଶନ ଓ ହେନରିକ କ୍ଲାସେନ ଚତୁର୍ଥ ଉଇକେଟରେ ୫୩ ବଲରେ ୯୭ ରନର ପାର୍ଟନରଶିପ କରିଥିଲେ। କ୍ଲାସେନ ୩୧ (୨ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବାବେଳେ ୧୬ତମ ଓଭରରେ ବାଉଣ୍ଡ୍ରି ଲାଇନରେ ସଲ୍ଟଙ୍କ ଏକ ଚମତ୍କାର କ୍ୟାଚ୍ ଯୋଗୁ କିଶନଙ୍କ ଇନିଂସର ଅନ୍ତ ଘଟିଥିଲା। ସେ ୩୮ ବଲରେ ୮୦ (୮ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅନିକେତ ବର୍ମାଙ୍କ ୧୮ ବଲରେ ବିସ୍ଫୋରକ ୪୩ (୩ ଚୌକା ଓ ୪ ଛକା) ରନର ପାଳି ଖେଳିଥିଲେ। ଫଳରେ ଏସ୍‌ଆର୍‌ଏଚ୍ ୨୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ଆର୍‌ସିବି ୧୫.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ କରିନେଇଥିଲା। ଦଳ ପାଇଁ ବିରାଟ କୋହଲି ୩୮ ବଲରେ ଅପରାଜିତ ୬୯ (୫ ଲେଖାଏ ଚୌକା ଓ ଛକା) ଓ ଦେବଦତ୍ତ ପଡିକଲ ୨୬ ବଲରେ ୬୧ (୭ ଚୌକା ଓ ୪ ଛକା) ରନ କରିଥିଲେ। ଅନ୍ୟମାନଙ୍କ ଅଧିନାୟକ ରଜତ ପଟିଦାର ୧୨ ବଲରେ ୩୧ (୨ ଚୌକା ଓ ୩ ଛକା) ଓ ଟିମ ଡେଭିଡ୍ ଅପରାଜିତ ୧୬ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ୍: ୨୦ ଓଭରରେ ୨୦୧/୯(ଇଶାନ କିଶନ-୮୦, ଅନିକେତ ବର୍ମା-୪୩, ହେନରିକ କ୍ଲାସେନ-୩୧,ଜେକବ ଡଫି-୩/୨୨, ରୋମାରିଓ ଶେଫର୍ଡ-୩/୫୪)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୫.୪ ଓଭରରେ ୨୦୩/୪(ବିରାଟ କୋହଲି-୬୯*, ଦେବଦତ୍ତ ପଡିକଲ-୬୧, ରଜତ ପଟିଦାର-୩୧, ଡେଭିଡ ପେନ-୨/୩୫)।

**ଆଜିର ଆଇପିଏଲ୍ ମ୍ୟାଚ୍**

ମୁମ୍ବାଇ ବନାମ କେକେଆର୍
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟିନି

**ଢାକା,୨୮।୩**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରସାରଣ ଉପରୁ ବାଂଲାଦେଶରେ ବ୍ୟାନ ହଟାଯାଇଥିବା ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍ ପ୍ରସାରଣ ଉପରେ ଲଗାଯାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଥିବା ଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବାଂଲାଦେଶ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ପୂର୍ବ ସରକାର ଲଗାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଛି। ଏ ସଂକ୍ରାନ୍ତରେ ଗତ ୨୫ ତାରିଖରେ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ପ୍ରତିକ୍ରିୟା ରଖିବାକୁ ଚିଠି କରାଯାଇଥିଲା। ଏହାର ପ୍ରତିକ୍ରିୟା ଉପରେ ପରବର୍ତ୍ତୀ ନିଷ୍ପତ୍ତି ନିର୍ଭର କରେ। ପୂର୍ବରୁ ପ୍ରକାଶ ପାଇଥିବା କିଛି ଗଣମାଧ୍ୟମ ରିପୋର୍ଟରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟାଯାଇଥିବା ଦାବି କରାଯାଇଥିଲା। ରିପୋର୍ଟରେ ନବ ନିଯୁକ୍ତ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ ଏକ ସାକ୍ଷାତ୍‌କାରରେ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଆମ ଦେଶରେ ଆଇପିଏଲ୍ ପ୍ରସାରଣ ଲାଗି କେହି ଆବେଦନ କରି ନାହାନ୍ତି। ଆମେ କ୍ରୀଡ଼ାରେ ରାଜନୀତିକୁ ସାମିଲ କରିବାକୁ ଚାହୁଁନୁ।

# ଆଇପିଏଲ୍‌ର ପ୍ରଥମ ଦୁଇ ସପ୍ତାହ ଖେଳିବେନି ଧୋନୀ

**ନୂଆଦିଲ୍ଲୀ, ୨୮।୩ (ପି.ଟି.)**

ପେଣ୍ଡାରେ ଇଞ୍ଜୁରୀ ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଆଇକନ୍ ଏମ୍‌ଏସ୍ ଧୋନୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ ଦୁଇ ସପ୍ତାହ ଖେଳିପାରିବେନି। ପେଣ୍ଡାରେ ଯନ୍ତ୍ରଣା ଯୋଗୁ ସେ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଧୋନୀ ଆଇପିଏଲ୍‌ରେ ତାଙ୍କ ଖେଳ ଜାରି ରଖିଛନ୍ତି। ପ୍ରତ୍ୟେକ ସିଜନରେ ସିଏସ୍‌କେର ଅଭିଯାନ ପରେ ଆଇପିଏଲ୍‌ରେ ଏହି ୪୪ ବର୍ଷୀୟ କ୍ରିକେଟରଙ୍କ ଭବିଷ୍ୟତକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। ମ୍ୟାଚ୍ ଫିଟ୍‌ନେସ ବଜାୟ ରଖିବା ତାଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି। ଋତୁରାଜ ଗାଏକ୍ୱାଡ୍ ଯଦିଓ ଦଳର ଅଧିନାୟକ ଅଛନ୍ତି, ପ୍ରଚ୍ଛଦ ପଟେ ପ୍ରକୃତରେ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି। ୨୦୦୮ରୁ ସେ ଦଳ ସହିତ ଅଛନ୍ତି। ଗତ ଆଇପିଏଲ୍‌ରେ ଧୋନୀ ୧୪ଟି ଗେମ୍ ଖେଳିଛନ୍ତି ଏବଂ ଫିନିଶର ଭୂମିକାରେ ବ୍ୟାଟିଂ ଅର୍ଡରରେ ସେ ଲୋୟର ଡାଉନ୍‌ରେ ଖେଳିଥିଲେ। ୨୦୨୩ରେ ଆଣ୍ଠୁରେ ଇଞ୍ଜୁରୀ ପାଇଁ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଛି। ମାର୍ଚ୍ଚ ୩୦ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳି ସିଏସ୍‌କେ ଆଇପିଏଲ୍ ୨୦୨୬ରେ ଏହାର ଅଭିଯାନ ଆରମ୍ଭ କରିବ।


ଏମ୍‌ଏସ୍ ଧୋନୀ




# ଭୁବନେଶ୍ୱର ଚାମ୍ପିୟନ, ଖୋର୍ଦ୍ଧା ରନରଅପ୍


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ, ରନରଅପ୍ ଦଳର ଖେଳାଳି।

**ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ**

**ଭୁବନେଶ୍ୱର,୨୮।୩(ଅନାଦି କର)**

ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ (କେଡିବିଏ) ଦ୍ୱାରା ଆୟୋଜିତ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ୪୮-୩୦ ବ୍ୟବଧାନରେ ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କ୍ଲବ ଦି ଏଣ୍ଟରଟେନମେଣ୍ଟ ୩୬-୨୦ ବ୍ୟବଧାନରେ ଜିଜିଏସ୍‌ଏସ୍‌କୁ ପରାସ୍ତ କରିଥିଲା। ଚାମ୍ପିୟନ, ରନରଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ସହ ଯଥାକ୍ରମେ ୫, ୩, ୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ସ୍ପିକର ସୁରମା ପାଢ଼ି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ସିତାମଣୀ ଟୁଡୁ, ଓଡ଼ିଶା ବାସ୍କେଟବଲ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ, ସଭାପତି ଜ୍ଞାନରଞ୍ଜନ ପରିଡ଼ା, ପ୍ରଶାନ୍ତ କୁମାର ନାୟକ ଓ ଆର୍‌ପି ପାଣି ଉପସ୍ଥିତ ଥିଲେ।

# ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିଶନ

**ସୁଜୁକା(ଜାପାନ), ୨୮।୩(ଏପି):** ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ରବିବାର ହେବାକୁଥିବା ଜାପାନିଜ୍ ଫର୍ମୁଲା-୧ ଗ୍ରାଁ.ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଦୁଇ ସପ୍ତାହ ପୂର୍ବେ ସେ ଚାଇନିଜ୍ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ସହ ତାଙ୍କ କ୍ୟାରିୟରର ପ୍ରଥମ ରେସ୍ ଜିତିଥିଲେ। ସେଣ୍ଟ୍ରାଲ ଜାପାନସ୍ଥିତ ସୁଜୁକା ସର୍କିଟ୍‌ରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ୧୯ ବର୍ଷୀୟ ଆଣ୍ଟୋନେଲି ୫.୮କି.ମି(୩.୬ ମାଇଲ୍) ଦୂରତାକୁ ୧ ମିନିଟ୍ ୨୮.୭୭୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ରବିବାର ତାଙ୍କ ସହ ରେସ୍ ଆରମ୍ଭ କରିବେ। ରସେଲ ଅଷ୍ଟ୍ରେଲିଆରେ ସିଜନର ପ୍ରଥମ ରେସ୍‌ରେ ବିଜୟ ଲାଭ କରିଥିଲେ। ସେଠାରେ ମଧ୍ୟ ସେ ପୋଲ୍ ପୋଜିଶନ ହାସଲ କରିଥିଲେ। ୨୦୨୬ ଆରମ୍ଭରୁ ମର୍ସିଡିଜ୍ ତା'ର ଆଧିପତ୍ୟ ବିସ୍ତାର କରିଛି। ସିଜନରେ ଏପର୍ଯ୍ୟନ୍ତ ଗୋଟିଏହେଲେ ରେସ୍ ଆରମ୍ଭ କରି ନ ଥିବା ମ୍ୟାକ୍‌ଲରେନର ଓସ୍କାର ପିଆଷ୍ଟ୍ରି ଫେରାରିର ଚାର୍ଲ୍ସ ଲେକ୍‌ଲେରେକ୍‌ଙ୍କ ସହ ଦ୍ୱିତୀୟ ଧାଡ଼ିରେ ସେମାନଙ୍କ ରେସ୍ ଆରମ୍ଭ କରିବେ। ସେହିପରି ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଫେରାରିର ଲୁଇସ୍ ହାମିଲଟନ୍‌ଙ୍କ ସହ ତୃତୀୟ ଧାଡ଼ିରୁ ରେସ୍ ଆରମ୍ଭ କରିବେ। ଆଣ୍ଟୋନେଲି କହିଛନ୍ତି, କ୍ୱାଲିଫାଇଂ ସେସନ ତାଙ୍କ ପାଇଁ ଖୁବ୍ ଭଲ ଥିଲା। ସେ ତାଙ୍କ କାର୍ ସହ ଖୁବ୍ ସହଜ ଅନୁଭବ କରୁଛନ୍ତି। ବର୍ତ୍ତମାନ ସେମାନଙ୍କ ଧ୍ୟାନ ରବିବାର ରେସ୍ ଉପରେ ରହିଛି। କ୍ରମାଗତ ଦ୍ୱିତୀୟ ରେସ୍‌ରେ ଇଟାଲୀର ଏହି ଯୁବ ଡ୍ରାଇଭର ଅନୁଭବି ବ୍ରିଟିଶ୍ ଡ୍ରାଇଭରଙ୍କୁ ପଛରେ ପକାଇ ଦେଇଛନ୍ତି।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ